# ଧରିତ୍ରୀ DHARITRI

୪୯ | 49

ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୨୯/୨୦୨୨ (୧୬ ପୃଷ୍ଠା) | Dhenkanal, Tuesday, November 29/2022 | Page 16 | ₹ 7.00 | ★★★★★

୧୮ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul | VOLUME 18 ISSUE 281 | ମୂଲ୍ୟ ₹୭/-




**ବିଶ୍ୱରେକର୍ଡ କଲେ ଋତୁରାଜ**

ବିଜୟ ହଜାରେ ଟ୍ରଫିରେ ଗୋଟିଏ ଓଭରରେ ୪୩ ରନ୍ ସଂଗ୍ରହ କର ବିଶ୍ୱରେକର୍ଡ କରିଛନ୍ତି ମହାରାଷ୍ଟ୍ର ଅଧିନାୟକ ଋତୁରାଜ ଗାଏକ୍ୱାଡ୍।

୧୬

୧୧

**ସାହସୀ ଝିଅ ଶ୍ରଦ୍ଧା**

ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଜମ୍ମୁ-କଶ୍ମୀରର ରୁଖସାନାଙ୍କ ଚରିତ୍ରରେ ଅଭିନୟ କରିବେ ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର।



## ଏସ୍‌ଡିଜେଏମ୍‌ଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ

- କାବୁ କଲେ କର୍ମଚାରୀ, ଅଭିଯୁକ୍ତ ଗିରଫ
- କୋର୍ଟରେ ଆଜିଠାରୁ ପୋଲିସ ମୁତୟନ

ବ୍ରହ୍ମପୁର ଅଫିସ,୨୮।୧୧



ଗିରଫ ଅଭିଯୁକ୍ତ



ଜବତ ଛୁରି

ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଥିବା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସୋମବାର ଅପରାହ୍ଣରେ ଜଣେ ବ୍ୟକ୍ତିଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ବ୍ୟକ୍ତି ଜଣଙ୍କ କୋର୍ଟ ଭିତରେ ପଶି ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଏସ୍‌ଡିଜେଏମ୍) ପ୍ରଜ୍ଞାପରମିତା ପ୍ରତିହାରୀଙ୍କୁ ଛୁରି ଦେଖାଇ ହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି ତୁରନ୍ତ ତାଙ୍କୁ କୋର୍ଟ କର୍ମଚାରୀମାନେ କାବୁ କରିବା ସହ ତାଙ୍କ ପାଖରୁ ଏକ ଛୁରି ଜବତ କରିଥିଲେ। ଅଭିଯୁକ୍ତ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜେମାଦେଇସାହିର ଭଗବାନ ସାହୁ। ବୈଦ୍ୟନାଥପୁର ଥାନାରେ ତାଙ୍କ ନାମରେ ନଂ.୪୧୫/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଖବର ପାଇ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣ ବିବେକ ଏମ୍. ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅଭିଯୁକ୍ତ ଭଗବାନଙ୍କୁ ଗିରଫ କରାଯାଇଥିବା ବେଳେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ବିଚାରପତି ଓ ମାଜିଷ୍ଟ୍ରେଟ୍‌ଙ୍କ ସୁରକ୍ଷା ପାଇଁ ମଙ୍ଗଳବାରଠାରୁ କୋର୍ଟରେ ପୋଲିସ ମୁତୟନ କରାଯିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ଏସ୍‌ଡିଜେଏମ୍‌ଙ୍କୁ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପ୍ରାଥମିକ ଅନୁସନ୍ଧାନରୁ ଅଭିଯୁକ୍ତ ଭଗବାନଙ୍କ ବିରୋଧରେ ପୂର୍ବରୁ ଥିବା ମାମଲାଗୁଡ଼ିକର ବିଚାରରେ ବିଳମ୍ବ ଘଟୁଥିବାରୁ ସେ କୋର୍ଟ ଭିତରେ ପଶି ଏଭଳି କାଣ୍ଡ କରିଥିବା ସନ୍ଦେହ କରାଯାଉଛି।

ପ୍ରକାଶ ଯେ, ଅଭିଯୁକ୍ତ ଭଗବାନଙ୍କ ନାମରେ ବ୍ରହ୍ମପୁର ବଡ଼ବଜାର ଥାନାରେ ୩ଟି ମାମଲା ରହିଥିବା ବେଳେ ବୈଦ୍ୟନାଥପୁର ଥାନାରେ ଗୋଟିଏ ମାମଲା ଥିବା ଜଣାପଡ଼ିଛି। କିଛିଦିନ ତଳେ ଭଗବାନ ଜାମିନରେ ଆସି ପୁଣି ଏଭଳି କାଣ୍ଡ ଘଟାଇଛନ୍ତି।

# ଆନ୍ଦୋଳନକାରୀଙ୍କ ଲାଇସେନ୍ସ ବାତିଲ କର

## ଶତ ପ୍ରତିଶତ କାମ ଦରକାର, ଏହାର ବିକଳ୍ପ ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୮।୧୧ (ପି.ଟି./ସ୍ୱ.ପ୍ର.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ କୋର୍ଟ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ ଚଳାଇଥିବା ଓକିଲମାନଙ୍କୁ ଝଟକା ଲାଗିଛି। ଏଭଳି ଆନ୍ଦୋଳନକୁ ନେଇ ସର୍ବୋଚ୍ଚ ଅଦାଲତ ସୋମବାର କ୍ଷୋଭ ପ୍ରକାଶ କରିବା ସହ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୋର୍ଟ କାର୍ଯ୍ୟ ଶତ ପ୍ରତିଶତ ହେବା ଦରକାର। ଏହାର କୌଣସି ବିକଳ୍ପ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିବା ସହ ଆନ୍ଦୋଳନକାରୀ ଓକିଲମାନଙ୍କ ଲାଇସେନ୍ସ ବାତିଲ କରିବାକୁ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ଆବେଦନ ଉପରେ ଶୁଣାଣି କରୁଥିବା ଖଣ୍ଡପୀଠ ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ଜଷ୍ଟିସ ଅଭୟ ଏସ୍. ଓକା ଉପରୋକ୍ତ ନିର୍ଦ୍ଦେଶ ଦେବା ସହ କୋର୍ଟ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବା ଭଳି ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ନ୍ୟାୟିକ ଅଧିକାରୀ, କର୍ମଚାରୀ, ମହକିଲମାନଙ୍କୁ କୋର୍ଟ ପରିସରକୁ ଯିବା ଏବଂ ଫେରିବା ବେଳେ ସୁରକ୍ଷା ଦେବା ନିମନ୍ତେ ପୋଲିସ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆନ୍ଦୋଳନକାରୀ ଓକିଲମାନେ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ସେମାନଙ୍କ ଲାଇସେନ୍ସ ବାତିଲ କରାଯିବ। ଯେଉଁ ଓକିଲ କିମ୍ବା ସାଧାରଣ ଲୋକେ ନିଜ ମାମଲା ଲଢ଼ିବାକୁ ଚାହିଁବେ, ସେମାନଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

ସୂଚନାଥାଉ କି, ଓଡ଼ିଶାର ବିଭିନ୍ନ ଜିଲା ବାର୍ ଆସୋସିଏଶନ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଖଣ୍ଡପୀଠ ଗତ ୧୪ ତାରିଖରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ୧୬ ତାରିଖ ସୁଦ୍ଧା ଆନ୍ଦୋଳନ ପ୍ରତ୍ୟାହାର ନ କଲେ ଓକିଲମାନଙ୍କ ଲାଇସେନ୍ସ ରଦ୍ଦ ☞ପୃଷ୍ଠା-୪



**ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନକୁ ଝଟକା**

## ନିର୍ଦ୍ଦେଶନାମା ପାଇବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା

ସମ୍ବଲପୁର,୨୮।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟା ଅନୁଷ୍ଠାନ କମିଟି (ସିଏସି) ଓ ସମ୍ବଲପୁର ନାଗରିକ କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ସୁପ୍ରିମକୋର୍ଟରେ ପକ୍ଷ ରଖାଯାଇଥିଲା। ସୋମବାର ସୁପ୍ରିମକୋର୍ଟଙ୍କ ରାୟ ଉପରେ ସିଏସି ଓ ନାଗରିକ କ୍ରିୟା ଅନୁଷ୍ଠାନ କମିଟି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ହସ୍ତଗତ ହୋଇନାହିଁ। ଏହା ଆସିବା ପରେ ନିର୍ଦ୍ଦେଶରେ କ'ଣ ରହିଛି ଦେଖିବାକୁ ପଡିବ। ଏହା ଜନ ଆନ୍ଦୋଳନ। ତେଣୁ ଜନସାଧାରଣ ଓ ସିଏସି ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ କମିଟି ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**

**ଭାଷାରେ ଏକଚ୍ଛତ୍ରବାଦ**

ବିଧାନସଭାରେ ଅର୍ଚ୍ଚନା ତାତି ପୃଷ୍ଠା-୪









## ଗୃହରେ ଶିକ୍ଷକଙ୍କ ଦାବିକୁ ନେଇ ହଙ୍ଗାମା

- ବିରୋଧୀଙ୍କ ଅଭିଯୋଗ: ରାସ୍ତାରେ ଶିକ୍ଷକ, ପଦ୍ମପୁରରେ ମନ୍ତ୍ରୀ
- ସମସ୍ୟା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସରକାରଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଦୁଇଦିନ ହେବ ପ୍ରାଥମିକ ଶିକ୍ଷକ ୩ ଦଫା ଦାବି ନେଇ ଅହୋରାତ୍ର ଧାରଣାରେ ବସିଛନ୍ତି। ଲକ୍ଷାଧିକ ଶିକ୍ଷକ ରାଜରାସ୍ତାକୁ ଅଚଳ କରି ରଖିଛନ୍ତି। ସରକାରଙ୍କ ଶିକ୍ଷା ମନ୍ତ୍ରୀ କିମ୍ବା କୌଣସି ଅଧିକାରୀ ସେମାନଙ୍କ ସହ ଆଲୋଚନା କରିବାକୁ ଯାଇନାହାନ୍ତି। ଶିକ୍ଷକଙ୍କ ସମସ୍ୟାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସଭ୍ୟମାନେ ବିଧାନସଭାରେ ହଙ୍ଗାମା କରିଛନ୍ତି। ଏଥିଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବାଧା ଉପୁଜିଥିଲା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏହାସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ହୋହାଲ୍ଲା କରିଥିଲେ। ବାଚସ୍ପତି ରୁଲିଂ ନ ଦେବା ଯାଏ ଗୃହ ଚାଲିବ ନାହିଁ ବୋଲି ଦାବି କରିଥିଲେ। ବାଚସ୍ପତି ରୁଲିଂ ଦେବା ପରେ ଗୃହ ସ୍ୱାଭାବିକ ହୋଇଥିଲା।

ସୋମବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ୍‌ରେ ପ୍ରଶ୍ନୋତ୍ତର ଆରମ୍ଭ ହେବା ମାତ୍ରେ ଶିକ୍ଷକଙ୍କ ସମସ୍ୟାକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ିଆସି ହଟ୍ଟଗୋଳ କରିଥିଲେ। ସରକାର ତୁରନ୍ତ ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ସମାଧାନ କରନ୍ତୁ ନଚେତ୍ ଗୃହ ଚଳାଇଦେବୁ ନାହିଁ ବୋଲି ଅଡ଼ିବସି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଉଭୟ ଦଳର ସଦସ୍ୟଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ପ୍ରଭାବ ପଡ଼ି ନ ଥିଲା। ଫଳରେ ବାଚସ୍ପତି ଗୃହକୁ ପୂର୍ବାହ୍ଣ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ହଟ୍ଟଗୋଳ ହୋଇଥିଲା। ବାଚସ୍ପତି ଅଚଳାବସ୍ଥା ଦୂର କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ସେଥିପାଇଁ ୧୧ଟା ୩୧ରୁ ☞ପୃଷ୍ଠା-୪

## ରାଜ୍ୟର ମୁଣ୍ଡପିଛା ଋଣ ଭାର ୨୨ ହଜାର ଟଙ୍କା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ମୁଣ୍ଡପିଛା ଋଣ ୨୨ ହଜାର ୪୨ ଟଙ୍କା ରହିଛି । ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଋଣ ଭାର ୯୭ ହଜାର ୨୫୩ କୋଟି ଟଙ୍କା। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୫ ହଜାର ୫୮୯ କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଥିବା ବେଳେ ୧୪ ହଜାର ୧ କୋଟି ୩୧ ଲକ୍ଷ ଟଙ୍କା ଋଣ ପରିଶୋଧ କରିବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ସେହିପରି ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ମୋଟ ରାଜସ୍ୱ ବାବଦରେ ୧ ଲକ୍ଷ ୬୩ ହଜାର ୯୬୬ କୋଟି ୫୨ ଲକ୍ଷ ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିରୁ ୪୬ ହଜାର କୋଟି ଟିକସ ଓ ୪୮ ହଜାର ୨୦୦ କୋଟି ଟଙ୍କା ଅଣ ଟିକସ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୬ରେ ସମ୍ବିଧାନର ୧୦୧ତମ ସଂଶୋଧନ ଅନୁସାରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଦ୍ୱାରା ରାଜ୍ୟର ☞ପୃଷ୍ଠା-୪

# ପଦ୍ମପୁର ଉପନିର୍ବାଚନ: ଚଢ଼ାଉ ରାଜନୀତି

ପଦ୍ମପୁର ଉପନିର୍ବାଚନକୁ ନେଇ ରାଜନୀତି ସରଗରମ ହୋଇଛି। ପ୍ରମୁଖ ୩ ଦଳର ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ମତଦାନକୁ ଆଉ ମାତ୍ର ସପ୍ତାହେ ବାକି ଥିବାବେଳେ ପଦ୍ମପୁରରେ ଚଢାଉ ମାଧ୍ୟମରେ ପ୍ରତିଶୋଧ ରାଜନୀତି ଆରମ୍ଭ ହୋଇଛି। ଭାଜପା ନେତୃତ୍ୱ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ବିଜେଡି କର୍ମୀଙ୍କ ଘରେ ଚଢାଉ କରୁଥିବା ବେଳେ ରାଜ୍ୟର ଶାସକ ବିଜେଡି ସରକାର ମଧ୍ୟ ଅନୁରୂପ ପନ୍ଥା ଆପଣେଇଛି। ଏହି କ୍ରମରେ ସୋମବାର ସକାଳେ ପଦ୍ମପୁରର ୪ ବିଜେଡି କର୍ମୀଙ୍କ ଘରେ ଆୟକର ଚଢ଼ାଉ ଚାଲିଥିବାବେଳେ ସନ୍ଧ୍ୟାରେ ଭାଜପା ନେତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ଚଢାଉ କରାଯାଇଛି। ମତଦାନ ପୂର୍ବରୁ ଏଭଳି ପ୍ରତିଶୋଧ ରାଜନୀତିକୁ ନେଇ ପଦ୍ମପୁର ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ୪ ବିଜେଡି କର୍ମୀଙ୍କ ଘରେ ଆଇଟି ରେଡ୍

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ଏବେ ରୋଚକ ସ୍ଥିତିରେ ପହଞ୍ଚିଛି। ଗତ ରବିବାର ଦୁଇ କେନ୍ଦ୍ର ମନ୍ତ୍ରୀ ନିର୍ବାଚନ ପ୍ରଚାର କରି ଯିବା ପରେ ସୋମବାର ଭୋର୍‌ରୁ ପଦ୍ମପୁର ସହରର ପ୍ରତିଷ୍ଠିତ ବ୍ୟବସାୟୀ ତଥା ବିଜେଡି କର୍ମୀ ମହମ୍ମଦ ସାଜିଦ, ମାନଭଞ୍ଜନ ସାହୁ, ଗଜାନନ୍ଦ ଅଗ୍ରୱାଲ ଏବଂ ମହମ୍ମଦ ଯାବେଦଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କେନ୍ଦ୍ରୀୟ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଆୟକର ବିଭାଗର ଅଧିକାରୀ ଓ ଷ୍ଟାଫ୍ ଚଢାଉ କରିବା ସମୟରେ ପ୍ରାୟ ୪ ପ୍ଲାଟୁନ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଘରର ଚାରିପଟକୁ ଘେରାବନ୍ଦୀ କରି ରଖିଥିଲେ। ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ମଧ୍ୟ ଘର ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ଏପରିକି ମହମ୍ମଦ ସାଜିଦଙ୍କ ☞ପୃଷ୍ଠା-୪

## ଭାଜପା ନେତାଙ୍କ ଦୋକାନରେ ଜିଏସ୍‌ଟି ଚଢ଼ାଉ

ବରଗଡ଼ ଅଫିସ୍/ପଦ୍ମପୁର/ପାଇକମାଳ/ଝାରବନ୍ଧ,୨୮।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଭୋଟ୍ ଗ୍ରହଣ ହେବ। ତେବେ ଭୋଟ୍ ଗ୍ରହଣର ଅବ୍ୟବହିତ ପୂର୍ବରୁ ସୋମବାର ସକାଳୁ ଆୟକର ବିଭାଗର କେନ୍ଦ୍ରୀୟ ଟିମ୍ ପଦ୍ମପୁରର ୪ ବିଜେଡ଼ି କର୍ମୀଙ୍କ ଘରେ ଅତର୍କିତ ଚଢ଼ାଉ କରିଥିବାବେଳେ ସନ୍ଧ୍ୟାରେ ପଦ୍ମପୁର ଭାଜପା ନଗର ସଭାପତିଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢାଉ କରାଯାଇଛି। ଏଥିସହ ଜିଲାର ବରଗଡ଼, ପଦ୍ମପୁର, ପାଇକମାଳ ଏବଂ ଝାରବନ୍ଧର କିଛି ବ୍ୟବସାୟିକ ପ୍ରତିଷ୍ଠାନରେ ମଧ୍ୟ ଜିଏସ୍‌ଟି ଚଢ଼ାଉ ହୋଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣରେ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ନଭେମ୍ବର, ୨୦୨୨

**ଛାତ୍ରଙ୍କୁ ଆତଙ୍କବାଦୀ କହି ପ୍ରଫେସର ନିଲମ୍ବିତ**

ଛାତ୍ରଙ୍କୁ ଆତଙ୍କବାଦୀ କହିବା ପ୍ରଫେସରଙ୍କୁ ମହଙ୍ଗା ପଡ଼ିଛି। ବେଙ୍ଗାଲୁରୁର ମଣିପାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ପ୍ରଫେସର କ୍ଲାସ୍ ନେଉଥିବାବେଳେ ଜଣେ ମୁସଲମାନ ଛାତ୍ରଙ୍କୁ ଆତଙ୍କବାଦୀ ଡାକିଥିଲେ। ଏ ନେଇ ପ୍ରଫେସରଙ୍କୁ କଲେଜ କର୍ତ୍ତୃପକ୍ଷ ନିଲମ୍ବନ କରିଛନ୍ତି। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।



## ସଂକ୍ଷେପରେ

### ବହିର୍ବ୍ୟାପାର ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା



ବିନୟ ମୋହନ କ୍ୱାତ୍ରା

**ନୂଆଦିଲ୍ଲୀ,୨୮।୧୧:** ଭାରତର ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହେବାକୁ ଥିବାବେଳେ ଏହାକୁ ଆଉ ୧୬ ମାସ ବଢ଼ାଇ ଦିଆଯାଇଛି। ସେ ୨୦୨୪ ଏପ୍ରିଲ ୩୦ ଯାଏ ବହିର୍ବ୍ୟାପାର ସଚିବ ପଦରେ ରହିବେ। ଏନେଇ କାର୍ମିକ ମନ୍ତ୍ରଣାଳୟର ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୧୯୮୮ ବ୍ୟାଚ୍‌ର ବିଦେଶ ସେବା ଅଧିକାରୀ ବିନୟଙ୍କ କାର୍ଯ୍ୟକାଳ ବଢ଼ାଇବା ପାଇଁ କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଥିଲା। ସେ ଗତ ମେ'ରେ ୩୪ତମ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

### ଇଣ୍ଡୋନେସିଆରେ ପୋଲିଓ ଟିକାକରଣ ଆରମ୍ଭ

**ଜାକର୍ତ୍ତା,୨୮।୧୧:** ଇଣ୍ଡୋନେସିଆକୁ ପୋଲିଓ ଫେରିଛି। ୪ ଜଣ ଶିଶୁ ପୋଲିଓ ଆକ୍ରାନ୍ତ ଚିହ୍ନଟ ହେବା ପରେ ସୋମବାର ସୁମାତ୍ରା ଦ୍ୱୀପର ସିଗ୍‌ଲି ସହରରେ ପୋଲିଓ ଟିକା ଦିଆଯାଇଛି। ୧୦ ବର୍ଷ ପୂର୍ବେ ଇଣ୍ଡୋନେସିଆ ପୋଲିଓମୁକ୍ତ ଘୋଷିତ ହୋଇଥିଲା। ଗତ ଅକ୍ଟୋବରରେ ସିଗ୍‌ଲିରେ ଜଣେ ୭ ବର୍ଷର ପିଲାଠାରେ ପ୍ରଥମ ପୋଲିଓ ଚିହ୍ନଟ ହୋଇଥିଲା। ଏହା ପରେ ଅନ୍ୟ ୩ ଜଣ ପୋଲିଓ ଆକ୍ରାନ୍ତ ଠାବ ହେଲେଣି।

### ଆଡାନୀ ବନ୍ଦର ବିରୋଧୀ ବିକ୍ଷୋଭ ବେଳେ ପୋଲିସ ଉପରେ ଆକ୍ରମଣ

**୩,୦୦୦ ଜଣଙ୍କ ନାଁରେ ମାମଲା**

**ଥିରୁଭାନନ୍ତପୁରମ୍,୨୮।୧୧:** କେରଳରେ ନିର୍ମାଣାଧୀନ ଆଡାନୀ ବନ୍ଦରକୁ ବିରୋଧ କରି ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ରାତିରେ ରାଜଧାନୀ ଥିରୁଭାନନ୍ତପୁରମ୍‌ଠାରୁ ୨୦ କିମି ଦୂର ଭିଝିନଜାମ୍ ଥାନା ଉପରେ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଥିଲେ। ସେମାନଙ୍କ ହିଂସାରେ ୪୦ ପୋଲିସ କର୍ମଚାରୀଙ୍କ ସମେତ କେତେଜଣ ସ୍ଥାନୀୟ ଲୋକେ ଆହତ ହୋଇଛନ୍ତି। ଏହା ବ୍ୟତୀତ ଆକ୍ରମଣରେ ୮୫ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଏତଲାରେ ଦର୍ଶାଯାଇଛି। ବେଆଇନ ଭାବେ ଏକାଠି ହେବା, ଦଙ୍ଗା ଏବଂ ଅପରାଧ ଷଡ଼ଯନ୍ତ୍ର ଅଭିଯୋଗରେ ପୋଲିସ ସୋମବାର ୩,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ଦାଏର କରିଛି। ସେମାନଙ୍କ ମଧ୍ୟରେ ମହିଳା ଓ ପିଲା ରହିଛନ୍ତି। ଆଡାନୀ ବନ୍ଦର ବିରୋଧରେ ବିକ୍ଷୋଭ ଚଳାଇଥିବା ଲୋକଙ୍କୁ ଛାଡ଼ିଦେବା ଦାବିରେ ଏହି ହିଂସାକାଣ୍ଡ ଘଟିଥିଲା। ୯୦୦ ନିୟୁତ ଡଲାର ବିନିଯୋଗରେ ଆଡାନୀ ଗ୍ରୁପ୍ କେରଳରେ ବନ୍ଦର ନିର୍ମାଣ କରୁଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି। ଏଥିପାଇଁ ୩ ମାସ ହେଲା ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶନିବାର ସେମାନେ ଉକ୍ତ ପ୍ରକଳ୍ପ ସ୍ଥଳକୁ ନିର୍ମାଣ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ଗୁଡ଼ିକୁ ଅଟକାଇଥିଲେ।

# ଆନ୍ଦୋଳନ ଦମନ ପାଇଁ ବଳ ପ୍ରୟୋଗ

- ଚାଇନାରେ ଜିରୋ-କୋଭିଡ୍ ନୀତିକୁ ବିରୋଧ
- ଶତାଧିକ ବିକ୍ଷୋଭକାରୀ ଗିରଫ
- ଖବରଦାତାଙ୍କୁ ମାଡ଼

**ବେଜିଂ,୨୮।୧୧**

ଚାଇନାରେ କଠୋର କୋଭିଡ୍ ନୀତିକୁ ବିରୋଧ କରି ବିଭିନ୍ନ ସହରରେ ଆନ୍ଦୋଳନ ଜୋର୍‌ଦାର ହେବା ସହ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଇସ୍ତଫା ଦାବି କରାଯାଉଛି। ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଛି। କ୍ରମାଗତ ୨ ରାତି ଧରି ବିକ୍ଷୋଭ ପରେ ସୋମବାର ସାଂଘାଇ ସମେତ ବିଭିନ୍ନ ସହରରୁ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ବିକ୍ଷୋଭକାରୀଙ୍କୁ ଦୂରେଇ ରଖିବା ପାଇଁ ରାସ୍ତାରେ ବ୍ୟାରିକେଡ୍ କରାଯାଇଛି। ବିକ୍ଷୋଭ ଖବର ସଂଗ୍ରହ କରୁଥିବା ବିବିସି ଖବରଦାତା ଏଡ୍ ଲରେନ୍ସଙ୍କୁ ପୋଲିସ ରବିବାର ମାଡ଼ ମାରିବା ସହ ଗିରଫ କରିଥିଲା। ପରେ ତାଙ୍କୁ ଛାଡ଼ି ଦେଇଛି। ଲରେନ୍ସ ତାଙ୍କ ସାମ୍ବାଦିକତା ପ୍ରମାଣପତ୍ର ଦେଖାଇପାରି ନ ଥିଲେ ବୋଲି ଚାଇନା ସରକାର କହିଛନ୍ତି। ଅନେକ ପୋଲିସ ଅଧିକାରୀ ଲରେନ୍ସଙ୍କୁ ତଳେ ପକାଇ ପିଟିବା ସହ ଗୋଇଠା ମାରିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରେ ସେମାନେ ତାଙ୍କୁ ହ୍ୟାଣ୍ଡକଫ୍ ପକାଇ ନେଇଯାଇଥିଲେ।

ଜିନ୍‌ପିଙ୍ଗଙ୍କ ଜିରୋ-କୋଭିଡ୍ ନୀତିକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। କୋଭିଡ୍ ପାଇଁ ଗଣ ପରୀକ୍ଷା, କ୍ୱାରାଣ୍ଟାଇନ ଏବଂ ଲକ୍‌ଡାଉନ ଯୋଗୁ ଉତ୍ତେଜନା ବୃଦ୍ଧି ପାଇଛି। ଫଳରେ ସପ୍ତାହାନ୍ତରେ ରାଜଧାନୀ ବେଜିଂ, ସାଂଘାଇ ଓ ଅନ୍ୟ ସହରରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ଲକ୍‌ଡାଉନ୍ କଟକଣା ଉରୁମ୍‌କି ସହରରେ ନିଆଁଲିଭା କାର୍ଯ୍ୟରେ ପ୍ରତିବନ୍ଧକ ସାଜିବାରୁ ୧୦ ଜଣଙ୍କ ଜୀବନ ଗଲା ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନ ପରେ କାଁୱା ଅଞ୍ଚଳରେ କୋଭିଡ୍ କଟକଣାକୁ କୋହଳ କରାଯାଇଥିଲେ ହେଁ ଜିରୋ-କୋଭିଡ୍ ନୀତିରେ ପରିବର୍ତ୍ତନ କରାଯିବ ନାହିଁ ବୋଲି କୁହାଯାଇଛି। ବିକ୍ଷୋଭ ଏବଂ ଜିନ୍‌ପିଙ୍ଗଙ୍କୁ ବିରୋଧ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ବିବୃତି ଦିଆଯାଇ ନାହିଁ। ପୋଲିସ କାର୍ଯ୍ୟାନୁଷ୍ଠାନରେ କେତେ ବିକ୍ଷୋଭକାରୀ ଗିରଫ ହୋଇଛନ୍ତି ତାହା ମଧ୍ୟ ସରକାରୀ ଭାବେ କୁହାଯାଇ ନାହିଁ। ସାଂଘାଇରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ପିପର ସ୍ପ୍ରେ ବ୍ୟବହାର କରିଥିଲା।

ଜିନ୍‌ପିଙ୍ଗଙ୍କ ଶାସନ ଉପରୁ ଲୋକଙ୍କ ଆସ୍ଥା ତୁଟିଯିବାରୁ ଏଭଳି ଆନ୍ଦୋଳନ ମୁଣ୍ଡ ଟେକିଥିବା ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ କେଭିଡ୍ ରୁଡ୍ କହିଛନ୍ତି। ବର୍ତ୍ତମାନର ଆନ୍ଦୋଳନ କେବଳ କୋଭିଡ୍ କଟକଣାକୁ ନେଇ ନୁହେଁ, ଜିନ୍‌ପିଙ୍ଗ କ୍ରମାଗତ ତୃତୀୟ ଥର ପାଇଁ ଶାସକ ଦଳ ମୁଖ୍ୟ ନିର୍ବାଚିତ ହେବା ପରେ ଆନ୍ଦୋଳନ ଆରମ୍ଭ ହୋଇଥିବା ସେ କହିଛନ୍ତି।

ବ୍ୟାପକ ଆନ୍ଦୋଳନ ସତ୍ତ୍ୱେ ଚାଇନା ସରକାର ଜିରୋ-କୋଭିଡ୍ ନୀତି ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଦେଶରେ ଦୈନିକ ସଂକ୍ରମଣ ୪୦,୦୦୦ରେ ପହଞ୍ଚିଲାଣି। ତେଣୁ କୋଭିଡ୍ ନୀତିରେ ପରିବର୍ତ୍ତନ କରାଯିବ ନାହିଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି। ସିପିସି ନେତୃତ୍ୱ ଏବଂ ଜନସାଧାରଣଙ୍କ ସମର୍ଥନରେ କୋଭିଡ୍-୧୯ ବିରୋଧରେ ଆମ ଲଢ଼େଇ ସଫଳ ହେବ ବୋଲି ସରକାର ବିଶ୍ୱାସ କରୁଥିବା ଝାଓ ଗଣମାଧ୍ୟମକୁ କହିଛନ୍ତି।



ବେଜିଂରେ ଜିରୋ କୋଭିଡ୍ ନୀତି ବିରୋଧରେ ଆନ୍ଦୋଳନବେଳେ ଜଣେ ବିକ୍ଷୋଭକାରୀ ସ୍ଲୋଗାନ ଦେଉଛନ୍ତି।

### ବିଶ୍ୱର ପ୍ରଥମ ନାଜାଲ କୋଭିଡ୍ ଟିକାକୁ ମଞ୍ଜୁରୀ




**ପୁଣେ,୨୮।୧୧**

ଭାରତ ବାୟୋଟେକ୍ ପ୍ରସ୍ତୁତ ବିଶ୍ୱର ପ୍ରଥମ ଇଣ୍ଟରନାଜାଲ କୋଭିଡ୍ ଟିକା ଆଇଏନ୍‌ସିଓଭିଏସିସିକୁ ମଞ୍ଜୁରୀ ମିଳିଛି। ଜରୁରୀ ସ୍ଥିତିରେ ଏହି ଟିକାର ପ୍ରାଥମିକ ସିରିଜ୍ ଏବଂ ହେଟେରୋଲୋଜିଅସ୍ ବୁଷ୍ଟରକୁ ସୀମିତ ବ୍ୟବହାର ନିମନ୍ତେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) ମଞ୍ଜୁରୀ ପ୍ରଦାନ କରିଥିବା ଭାରତ ବାୟୋଟେକ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଭାରତରେ ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କୁ ଏହି ଟିକା ଦିଆଯାଇପାରିବ। ନାଜାଲ କୋଭିଡ୍ ଭାକ୍ସିନ୍ ପ୍ରଦାନରେ ଏହା ଆମ ପାଇଁ ତଥା ବିଶ୍ୱ ବୈଜ୍ଞାନିକମାନଙ୍କ ପାଇଁ ଏକ ବଡ଼ ସଫଳତା ବୋଲି ଭାରତ ବାୟୋଟେକ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. କ୍ରିଷ୍ଣା ଏଲା କହିଛନ୍ତି।

## ଆସାମ କଲେଜରେ ରାଗିଂ: ଛାତ୍ର ଗୁରୁତର

**୫ ଗିରଫ**

**ଦିଶପୁର, ୨୮।୧୧**

ଆସାମ ଦିବ୍ରୁଗଡ ୟୁନିଭର୍ସିଟିରେ ଛାତ୍ର ଆନନ୍ଦ ଶର୍ମାଙ୍କୁ ରାଗିଂ ଅଭିଯୋଗରେ ଦିବ୍ରୁଗଡ ପୋଲିସ କଲେଜର ୫ଜଣଙ୍କୁ ଗିରଫ କରିଛି। ହଷ୍ଟେଲରେ କେତେଜଣ ସିନିୟର ଛାତ୍ରଙ୍କ ରାଗିଂରେ ଅତିଷ୍ଠ ହୋଇପଡ଼ି କମର୍ସ ପଢୁଥିବା ଆନନ୍ଦ ୨ ମହଲା କୋଠାରୁ ଡେଇଁପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ଓ ଅନ୍ୟ ଛାତ୍ରମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଛାତ୍ରଙ୍କୁ ଅବ୍‌ଜର୍ଭେଶନ୍‌ରେ ରଖାଯାଇଛି। ଗିରଫ ହୋଇଥିବା ୫ ଛାତ୍ରଙ୍କୁ ମଧ୍ୟରୁ ରାହୁଲ ଛେତ୍ରୀ ଜଣେ ପୂର୍ବତନ ଛାତ୍ର ବୋଲି ଜଣାପଡ଼ିଛି। ପୋଲିସ ଛାତ୍ରଙ୍କ ପରିବାର ବିରୋଧରେ ମାମଲା ରୁଜୁ କରି ଘଟଣାର ଯାଞ୍ଚ ଆରମ୍ଭ କରିଛି। ପୀଡ଼ିତ ଛାତ୍ରଙ୍କ ମା' ସରିତା ଶର୍ମା ସିନିୟର ଛାତ୍ରଙ୍କ ବିରୋଧରେ ଆପତ୍ତିଜନକ ଅଭିଯୋଗ ଆଣିଛନ୍ତି। ସିନିୟର ଛାତ୍ର ଆନନ୍ଦଙ୍କୁ ଉଭୟ ଶାରୀରିକ ଓ ମାନସିକ ଭାବେ ଚାପ ଦେଉଥିଲେ। ହଷ୍ଟେଲରେ ତାଙ୍କୁ ଜବରଦସ୍ତ ମଦ ଓ ଗଞ୍ଜେଇ ପିଆଇବାକୁ ଚେଷ୍ଟା କରାଯାଉଥିଲା। ଗତ ୪ ମାସଧରି ସିନିୟରମାନେ ଆନନ୍ଦଙ୍କୁ ରାଗିଂ କରିଆସୁଥିବାବେଳେ ପୀଡ଼ିତ ଛାତ୍ରଙ୍କ ଗୋଡ଼ ଓ ଛାତିରେ ଆଘାତ ଲାଗିଥିବା ସରିତା ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ହଷ୍ଟେଲରେ ରାଗିଂ ବାବଦରେ ଗତ ୧୭ ତାରିଖରେ ଆନନ୍ଦ ଏକ ଲିଖିତ ଅଭିଯୋଗ ପଦ୍ମନାଥ ଗୋହେଲ ବାରୁଆଚ ଛାତ୍ର ନିବାସ ୱାର୍ଡେନଙ୍କୁ କରିଥିଲେ। ଉକ୍ତ ଘଟଣାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନିନ୍ଦା କରିଛନ୍ତି। ଛାତ୍ରୀଛାତ୍ରମାନେ ରାଗିଂକୁ ବିରୋଧ କରିବା ଆବଶ୍ୟକ ବୋଲି ଟୁଇଟରରେ ଏକ ପୋଷ୍ଟ ଶେୟାର କରି ସେ କହିଛନ୍ତି।




ରାଗିଂକୁ ବିରୋଧ କରି ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରଶାସନିକ ବିଲ୍ଡିଂ ବାହାରେ ବିକ୍ଷୋଭ କରୁଛନ୍ତି।

### ଧର୍ମ ପରିବର୍ତ୍ତନ ମୌଳିକ ଅଧିକାର ନୁହେଁ

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

**ନୂଆଦିଲ୍ଲୀ,୨୮।୧୧(ଆଇଏଏନ୍‌ଏସ୍)**

ଲୋକଙ୍କୁ ନିର୍ଦ୍ଦିଷ୍ଟ ଧର୍ମକୁ ପରିବର୍ତ୍ତନ କରାଇବା ମୌଳିକ ଅଧିକାର ଭାବେ ଧର୍ମୀୟ ସ୍ୱାଧୀନତା ଅଧିକାରରେ ସାମିଲ ହୋଇ ନ ଥିବା କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଜବରଦସ୍ତ ଧର୍ମାନ୍ତରୀକରଣ, ଭୟ ଓ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ ଅନୁଚ୍ଛେଦ ୧୪, ୨୧ ଏବଂ ୨୫ର ବିରୁଦ୍ଧାଚରଣ କରୁଛି। ଏହା ବିରୋଧରେ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ପିଟିଶନର ଶୁଣାଣି ବେଳେ କେନ୍ଦ୍ର ସରକାର ଉପରୋକ୍ତ ଜବାବ ରଖିଛନ୍ତି। ଏଭଳି ଧର୍ମାନ୍ତରୀକରଣ ବନ୍ଦ ନ ହେଲେ ଭାରତରେ ହିନ୍ଦୁମାନେ ଖୁବ୍‌ଶୀଘ୍ର ସଂଖ୍ୟାଲଘୁ ହୋଇଯିବେ ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ।

## ବିଚାରପତି ନିଯୁକ୍ତିରେ ବିଳମ୍ବ ନେଇ ସୁପ୍ରିମକୋର୍ଟଙ୍କ କ୍ଷୋଭ

**ନୂଆଦିଲ୍ଲୀ,୨୮।୧୧(ପି.ଟି.)**



କଲେଜିୟମର ସୁପାରିସ୍ ସତ୍ତ୍ୱେ କେନ୍ଦ୍ର ସରକାର ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ବିଚାରପତି ନିଯୁକ୍ତି ଦେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ସୋମବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ନିଯୁକ୍ତି ପଦ୍ଧତିକୁ ହତାଶ କରିଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କହିଛନ୍ତି। ବିଚାରପତି ନିଯୁକ୍ତି ଲାଗି କଲେଜିୟମ ବ୍ୟବସ୍ଥା ଉପରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ଦେଇଥିବା ମନ୍ତବ୍ୟ ଉପରେ ସର୍ବୋଚ୍ଚ ଅଦାଲତ ପ୍ରତିବାଦ ଉଠାଇଛନ୍ତି। କଲେଜିୟମ ନିଯୁକ୍ତି ବ୍ୟବସ୍ଥା ସମ୍ବିଧାନ ବାହାରେ ବୋଲି ରିଜିଜୁ କହିଥିଲେ। ଆଇନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଉଚିତ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ୍ କୌଲ କହିଥିଲେ, ଯାହା ଜଣାପଡୁଛି ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଏନ୍‌ଜେଏସି)ଆଇନ କାର୍ଯ୍ୟକାରୀ ହୋଇ ନ ଥିବାରୁ ଏନେଇ ସରକାର ଖୁସି ନାହାନ୍ତି। ତେବେ ସେଥିପାଇଁ ଦେଶର ଆଇନକୁ ଅନୁପାଳନ ନ କରିବାର ଏହା କାରଣ ହୋଇ ନ ପାରେ। ଏନ୍‌ଜେଏସି ଆଇନ ଏବଂ ସମ୍ବିଧାନ(୯୯ତମ ସଂଶୋଧନ) ଆଇନ, ୨୦୧୪କୁ ସୁପ୍ରିମକୋର୍ଟ ତାଙ୍କର ୨୦୧୫ ରାୟରେ ଖାରଜ କରିଦେଇଥିଲେ। ନିଯୁକ୍ତି ପ୍ରଦାନ ବିଳମ୍ବିତ ହେଲେ ନ୍ୟାୟପାଳିକା କିପରି ଚାଲିବ ବୋଲି ଖଣ୍ଡପୀଠ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ ପ୍ରଶ୍ନ କରିଥିଲେ।

### ଦିଲ୍ଲୀ ସ୍କୁଲ୍‌କୁ ବୋମା ଧମକ

**ନୂଆଦିଲ୍ଲୀ,୨୮।୧୧(ଆଇଏଏନ୍‌ଏସ୍)**

ଦକ୍ଷିଣ ଦିଲ୍ଲୀର ଏକ ସ୍କୁଲ୍ ପରିସରରେ ବିସ୍ଫୋରଣ ଲାଗି ବୋମା ଖଞ୍ଜାଯାଇଥିବା ସୋମବାର ଇମେଲ୍ ଯୋଗେ ଧମକ ଦିଆଯାଇଥିଲା। ପୋଲିସର ତଲାସି ପରେ କୌଣସି ବୋମା ମିଳି ନ ଥିବା ଡିସିପି (ଦକ୍ଷିଣ) ଚନ୍ଦନ ଚୌଧରୀ କହିଛନ୍ତି। ସାଦିକ୍ ନଗରରେ ଥିବା ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍‌ରେ ବୋମା ଥିବାନେଇ ସ୍କୁଲ୍ ଇମେଲ୍ ଆଇଡିକୁ ଖବର ଆସିଥିଲା। ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ୍ ସ୍କ୍ୱାଡ୍ ଏବଂ ପୋଲିସ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ।

### ଆଫତାବଙ୍କୁ ନେଉଥିବା ପୋଲିସ ଗାଡ଼ିକୁ ଆକ୍ରମଣ

**ନୂଆଦିଲ୍ଲୀ, ୨୮।୧୧**

ଦିଲ୍ଲୀରେ ଶ୍ରଦ୍ଧା ୱାଲକର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଆଫତାବ ପୁନାୱାଲା ସୋମବାର ପୋଲିସ ଭ୍ୟାନ୍‌ରେ ଯାଉଥିବାବେଳେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିବା ପାଇଁ ଖଣ୍ଡା ଧରି ଗୋଡ଼ାଇଥିଲେ। ଗୋଟିଏ କାର୍‌ରେ ୫ ଯୁବକ ଆସି ପୋଲିସ ଭ୍ୟାନ୍ ଆଗରେ ଗାଡ଼ି ରଖିଥିଲେ। ସେମାନେ ଖଣ୍ଡା ଧରି ଭ୍ୟାନ୍ ଆଡକୁ ମାଡ଼ିଆସିଥିଲେ। ଭ୍ୟାନ୍‌ରେ ଥିବା ପୋଲିସ ଯୁବକଙ୍କୁ କାବୁ କରିଥିଲା। ସମ୍ପୃକ୍ତ ଯୁବକମାନେ ହିନ୍ଦୁ ସେନା ସଂଗଠନର ବୋଲି ଜଣାପଡ଼ିଛି। ସଂଗଠନର ଜାତୀୟ ସଭାପତି ବିଷ୍ଣୁ ଗୁପ୍ତା କହିଛନ୍ତି, ଆଫତାବ ହିନ୍ଦୁ ଯୁବତୀ ଶ୍ରଦ୍ଧାଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ଫୋପାଡ଼ିବା ଘଟଣା ଦେଶବାସୀଙ୍କୁ ମର୍ମାହତ କରିଛି। ସୋମବାର ସନ୍ଧ୍ୟାରେ ପୋଲିସ ଭ୍ୟାନ୍ ଆଫତାବଙ୍କୁ ଫୋରେନ୍ସିକ ସାଇନ୍ସ ଲାବରେଟୋରିରୁ ଜେଲ ଅଭିମୁଖେ ନେଇ ଯାଉଥିବାବେଳେ ଏହି ଘଟଣା ଘଟିଛି। ସମ୍ପୃକ୍ତ ଯୁବକଙ୍କ ମଧ୍ୟରୁ ୨ ଜଣଙ୍କୁ ପୋଲିସ ଅଟକ ରଖିଛି। ଶ୍ରଦ୍ଧାଙ୍କ ମୃତଦେହକୁ କାଟିବାରେ ବ୍ୟବହାର କରାଯାଇଥିବା ଛୁରି ପୋଲିସକୁ ମିଳିଛି।

### ସବୁଠୁ ବଡ଼ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ

**ହୋନୋଲୁଲୁ, ୨୮।୧୧**

ହାୱାଇର ସମିଟ୍ କାଲଡେରାରେ ଥିବା ବିଶ୍ୱର ସବୁଠୁ ବଡ଼ ମାଉନା ଲୋଆ ଆଗ୍ନେୟଗିରିରୁ ରବିବାର ରାତିରୁ ଲାଭା ଉଦ୍‌ଗିରଣ ହେଉଛି। ୟୁ. ଏସ୍. ଜିଓଲୋଜିକାଲ ସର୍ଭିସ୍ ଭଲକାନିକ୍ ଆକ୍ଟିଭିଟି ସର୍ଭିସ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଆଗାମୀ ଦିନରେ ଲାଭା ଉଦ୍‌ଗିରଣର ବେଗ ବ୍ୟାପକ ହେବ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଡ୍‌ଭାଇଜରି ଦ୍ୱାରା ଲୋକଙ୍କୁ ସତର୍କ କରାଯାଇଛି। ହାୱାଇ ଭଲକାନୋ ଅବଜର୍ଭେଟୋରି (ଏଚ୍‌ଭିଓ) ପକ୍ଷରୁ ଏକ ଦଳ ଖୁବ୍ ଶୀଘ୍ର ମାଉନା ଲୋଆର ସ୍ଥିତିକୁ ଏରିଅଲ ସର୍ବେକ୍ଷଣ ଦ୍ୱାରା ଅନୁଧ୍ୟାନ କରିବା ସହ ଲାଭାର ଗତି ସମ୍ବନ୍ଧରେ ଅଧିକ ତଥ୍ୟ ଯୋଗାଡ଼ କରିବ।

ଲାଭା ଉଦ୍‌ଗିରଣର ଦୁଇଘଣ୍ଟା ପରେ ସମିଟ ଅଞ୍ଚଳରେ ୧୨ରୁ ଉର୍ଦ୍ଧ୍ୱ ୨.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଥିବାବେଳେ ସେଥିମଧ୍ୟରୁ ୪.୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ସବୁଠାରୁ ଭୟଙ୍କର ଥିବା ୟୁଏସ୍‌ଜିଏସ୍ କହିଛି। ହାୱାଇ ଦ୍ୱୀପର ଅର୍ଦ୍ଧାଧିକ ଅଞ୍ଚଳକୁ ନେଇ ମାଉନା ଲୋଆ ଆଗ୍ନେୟଗିରି ଗଠିତ। ପ୍ରଶାନ୍ତ ମହାସାଗର ପତନଠାରୁ ଏହା ୧୩,୬୭୯ ଫୁଟ ଉଚ୍ଚତାରେ ଅବସ୍ଥିତ। ୧୯୮୪ରେ ଶେଷଥର ପାଇଁ ମାଉନା ଲୋଆରୁ ଲାଭା ଉଦଗିରଣ ହୋଇଥିବାବେଳେ ୫ ମାଇଲ (ପାଖାପାଖି ୮.୦୮ କି.ମି.) ଦୂର ହିଲୋ ସହର ପର୍ଯ୍ୟନ୍ତ ଲାଭା ବୋହିଥିବା କୁହାଯାଉଛି।



# ସ୍ୱାମୀଙ୍କୁ ୧୦ ଖଣ୍ଡ କଲେ ସ୍ତ୍ରୀ, ପୁଅ

**ପୂର୍ବ ଦିଲ୍ଲୀରେ ବୀଭତ୍ସ ହତ୍ୟାକାଣ୍ଡ**

**ନୂଆଦିଲ୍ଲୀ,୨୮।୧୧(ପି.ଟି.)**

ଶ୍ରଦ୍ଧା ୱାଲ୍‌କର ବୀଭତ୍ସ ହତ୍ୟା ମାମଲାର ଆତଙ୍କ ମନରୁ ଲିଭି ନ ଥିବାବେଳେ ପୂର୍ବ ଦିଲ୍ଲୀରେ ଅନୁରୂପ ଏକ ହତ୍ୟା ଘଟଣା ପଦାକୁ ଆସିଛି। ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍-ଇନ୍-ପାର୍ଟନର ଆଫତାବ ପୁନାୱାଲା ହତ୍ୟା କରି ୩୫ ଖଣ୍ଡ କରିଥିଲେ ଏବଂ ସେଗୁଡ଼ିକୁ ୧୮ ଦିନ ଯାଏ ଫ୍ରିଜ୍‌ରେ ରଖି ଜଙ୍ଗଲ ମଧ୍ୟରେ ଫିଙ୍ଗିଥିଲେ। ପାଣ୍ଡବ ନଗର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ହତ୍ୟା କରିବା ପରେ ମୃତଦେହକୁ ୧୦ ଖଣ୍ଡ କରି ଫ୍ରିଜ୍‌ରେ ରଖିବା ସହ ପ୍ରମାଣ ଲୁଚାଇବା ଲାଗି ଏହାକୁ ବିଭିନ୍ନ ସମୟରେ ନେଇ ଦୂରରେ ଫିଙ୍ଗିଦେଇଥିଲେ। ପୋଲିସ ସୋମବାର ଅଭିଯୁକ୍ତା ମହିଳା ଓ ତାଙ୍କ ପୁଅଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ଅଞ୍ଜନ ଦାସ (୪୫)ଙ୍କୁ ତାଙ୍କ ସ୍ତ୍ରୀ ପୁନମ(୪୮) ଏବଂ ସାବତ ପୁଅ ଦୀପକ (୨୫) ହତ୍ୟା କରିଥବା ସ୍ୱୀକାର କରିଛନ୍ତି। ଗତ ଜୁନ୍ ମାସରେ ମୃତଦେହର ବିଭିନ୍ନ ଅଙ୍ଗ କଲ୍ୟାଣପୁରୀ ଅଞ୍ଚଳର ରାମଲୀଳା ମଇଦାନ ଓ ଅନ୍ୟ ସ୍ଥାନରୁ ମିଳିଥିଲା। ତାହା ଅଞ୍ଜନଙ୍କ ଶରୀରର ଅଙ୍ଗ କି ନୁହେଁ, ତାହାର ଡିଏନ୍‌ଏ ପରୀକ୍ଷା ପାଇଁ ପଠାଯିବ। ଅଭିଯୁକ୍ତା ସ୍ତ୍ରୀ ଓ ସାବତ ପୁଅଙ୍କ ବିରୋଧରେ ଆଇପିସିର ଧାରା ୩୦୨(ହତ୍ୟା) ଓ ୨୦୧(ପ୍ରମାଣ ନଷ୍ଟ ଓ ଭୁଲ ତଥ୍ୟ ଦେବା)ରେ ପାଣ୍ଡବ ନଗର ଥାନାରେ ମାମଲା ରୁଜୁ ହୋଇଛି।

ବିହାରରେ ଅଞ୍ଜନଙ୍କର ଅନ୍ୟ ଜଣେ ସ୍ତ୍ରୀ ଓ ୮ ପୁଅ ଅଛନ୍ତି, ଯାହା ସେ ପୁନମ୍‌ଙ୍କୁ ଲୁଚାଇଥିଲେ। ଏହା ବ୍ୟତୀତ ସେ ସାବତ ଝିଅ ଏବଂ ସାବତ ପୁଅଙ୍କ ସ୍ତ୍ରୀ ଉପରେ ପାପ ନଜର ପକାଉଥିବା ସନ୍ଦେହ କରି ମାଆ-ପୁଅ ତାଙ୍କୁ ହତ୍ୟା କରିଥିବା କହିଛନ୍ତି। ସେମାନେ ଅଞ୍ଜନଙ୍କ ପାନୀୟରେ ନିଦ ଔଷଧ ମିଶାଇ ତାଙ୍କୁ ସଂଜ୍ଞାହୀନ କରିଦେବା ପରେ ଛୁରି ଓ ଡାଗର ସାହାଯ୍ୟରେ ହତ୍ୟା କରିଥିଲେ।ଏହା ପରେ ତାଙ୍କ ତଣ୍ଟି କାଟି ରକ୍ତ ସମ୍ପୂର୍ଣ୍ଣ ବାହାରିଯିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଏହା ପରେ ମାଆ-ପୁଅ ମୃତଦେହକୁ ୧୦ ଖଣ୍ଡ କରି ଫ୍ରିଜ୍‌ରେ ରଖିବା ସହ ୩/୪ ଦିନ ମଧ୍ୟରେ ପୂର୍ବ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ ଓ ଖପୁରିକୁ ପୋତିଦେଇଥିଲେ ବୋଲି ପୋଲିସକୁ କହିଛନ୍ତି। ମେ' ମାସରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଜୁନ୍‌ରେ ପୋଲିସ ମୃତଦେହର ଖଣ୍ଡ ବିଖଣ୍ଡିତ ଅଂଶ ପାଇବା ପରେ ଉକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ମୃତଦେହ ଅଞ୍ଜନଙ୍କର ବୋଲି ଚିହ୍ନଟ ହେବା ପରେ ଏନେଇ ପରିବାର ପକ୍ଷରୁ ନିଖୋଜ ଅଭିଯୋଗ ଦାଏର ହୋଇ ନ ଥିବାରୁ ପୁନମ୍ ଓ ଦୀପକଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ଜେରା ବେଳେ ସେମାନଙ୍କ କଥାରେ ତାଳମେଳ ରହି ନ ଥିଲା ଏବଂ ଶେଷରେ ସେମାନେ ଅପରାଧ ଘଟାଇଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି।



ଅଭିଯୁକ୍ତ ପୁନମ୍ ଓ ଦୀପକଙ୍କୁ ପୋଲିସ ଗିରଫ କରିଛି।

# ପୁରୀରେ ହେବ ଧର୍ମଶାଳା, ସପ୍ତାହକ ମଧ୍ୟରେ ଜମି ଚିହ୍ନଟ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁଳତା ସମାଜ ପ୍ରତିନିଧି ଦଳ



ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଓଡ଼ିଶା କୁଳତା ସମାଜର ଏକ ପ୍ରତିନିଧି ଦଳ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ବିଭିନ୍ନ ଦାବି ବିଷୟରେ ଆଲୋଚନା କରିଛନ୍ତି। ସେମାନଙ୍କ କୁଳଦେବତା ପ୍ରଭୁ ନୃସିଂହନାଥଙ୍କ ପୀଠର ଉନ୍ନତି ନିମନ୍ତେ ୫-ଟି ଉପକ୍ରମରେ ମୁଖ୍ୟମନ୍ତ୍ରୀ ନେଇଥିବା ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ସେମାନେ ପୁରୀରେ ଏକ ଧର୍ମଶାଳା ନିର୍ମାଣ ଲାଗି ଜମି ଏବଂ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ଅନୁରୋଧକୁ ଗ୍ରହଣ କରି ସପ୍ତାହକ ମଧ୍ୟରେ ପୁରୀରେ ଜମି ଚିହ୍ନଟ ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୁଳତା ସମାଜ ବହୁଳ ଗ୍ରାମଗୁଡ଼ିକରେ ଜଗନ୍ନାଥ ମନ୍ଦିର ସ୍ଥାପନ, ପରିଚାଳନା, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହି ସମାଜ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ପୁରୀ ନିକଟସ୍ଥ ରାମଚଣ୍ଡୀ ମନ୍ଦିର ମଧ୍ୟ କୁଳତା ସମାଜର ଏକ ପ୍ରସିଦ୍ଧ ଧର୍ମପୀଠ। ଏହି ସମାଜର ଲକ୍ଷ ଲକ୍ଷ ଭକ୍ତ ପ୍ରତିବର୍ଷ ପୁରୀଧାମକୁ ଯାଇଥା'ନ୍ତି। ତେଣୁ ପୁରୀରେ କୁଳତା ସମାଜକୁ ଧର୍ମଶାଳା ନିମନ୍ତେ ୧ ଏକର ଜମି ଓ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉ ବୋଲି ପ୍ରତିନିଧି ଦଳ କହିଛନ୍ତି। ଏହାଦ୍ୱାରା କୁଳତା ସମାଜର ଭକ୍ତମାନେ ସୁବିଧାରେ ପୁରୀ ଧାମରେ ରହିବା ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଧ୍ୟ ସୁରୁଖୁରୁରେ ଆୟୋଜନ କରିପାରିବେ। ଏହାସହ ସରକାରଙ୍କ ତରଫରୁ ଧର୍ମଶାଳା ନିର୍ମାଣ ଲାଗି ଆର୍ଥିକ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ଷକ ମଧ୍ୟରେ ଏହି ଧର୍ମଶାଳା ଯେପରି ସମ୍ପୂର୍ଣ୍ଣ ହୋଇପାରିବ, ସେ ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ଦାବି ପ୍ରତି ସହାନୁଭୂତିଶୀଳ ମନୋଭାବ ପାଇଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ପ୍ରତିନିଧି ଦଳରେ ବୌଦ୍ଧ, ସୋନପୁର, ସମ୍ବଲପୁର ଓ ବ୍ରଜରାଜନଗର ଅଞ୍ଚଳର କୁଳତା ସମାଜ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ଖଣ୍ଡାରେ ଜନ୍ମଦିନ କେକ୍ କାଟି ୫ ଗିରଫ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ଖଣ୍ଡାରେ କେକ୍ କାଟି ଜନ୍ମଦିନ ପାଳିବା ଘଟଣାରେ ସୋମବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନୟାପଲ୍ଲୀ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ ଜଣ ନାବାଳକ ରହିଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସୋର ଅଞ୍ଚଳର ଶ୍ୟାମସୁନ୍ଦର ମହାଲିକ(୧୯), କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଚିକୁ ଦିଗଲ(୧୯) ଓ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଦେବାଶିଷ ମଲ୍ଲିକ ଓରଫ ଜଗନ (୧୯)। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ।




# ଆମେ ମାଓବାଦୀ ସଂଗଠନରେ ଯୋଗଦେବୁ

### ପୋଲିସର ପକ୍ଷପାତିତା ବିରୋଧରେ ସ୍ୱର

କେନ୍ଦୁଝର,୨୮।୧୧(ସ୍ୱ.ପ୍ର.): ଆମକୁ ପୋଲିସ ନ୍ୟାୟ ଦେଉନାହିଁ। ପକ୍ଷପାତିତା କରି ଆକ୍ରମଣକାରୀଙ୍କୁ ନ ଧରି ଆମକୁ ଗିରଫ କରୁଛି। ଏଣୁ ଆମେ ସୁରକ୍ଷିତ ନାହୁଁ। ନ୍ୟାୟ ମିଳୁ ନ ଥିବାରୁ ମାଓବାଦୀ ସଂଗଠନରେ ଯୋଗଦେବାକୁ ଯାଉଛୁ। ଏଭଳି କହିଛନ୍ତି ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳା ହୁଡ଼ିସାହିର ଦଳିତ ସମ୍ପ୍ରଦାୟର ଟିଙ୍କିରାମ ଓ ଛଟୁରାମ। ଆମେ ୪ ଜଣ ଲାଲ ବାହିନୀରେ ଯୋଗଦେବାକୁ ଯାଉଛୁ ଲେଖା ଥିବା ପ୍ଲାକାର୍ଡ ଧରି ସୋମବାର ପ୍ରତିବାଦ କରିଥିଲେ। କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଘଟଣାର ତଦନ୍ତ କରିବାକୁ ବଡ଼ବିଲ ଏସ୍‌ଡିପିଓଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ୨୦୨୧ରେ ସ୍ଥାନୀୟ ଅଞ୍ଚଳର ୪୯ରୁ ଊର୍ଦ୍ଧ୍ୱ ଲୋକ ଘରେ ପଶି ଟିଙ୍କି ଓ ଛଟୁଙ୍କୁ ମାରପିଟ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ଶୁଣୁନାହିଁ। ଓଲଟି ଉକ୍ତ ଘଟଣାରେ ତାଙ୍କୁ ଗିରଫ କରାଯାଇଥିବା ଉଭୟେ କହିଛନ୍ତି। କିନ୍ତୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଣୁ ଆକ୍ରମଣକାରୀମାନେ ସବୁବେଳେ ଭୟଭୀତ କରୁଥିବାରୁ ସେମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ନ୍ୟାୟ ନ ମିଳିଲେ ବାଧ୍ୟ ହୋଇ ପରିବାର ସହ ମାଓବାଦୀ ସଂଗଠନରେ ଯୋଗଦେବେ ବୋଲି ସେମାନେ କହିଛନ୍ତି। ଏ ନେଇ ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି, ସେମାନଙ୍କ ଏତଲାକୁ ଭିତ୍ତିକରି ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଅଭିଯୋଗ ମିଥ୍ୟା ବୋଲି ଜଣାପଡ଼ିଥିଲା। କୌଣସି ପକ୍ଷପାତିତା କିମ୍ବା ଅନ୍ୟାୟ କରାଯାଇନାହିଁ ବୋଲି ସେ କହିଥିଲେ।

**SYNERGY COLLEGE OF NURSING**
**Dhenkanal, Odisha**
(Under the aegis of Synergy Group of Institutions)
Recognised by Helath & Family Welfare Department, Govt. of Odisha
Celebrating 23 Glorious Years

After 23 years of excellence in B.Tech., Synergy College of Nursing, Dhenkanal a unit of SYNERGY GROUP OF INSTITUTION invite application from students for admission into

**B.Sc. Nursing**
For the Academic Year 2022-2023

FACILITIES:
- Well equipped Laboratory
- Library with Digital Facilities
- Separate Hostels (Boys/Girls)
- CCTV Camera Supervision
- Banking/ATM Facility
- Cafeteria
- E-Campus
- GYM/Sports Complex
- Excellence Centers/Clubs
- Ragging Free Environment

Eligibility
+2 Science Pass with PCB 45% Marks for General and 40% for SC/ST Students
For Admission Details & Other Information Contact :
Mob - 9438040937, 9348509543, 9437578074, 9437177467




DSPL-310

## ଓଡ଼ିଶାରେ ମତ୍ସ୍ୟବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା

**ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୮,୫୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀ ରେ ମାଛ ଚାଷ:** ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୧୫୦୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୯୦୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।



**ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator ), ବାୟୁ ସଞ୍ଚାଳନ ଯନ୍ତ୍ର (Air Blower ), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ବାୟୋଫ୍ଲକ ପଦ୍ଧତିରେ ମାଛଚାଷ:** କମ ଜାଗାରେ, କମ ଜଳରେ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଖାରିଜଳରେ ମାଛ ଓ ଚିଙ୍ଗୁଡିଚାଷ ନିମନ୍ତେ ପ୍ରୋତ୍ସାହନ:** ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା:** ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ ଓ ଇଞ୍ଜିନ ଯୋଗାଇ ଦିଆଯାଉଛି। ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ମତ୍ସ୍ୟ ପରିବହନ ନିମନ୍ତେ ଶୀତଳିକରଣ ଯାନ:** ଖାଉଟିମାନଙ୍କୁ ସତେଜ ଓ ତଟକା ମାଛ ଯୋଗାଣ ଓ ମତ୍ସ୍ୟ ପରିବହନ ବେଳେ ମାଛକୁ ସତେଜ ରଖିବା ପାଇଁ ଇନସୁଲେଟେଡ ଟ୍ରକ, ମୋପେଡ ସହ ବରଫ ବାକ୍ସ, ଅଟୋ ସହ ବରଫ ବାକ୍ସ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଅଧିକ ବିବରଣୀ ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

OIPR-06015/13/0028/2223




THE RIGHT SKILLS LEAD TO RIGHT DIAGNOSTIC OBSERVATIONS

**MADE IN CENTURION**

The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.

FOR ADMISSIONS, CALL: 82600 77222

LEARN THE WORLD

Centurion UNIVERSITY

**PARAMEDICS & ALLIED HEALTH COURSES :**

**Certificate Courses:**
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant

**Diploma Courses:**
- Medical Laboratory Technology
- Medical Radiology Technology

**Bachelor Courses:**
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy

**Masters Courses:**
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA

ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ନଭେମ୍ବର, ୨୦୨୨

## ଆଜି ଭାରତ ବନ୍ଦ
### ଜାତି ଆଧାରିତ ଜନଗଣନା ନ କରିବାର ପ୍ରତିବାଦ

ଭୁବନେଶ୍ୱର: ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଓବିସିଙ୍କ ଜାତି ଆଧାରିତ ଜନଗଣନା କରା ନ ଯିବା ପ୍ରତିବାଦରେ ଏହି ଡାକରା ଦିଆଯାଇଛି। ସେହିପରି ଇଭିଏମ୍ ଟାମ୍ପରିଂ, ଏନ୍ଆର୍‌ସି/ଏନ୍‌ପିଆର/ସିଏଏ, ଜଳ-ଜଙ୍ଗଲ-ଜମିରୁ ଆଦିବାସୀଙ୍କୁ ବିସ୍ଥାପନର ପ୍ରତିବାଦ ସାଙ୍ଗକୁ କୃଷକଙ୍କ ପାଇଁ ଏମ୍ଏସ୍‌ପି ଗ୍ୟାରେଣ୍ଟି ଆଇନ, ବେସରକାରୀ କ୍ଷେତ୍ରରେ ଏସ୍‌ସି, ଏସ୍‌ଟି, ଓବିସିଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା, ପୁରୁଣା ପେନସନ୍ ସ୍କିମ୍ ପୁନଃ କାର୍ଯ୍ୟକାରୀ କରିବା ଦାବି କରାଯାଇଛି। ପଶୁ ଓ ପକ୍ଷୀଙ୍କ ଗଣନା କରାଯାଉଥିବାବେଳେ ଓବିସିଙ୍କର ଜନଗଣନା କରାଯାଉ ନ ଥିବା ନେଇ ମୋର୍ଚ୍ଚା କ୍ଷୋଭ ପ୍ରକାଶ କରିଛି। ଏହିକ୍ରମରେ ରାଜ୍ୟରେ ମୋର୍ଚ୍ଚାର ଓଡ଼ିଶା ଶାଖା ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଣ ନାଶ କରେ ବାଉଁଶ
ବାଟ ନାଶ କରେ ଟୁପୁରୁ ପାଣି
ଘର ନାଶ କରେ ପୁରୁଷ।**

ବାଉଁଶ ଗଛ ବୁଦା ବୁଦା ହୋଇ ବଢ଼ିଥାଏ। ଫଳସ୍ୱରୂପ ତା'ରି ମୂଳରେ ଅନ୍ୟ କିଛି ଗଛ ଉଧେଇ ପାରି ନ ଥାଏ। ଝିପି ଝିପି ବର୍ଷାରେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଜାର ପୁରୁଷ ଯୋଗୁ ଘରର ପତନ ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜାରୀ, ହଟାରି, ସୁନାରି, ଦାରୀ
ଏ ନୁହନ୍ତି କାହାରି।**

ଉପରୋକ୍ତ ବର୍ଣ୍ଣିତ ବ୍ୟକ୍ତିଙ୍କ ଚରିତ୍ର ଓ ମନୋବୃତ୍ତି ଆଦୌ ସନ୍ତୋଷଜନକ ହୋଇ ନ ଥାଏ। ଏମାନେ ସବୁବେଳେ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାନ୍ତି। ଯେଉଁଠି ବି ପଇସା ଅଧିକ ପାଇଥାନ୍ତି ସେଠିକି ଯିବାକୁ ଉଚିତ ମଣିଥାନ୍ତି। ଏମାନଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦମ୍ପତିଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ

## ପୂର୍ବଶତ୍ରୁତାରୁ ଉନ୍ମତ୍ତକାଣ୍ଡ

ବାରିପଦା ଅଫିସ/ କପ୍ତିପଦା,୨୮।୧୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନୂଆସାହି ଅଞ୍ଚଳରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୋଇଥିବା ଅବସ୍ଥାରେ ଏକ ଦମ୍ପତିଙ୍କ ଦେହରେ ଜଣେ ପଡ଼ୋଶୀ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେ ଏଭଳି ଉନ୍ମତ୍ତ କାଣ୍ଡ ଘଟାଇ ଥିବା ଅଭିଯୋଗ ହୋଇଛି। ଗୁରୁତର ଦମ୍ପତିଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ଅର୍ଜୁନ ଦଣ୍ଡପାଟ ଓ ତାଙ୍କ ସ୍ତ୍ରୀ ସୁମତୀ କବାଟ ଝରକା ନ ଥିବା ଆବାସ ଗୃହରେ ଶୋଇଥିବା ବେଳେ ପଡ଼ୋଶୀ ଘରର ଜଣେ ଯୁବକ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁରେ ପୋଡ଼ି ଉଭୟ ଚିତ୍କାର କରିବାରୁ ପାଖ ଘରେ ଶୋଇଥିବା ତାଙ୍କ ଦୁଇ ଝିଅ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଅର୍ଜୁନଙ୍କ ଶରୀରର ୫୦ପ୍ରତିଶତ ପୋଡି ଯାଇଥିବା ବେଳେ ସୁମତୀ ୮୦ ପ୍ରତିଶତ ପୋଡ଼ିଯାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆନ୍ଦୋଳନକାରୀଙ୍କ ଲାଇସେନ୍ସ...

ହୋଇପାରେ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଥିଲେ। ଆନ୍ଦୋଳନ ଯୋଗୁ ନ୍ୟାୟ ଅପେକ୍ଷାରେ ଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଶାର ଅନେକ ଓକିଲ ସଂଘର ବ୍ୟବହାର ସନ୍ତୋଷଜନକ ନୁହେଁ ବୋଲି ଖଣ୍ଡପୀଠ କହିବା ସହ ଅଧିକ ସମୟ ଦେବା ପାଇଁ ପଶ୍ଚିମ ଓଡ଼ିଶା ବାର୍ ଆସୋସିଏଶନଗୁଡ଼ିକର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ଆବେଦନକୁ ଖାରଜ କରିଦେଇଥିଲେ। ହେଲେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟପକ୍ଷରେ ସିଏସି ଆବାହକ ଅଶୋକ ଦାସଙ୍କ ନେତୃତ୍ୱରେ ଗତ ୧୬ ତାରିଖରେ ସମ୍ବଲପୁରର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ଏଥିରେ ସରକାରଙ୍କ ଚକ୍ରାନ୍ତ ଥିବା, ଏକତରଫା ବିଚାର ଏବଂ କ୍ଷମତାର ଅପବ୍ୟବହାର କରାଯାଇଥିବା ଅଭିଯୋଗ କରାଯାଇଥିଲା। ସିଏସି କର୍ମକର୍ତ୍ତା ଦର୍ଶାଇଥିଲେ, ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପଶ୍ଚିମ ଓଡ଼ିଶାର ସିଏସିରେ ସାମିଲ ଥିବା ସମସ୍ତ ଆଇନଜୀବୀ ଲାଇସେନ୍ସ ସରେଣ୍ଡର କରିବେ। ରାଜ୍ୟ ସରକାର ତୁରନ୍ତ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ ବୋଲି ଉଲ୍ଲେଖ କରି ପୂର୍ଣ୍ଣାଙ୍ଗ ରିପୋର୍ଟ କେନ୍ଦ୍ର ପାଖରେ ଦାଖଲ କରନ୍ତୁ। ଏହାସହ ଆଇନଜୀବୀଙ୍କ ମଧ୍ୟରେ ଯେଉଁଭଳି ବିବାଦ ଦେଖାଦେଇଛି, ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରନ୍ତୁ ବୋଲି ଦାବି କରାଯାଇଥିଲା।

ସୋମବାର ଶୁଣାଣି ବେଳେ ଖଣ୍ଡପୀଠ ଅବଗତ ହୋଇଥିଲେ ଯେ, ଓଡ଼ିଶାର ବିଭିନ୍ନ ଜିଲାରେ ଓକିଲମାନଙ୍କ ଆନ୍ଦୋଳନ ଜାରି ରହିବା ସହ କୋର୍ଟ କାର୍ଯ୍ୟ ହୋଇପାରୁନାହିଁ। ଏହି ଆନ୍ଦୋଳନ ଯୋଗୁ ଗତ ଅକ୍ଟୋବରରେ ଅତିକମ୍‌ରେ ୨୦ ଜିଲାରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସମୁଦାୟ ୩,୨୧୬ ଘଣ୍ଟାର ନ୍ୟାୟିକ କାର୍ଯ୍ୟ ନଷ୍ଟ ହୋଇଥିବା ଖଣ୍ଡପୀଠ ଜାଣିବାକୁ ପାଇଛନ୍ତି। ଗତ ଶୁକ୍ରବାର ଖୋର୍ଦ୍ଧା ଜିଲା କୋର୍ଟ ପରିସରରେ ହୋଇଥିବା ଘଟଣା ସମ୍ପର୍କରେ ମଧ୍ୟ ଖଣ୍ଡପୀଠ ଅବଗତ ହୋଇଛନ୍ତି। ଉକ୍ତ ଦିନ ଆନ୍ଦୋଳନକାରୀ ଓକିଲମାନେ ନ୍ୟାୟିକ ଅଧିକାରୀ ଏବଂ ଅନ୍ୟ ଓକିଲମାନଙ୍କ କୋର୍ଟକୁ ଯିବା ଏବଂ ଫେରିବାରେ ବାଧା ସୃଷ୍ଟି କରିଥିଲେ। ଏନେଇ ଜିଲା ଜଜ୍ ସୁପ୍ରିମ୍‌କୋର୍ଟଙ୍କୁ ଚିଠି ଲେଖି ନ୍ୟାୟିକ ଅଧିକାରୀ, କର୍ମଚାରୀ ଏବଂ ମହକିଲମାନଙ୍କ ସୁରକ୍ଷା ଲୋଡ଼ିଥିଲେ। କେବଳ ପଶ୍ଚିମ ଓଡ଼ିଶା ନୁହେଁ, ବିଭିନ୍ନ ଜିଲାରେ ଓକିଲମାନେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ କରିଆସୁଛନ୍ତି। ଏନେଇ ଖଣ୍ଡପୀଠ କହିଛନ୍ତି ଯେ, ପ୍ରତ୍ୟେକ ଜିଲାରେ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ସମ୍ଭବ, କିନ୍ତୁ ହାଇକୋର୍ଟ ବେଞ୍ଚ ନୁହେଁ। ଓଡ଼ିଶା ସେଭଳି ଏକ ବଡ଼ ରାଜ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

## ରାଜ୍ୟର ମୁଣ୍ଡପିଛା...

ରାଜସ୍ୱ ଆଦାୟରେ କ୍ଷତି ଘଟିଲେ ୫ ବର୍ଷ ପାଇଁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ୧୬ ହଜାର ୩୭୦ କୋଟି ୮ ଲକ୍ଷ ଟଙ୍କା ମଧ୍ୟରୁ ରାଜ୍ୟ ସରକାର ୧୨ ହଜାର ୧୨୯ କୋଟି ଟଙ୍କା ରାଜସ୍ୱ ପାଇଥିଲେ। ରାଜ୍ୟର କ୍ଷତିଭରଣ ବାବଦକୁ ପ୍ରାୟ ୪ ହଜାର ୨୪୧ କୋଟି ୮ ଲକ୍ଷ ଟଙ୍କା ପାଇଛନ୍ତି।

## ଗୃହରେ ଶିକ୍ଷକଙ୍କ...

୧୧ଟା ୪୫ ଯାଏ ଗୃହକୁ ମୁଲତବୀ ଘୋଷଣା କରିଦେଇଥିଲେ। ୧୧ଟା ୪୬ ମିନିଟ୍‌ରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ନିର୍ଦ୍ଦିଷ୍ଟ ଦାବି ନେଇ ଲକ୍ଷାଧିକ ଶିକ୍ଷକ ଧର୍ମଘଟ ଚଳାଇଛନ୍ତି। ରାତିସାରା ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାଘାତ ହୋଇଛି। ପାଠ ପଢ଼ା ନ ହେଲେ ରାଜ୍ୟର ଉନ୍ନତି ହୋଇପାରିବ ନାହିଁ। ଆନ୍ଦୋଳନରତ ଶିକ୍ଷକମାନଙ୍କ ପାଖକୁ ଶିକ୍ଷା ମନ୍ତ୍ରୀ କିମ୍ବା ଅନ୍ୟ କୌଣସି ମନ୍ତ୍ରୀ ଆଲୋଚନା ପାଇଁ ଯାଇନାହାନ୍ତି। ନୂଆ ପେନ୍‌ସନ ରୁଲ୍‌କୁ ବିରୋଧ କରିବା ସହ ଅନ୍ୟାନ୍ୟ ଦାବି ନେଇ ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ କାହାକୁ ପଠାଇ ତୁରନ୍ତ ଆଲୋଚନା କରନ୍ତୁ। ଏହି ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ହଇରାଣ ହେବା ସହ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ତୁରନ୍ତ ଆଲୋଚନା କରାଯାଉ ବୋଲି ସେ ଦାବି କରିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଶିକ୍ଷକ ସମାଜ ରାଜଧାନୀକୁ ଘେରିରହିଛି। ୭୦ ବିଧାୟକ, ୧୫ ମନ୍ତ୍ରୀ ପଦ୍ମପୁର ନିର୍ବାଚନ ପ୍ରଚାରରେ ମାତିଛନ୍ତି। ୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନରେ ବସିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ, ୨୦୦୦ ମସିହାରେ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିଲା। ଏବେ ଭଲ ଅଛି। ରାଜ୍ୟରୁ ଠିକା ନିଯୁକ୍ତି ଉଠାଇଦେଇ ସରକାର ଐତିହାସିକ ନିଷ୍ପତ୍ତି ନେଲେ ବୋଲି କହିଛନ୍ତି। କିଛି ଶିକ୍ଷକ ନାଚିଲେ, ବାଜା ବଜେଇଲେ। ଯଦି ସରକାର ଐତିହାସିକ ନିଷ୍ପତ୍ତି ନେଲେ ତେବେ ଆଜି କାହିଁକି ୨ ଲକ୍ଷ ଶିକ୍ଷକ ରାଜଧାନୀରେ ବସିଛନ୍ତି। ଏଥିପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କର କିଛି ପରବାୟ ନାହିଁ। ଶିକ୍ଷା ମନ୍ତ୍ରୀ ପଦ୍ମପୁରରେ ନିର୍ବାଚନ ପ୍ରଚାର କରୁଛନ୍ତି। କାହାଠାରୁ ଅନୁମତି ନେଇ ସେ ପଦ୍ମପୁର ଗଲେ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ସରକାରଙ୍କ ଚିନ୍ତା ନାହିଁ କି ଦରଦ ନାହିଁ ବୋଲି ସେ କହିଛନ୍ତି।

ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ରାଜ୍ୟ ସରକାର ଶିକ୍ଷକଙ୍କ ଅନେକ ସମସ୍ୟା ସମାଧାନ କରିଛନ୍ତି। ରାଜ୍ୟ ସରକାର ଠିକା ନିଯୁକ୍ତି ବିଲୋପ କଲେ। ଯେଉଁ କେତେଜଣ ରହିଯାଇଛନ୍ତି ସେମାନଙ୍କ କଥା ସରକାର ବିଚାର କରିବେ। ଆଗରୁ ଶିକ୍ଷକଙ୍କୁ ଭୁବନେଶ୍ୱରକୁ ପୂରାଇ ଦିଆଯାଉ ନ ଥିଲା। ଆନ୍ଦୋଳନ କରିବାକୁ ଅନୁମତି ଦିଆଯାଉ ନ ଥିଲା। ଶିକ୍ଷକମାନଙ୍କ ଆନ୍ଦୋଳନକୁ ସକାରାତ୍ମକ ଦୃଷ୍ଟିରୁ ସରକାର ବିଚାର କରିବେ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ୨ ଦିନ ହେବ ଶିକ୍ଷକମାନେ ୩ ଦଫା ଦାବିରେ ଆନ୍ଦୋଳନ କରୁଛନ୍ତି। ସ୍କୁଲ ପାଠପଢ଼ା ବନ୍ଦ ହୋଇଯାଇଛି। ହେଲେ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ପାଇଁ ଶିକ୍ଷା ମନ୍ତ୍ରୀ ନାହାନ୍ତି କି ଶିକ୍ଷା ବିଭାଗର କୌଣସି ଅଧିକାରୀ ନାହାନ୍ତି। ସେହିପରି ବିଧାନସଭାରେ ବି କୌଣସି ମନ୍ତ୍ରୀ ନାହାନ୍ତି। ଯଦି ଲକ୍ଷ ଲକ୍ଷ ଶିକ୍ଷକ ରାଜରାସ୍ତାରେ କାନ୍ଦୁଛନ୍ତି, ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ ରାତିରେ ଶୋଉଛନ୍ତି, ତା'ହେଲେ ଏହି ଗୃହ କ'ଣ ପାଇଁ ଚାଲିବ? ଶିକ୍ଷକଙ୍କ ସମସ୍ୟା ଦୂର କରିବାକୁ ବାଚସ୍ପତି ରୁଲିଂ ଦିଅନ୍ତୁ କହି ତାରା ଓ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ରୁଲିଂ ଦେଇ କହିଥିଲେ ଯେ, ଶିକ୍ଷକଙ୍କ ଆନ୍ଦୋଳନ ସମ୍ପର୍କରେ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିକ୍ଷକଙ୍କ ଦାବି ପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଁ ନିର୍ଦ୍ଦେଶ ଦେଉଛି ବୋଲି କହିଥିଲେ। ଏହାପରେ ଗୃହ ସ୍ୱାଭାବିକ ହୋଇଥିଲା।

# ବିଧାନସଭାରେ ଅର୍ଚ୍ଚନା ତାତି

## ମୁଲତବୀ ଆଲୋଚନା

■ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ସରକାର: ବିରୋଧୀ

■ ଯେତେ ପ୍ରଭାବଶାଳୀ ହୁଅନ୍ତୁନା କାହିଁକି ଆଇନ ହାତରୁ ଖସିପାରିବେନି: ବିଜେଡି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲାରେ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି। ଏହି ଘଟଣାରେ ମନ୍ତ୍ରୀ, ବିଧାୟକ, ବଡ଼ ବଡ଼ ନେତା, ସରକାରୀ ଅଫିସର ସମ୍ପୃକ୍ତ ଅଛନ୍ତି। ଘଟଣାକୁ ଜାଣିଶୁଣି ଚାପି ଦିଆଯାଉଛି। ରାଜ୍ୟ ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅଭିଯୋଗ ପରେ ମଧ୍ୟ ମନ୍ତ୍ରୀ କିମ୍ବା ବିଧାୟକଙ୍କୁ ଜେରା ପାଇଁ ଡକାଯାଉନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବିରୋଧୀ ଅଭିଯୋଗ କରିଛନ୍ତି। ସୋମବାର ବିଧାନସଭାରେ ଅର୍ଚ୍ଚନା ନାଗ ପ୍ରସଙ୍ଗରେ 'ସବୁଠି ଏବେ ଗୋଟିଏ କଥା, ସରକାର ଅପରାଧୀଙ୍କ ସୁରକ୍ଷାଦାତା.....' ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଅପରାଧ ସଂଖ୍ୟା କମ୍ ଥିବା ସରକାର କହୁଛନ୍ତି। ଗତ ୧୦ ବର୍ଷରେ ୧୧,୭୭୩ ଜଣଙ୍କୁ ବଳାତ୍କାର କରାଯାଇଛି। ଅପରାଧ ଘୋଡ଼ାଇବା ପାଇଁ ଏଭଳି କୁହାଯାଉଛି। ଅର୍ଚ୍ଚନା ମାମଲାରେ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତା ସମ୍ପୃକ୍ତ ଅଛନ୍ତି। ଅର୍ଚ୍ଚନାଙ୍କ ନିକଟରେ ୭୪ ଜଣ ହେଭିୱେଟ୍ ନେତାଙ୍କର ଫଟୋ ଅଛି। ତାଙ୍କଠାରୁ ପୋଲିସ ୫ଟି ଡାଇରି, ୪ଟି ଲାପ୍‌ଟପ୍, ସିଡୀ, ପେନ୍‌ଡ୍ରାଇଭ୍ ଜବତ କରିଛି। ପୋଲିସ ସବୁ ରେକର୍ଡ କରିଥିଲା। ସେଗୁଡ଼ିକ କୁଆଡ଼େ ଗଲା। ଅପରାଧୀଙ୍କୁ ଖସାଇବାକୁ ପୋଲିସ ରେକର୍ଡ ଗାଏବ୍ କରିଛି କି? ଏ ସମ୍ପର୍କରେ ମନ୍ତ୍ରୀଙ୍କୁ ଉତ୍ତର ଦେବାକୁ ପଡ଼ିବ। ଏହି ଘଟଣା ସାରା ରାଜ୍ୟକୁ ଲଜ୍ଜିତ କରିଛି। ଅର୍ଚ୍ଚନା ହନିଟ୍ରାପ୍‌ରେ ବଡ଼ ବଡ଼ ଅଧିକାରୀ, ବ୍ୟବସାୟୀ, ଚଳଚ୍ଚିତ୍ର ନିର୍ମାତା ଅଛନ୍ତି। କାହାକୁ ବଦଳି କରାଯିବ, କାହାକୁ ଟେଣ୍ଡର ଦିଆଯିବ ସେ ସମସ୍ତ କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିବା ବେଳେ ପୋଲିସ କିମ୍ବା ଗୋଇନ୍ଦା ବିଭାଗ କିପରି ଜାଣି ପାରିଲା ନାହିଁ। ରାଜ୍ୟରେ ଅପରାଧ ସଂଖ୍ୟା ବଢ଼ିଚାଲିଛି। ବିଜେଡି ସଭ୍ୟ କେ. ନାରାୟଣ ରାଓ କହିଲେ, ଅପରାଧକୁ ଯେତେ ଚପାଯିବ ସେତେ ବଢ଼ିବ। ମୌନେ ସମ୍ମତି ଲକ୍ଷଣ। ଏଥିରେ ଶାସକ ଦଳର ବହୁ ମନ୍ତ୍ରୀ, ବିଧାୟକ ସମ୍ପୃକ୍ତ ରହିଛନ୍ତି। ସମ୍ପୃକ୍ତ ନ ଥିବା ନେଇ କୌଣସି ଜଣେ ବି ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇନାହାନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ, ଅର୍ଚ୍ଚନା ନାଗ ମାମଲାରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି। ପୋଲିସ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇଥାଆନ୍ତା ତେବେ ଆଜି ଏହି ଘଟଣା ଘଟି ନ ଥାନ୍ତା ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ପ୍ରତ୍ୟେକ ଦିନ ଖବର ପ୍ରକାଶ ପାଉଛି। ଯେଉଁ ମନ୍ତ୍ରୀ, ନେତା, ଅଫିସର ସମ୍ପୃକ୍ତ ଥିବା ନେଇ ଗଣମାଧ୍ୟମରେ ଫଟୋ ଆସୁଛି ସେମାନଙ୍କୁ ଇଡି ପଚାରିବା ପାଇଁ ଡାକିନାହିଁ। ଏହି ଘଟଣାରେ ଯେଉଁ ଦଳର ନେତା ଥାଆନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଏହି ମାମଲାରେ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏହି ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଆମ ପାଖରେ ପଇସା ନାହିଁ। ଆମେ ସେଥିରେ ନାହୁଁ। ଅକ୍ଟୋବର ୬ରେ ନାଗୁଣୀଙ୍କୁ ଗିରଫ କରାଗଲା। ୨୧ ତାରିଖରେ ଚାନ୍ଦଙ୍କୁ ଗିରଫ କଲେ। ୧୪ ଦିନ କାହିଁକି ଡେରି କରାଗଲା। ପ୍ରମାଣ ନଷ୍ଟ କରିବାକୁ ଏସବୁ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସ୍ପେଶାଲ ବ୍ରାଞ୍ଚ, ଭିଜିଲାନ୍ସ କ'ଣ କରୁଥିଲା। ଆମେ ଗାଡ଼ିଟିଏ କିଣିଲେ ୨ ଲକ୍ଷ ଟଙ୍କା କ୍ୟାଶ୍ ଦେଇପାରୁନୁ। ୩୦/୪୦ କୋଟି ଟଙ୍କାର କ୍ୟାଶ୍ ନେଲେ କେମିତି। ବଡ଼ ବଡ଼ ଶେଉଳ ଅଛନ୍ତି, ସେମାନଙ୍କୁ ଧରିବା ଦରକାର ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ରାଜ୍ୟରେ ଏହା ଏକ ବହୁଚର୍ଚ୍ଚିତ ବିଷୟ ହୋଇଛି। ଏହା ଏକ ସମ୍ବେଦନଶୀଳ ଘଟଣା। ଅପରାଧୀଙ୍କୁ ରାଜ୍ୟ ସରକାର କେବେ ପ୍ରଶ୍ରୟ ଦେଇନାହାନ୍ତି। ଯଦି ଆଇନଶୃଙ୍ଖଳା ସମସ୍ୟା ଥାଆନ୍ତା ତେବେ ଆସନ୍ତା ୩୦ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ବିଦେଶୀ ପୁଞ୍ଜିପତି ଆସୁ ନ ଥାନ୍ତେ। ରାଜ୍ୟରେ ଆଇନଶୃଙ୍ଖଳା ଭଲ ଅଛି। ଯେତେ ବଡ଼ ପଦବୀରେ ଥାଆନ୍ତୁନା କାହିଁକି ଦୋଷୀଙ୍କୁ ସରକାର କେଭେ ଛାଡ଼ିନାହାନ୍ତି। ବିଜେଡି ସଭ୍ୟ ମୀନାକ୍ଷୀ ମହାନ୍ତ, ସୁନନ୍ଦା ଦାସ ଏବଂ ରାଜକିଶୋର ଦାସ ପ୍ରମୁଖ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭଲ ରହିଛି। ସରକାର କୌଣସି ଅପରାଧୀଙ୍କୁ ଛାଡ଼ିନାହାନ୍ତି ବୋଲି କହିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଲତବୀ ଆଲୋଚନା ଜବାବରେ କହିଥିଲେ, ଆଇନ ସମସ୍ତଙ୍କ ଉର୍ଦ୍ଧ୍ୱରେ। ଯେତେ ବଡ଼ ପଦବୀରେ ଥାଆନ୍ତୁନା କାହିଁକି ଆଇନକୁ କେହି ହାତକୁ ନେଇପାରିବେ ନାହିଁ। ରାଜ୍ୟର ମୁଖ୍ୟ ଅପରାଧୀଙ୍କୁ କେବେ ପ୍ରଶ୍ରୟ ଦେଇନାହାନ୍ତି। ଏହି ଘଟଣାରେ ଯିଏ ବି ସମ୍ପୃକ୍ତ ଥିବେ ସେମାନଙ୍କୁ ନିଶ୍ଚିତ ଦଣ୍ଡ ମିଳିବ। ଏତିକି କହିବା ବେଳେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ମନ୍ତ୍ରୀ କହିଥିଲେ, ସରକାର ଅପରାଧୀଙ୍କୁ ସୁରକ୍ଷା ଦେଉଥିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅସତ୍ୟ। ସରକାର କେବେ ଅପରାଧୀଙ୍କୁ ସୁରକ୍ଷା ଦେଇନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନର ଶାସନକୁ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଯେତେ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁନା କାହିଁକି ଆଇନ ଅନୁଯାୟୀ ତାଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅର୍ଚ୍ଚନା ନାଗ ମାମଲାରେ ୨୦୨୨ ସେପ୍ଟେମ୍ବର ୨୯ରେ ଅକ୍ଷୟ ପରିଜାଙ୍କ ଲିଖିତ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନାରେ ମାମଲା (ନଂ.୬୪୬) ରୁଜୁ କରାଯାଇଥିଲା। ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଲିଖିତ ଅଭିଯୋଗ କ୍ରମେ ଅର୍ଚ୍ଚନାଙ୍କ ବିରୋଧରେ ଅକ୍ଟୋବର ୨ରେ ଖଣ୍ଡଗିରି ଥାନାରେ ମାମଲା(ସଂଖ୍ୟା ୪୯୭) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଯଥାକ୍ରମେ ଅକ୍ଟୋବର ୬ ଓ ୨୧ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ୪ ବିଜେଡି କର୍ମୀଙ୍କ...

ଓକିଲ ଘର ଭିତରକୁ ଯିବା ପାଇଁ ଚାହିଁଥିଲେ ମଧ୍ୟ ତାଙ୍କୁ ଅନୁମିତି ଦିଆଯାଇ ନ ଥିଲା। ଖବର ଲେଖା ହେବା ଯାଏ (ରାତି ୮ଟା) ଚଢ଼ାଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ। ତେବେ ପଦ୍ମପୁର ଉପନିର୍ବାଚନ ହାରିବା ଭୟରେ ଭାଜପା ସମସ୍ତ କେନ୍ଦ୍ରୀୟ ସଂସ୍ଥା ଲଗାଇ ଭୟର ବାତାବରଣ ସୃଷ୍ଟି କରୁଛି। ମାତ୍ର ପଦ୍ମପୁରବାସୀ କେବେ ଭୟଭୀତ ହେବେ ନାହିଁ ଏବଂ ଭୋଟ୍‌ରେ ଭାଜପାକୁ ଉଚିତ ଜବାବ ଦେବେ ବୋଲି ବିଜେଡି ବିଧାୟକ ସୁଶାନ୍ତ ସିଂ କହିଛନ୍ତି। ଅପରପକ୍ଷରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯଦି କୌଣସି ବ୍ୟକ୍ତି ଆଇନକୁ ଭାଙ୍ଗିଥିବେ, ବେଆଇନ ଭାବେ କଳାଟଙ୍କା ରଖିଥିବାର ପ୍ରମାଣ ଆୟକର ବିଭାଗ ପାଖରେ ଥିବ ତେବେଯାଇ ସେମାନେ ଚଢ଼ାଉ କରିଥିବେ। ବିଜେଡି ମୁଖିଆ ସବୁବେଳେ ଆଇନ ତା' ବାଟରେ ଯିବ ବୋଲି କୁହନ୍ତି। ଆୟକର ଚଢ଼ାଉ ମଧ୍ୟ ଆଇନ ଆଧାରରେ ହେଉଛି। ବିଜୁ ଜନତା ଦଳ ଏହାକୁ କାହିଁକି ବିରୋଧ କରୁଛି। ନିର୍ବାଚନ ଅଛି ବୋଲି ଦୁର୍ନୀତିଗ୍ରସ୍ତ ଓ ଅପରାଧୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ କରି ସେମାନଙ୍କୁ ଛାଡି ଦିଆଯିବ କି ବୋଲି ହରିଚନ୍ଦନ କହିଛନ୍ତି।



ଆୟକର ବିଭାଗ ଚଢ଼ାଉ ବେଳେ ସିଆର୍‌ପିଏଫ୍ ଜବାନ ଜଗି ରହିଛନ୍ତି।

## ଭାଜପା ନେତାଙ୍କ...

ଜିଏସ୍‌ଟି ଅଧିକାରୀମାନେ ବରଗଡ଼ ହସ୍ପିଟାଲ ରୋଡ୍‌ରେ ରହିଥିବା ଅଶୋକ ମେଡ଼ିକାଲ ହଲ ଦୋକାନରେ ଚଢ଼ାଉ କରିଥିଲେ। ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହିତ ଦୋକାନ ମାଲିକ ସୁନୀଲ ଅଗ୍ରୱାଲଙ୍କୁ ପଚରାଉଚୁରା କରିଥିବା ସୂଚନା ମିଳିଛି। ପଦ୍ମପୁରର ୩ଟି ସ୍ଥାନରେ ମଧ୍ୟ ଜିଏସ୍‌ଟି ଚଢ଼ାଉ କରାଯାଇଛି। ସେଥିମଧ୍ୟରୁ ଭାଜପା ନଗର ସଭାପତି ସୁନିଲ ଅଗ୍ରୱାଲଙ୍କ କପଡ଼ା ଦୋକାନରେ ଏହି ଚଢ଼ାଉ ହୋଇଛି। ସେହିପରି ପଦ୍ମପୁରସ୍ଥିତ ଉମା ଅଗ୍ରୱାଲଙ୍କ ମୀନାକ୍ଷୀ ଜ୍ୱେଲର୍ସ, ବରିକେଲସ୍ଥିତ ରାଜେଶ ସାହୁଙ୍କ ଇଣ୍ଡେନ ଗ୍ୟାସ୍ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇଛି। ପାଇକମାଳସ୍ଥିତ ଗୋବର୍ଦ୍ଧନ ଅଗ୍ରୱାଲଙ୍କ ପେଟ୍ରୋଲ ପମ୍ପ ଓ ମେଡ଼ିକାଲରେ ଜିଏସ୍‌ଟି ଚଢ଼ାଉ ଚାଲିଥିବାବେଳେ ତାଙ୍କ ସମ୍ପର୍କୀୟ ବିକାଶ ଅଗ୍ରୱାଲଙ୍କ ଝାରବନ୍ଧ ସ୍ଥିତ ହାର୍ଡ୍‌ୱେର ଦୋକାନକୁ ମଧ୍ୟ ଜିଏସ୍‌ଟି ବିଭାଗର ଅଧିକାରୀ ପହଞ୍ଚି ସେଠାରେ ତନାଘନା ଚଳାଇଛନ୍ତି। ଗୋବର୍ଦ୍ଧନ ଜଣେ ଭାଜପା କର୍ମୀ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ପଦ୍ମପୁର ନଗର ଭାଜପା ସଭାପତି ସୁନିଲ ଅଗ୍ରୱାଲଙ୍କ ଲୁଗା ଦୋକାନରେ ଜିଏସ୍‌ଟି ଚଢ଼ାଉ ବେଳେ ସେଠାରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଚଢ଼ାଉ ସମୟରେ ଦୋକାନ ଖୋଲାଥିବାରୁ କିଛି ଭାଜପା ନେତା ସେଠାରେ ପହଞ୍ଚି ଜିନିଷ କିଣିବାକୁ ଚାହିଁଥିଲେ ଏବଂ ଦୋକାନ ଖୋଲା ରଖି ଏଠାରେ କେଉଁ ପ୍ରକାର ଚଢ଼ାଉ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସଦଳବଳ ସେଠାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ। ତେବେ ହଠାତ୍ ଏଭଳି ଜିଏସ୍‌ଟି ଚଢ଼ାଉ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଛି ବୋଲି ପଦ୍ମପୁର ଏନ୍ଏସିର ପୂର୍ବତନ ନଗରପାଳ ତଥା ସୁନିଲଙ୍କ ବାପା ସତ୍ୟବାନ ଅଗ୍ରୱାଲ କହିଛନ୍ତି।



ସୁନିଲ ଅଗ୍ରୱାଲଙ୍କ ଦୋକାନରେ ଜିଏସ୍‌ଟି ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ଆଜି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ

## ପଦ୍ମପୁରରେ ଆଇଟି, ଜିଏସ୍‌ଟି ଚଢ଼ାଉର ପ୍ରତିବାଦ

ପଦ୍ମପୁର,୨୮।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଭୋଟ୍ ଗ୍ରହଣକୁ ଆଉ ମାତ୍ର ସପ୍ତାହେ ବାକି ଥିବାବେଳେ ସୋମବାର ଆୟକର ବିଭାଗ(ଆଇଟି)ର କେନ୍ଦ୍ରୀୟ ଟିମ୍ ଏବଂ ଜିଏସ୍‌ଟି ବିଭାଗ ପକ୍ଷରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଉପନିର୍ବାଚନ ପୂର୍ବରୁ ଉଭୟ ଆଇଟି, ଜିଏସ୍‌ଟି ବିଭାଗର ଏଭଳି ଚଢ଼ାଉକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ପଦ୍ମପୁରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସ୍ଥାନୀୟ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ବଣିକ ସଂଘ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ପ୍ରତାପ ମିଶ୍ର କହିଛନ୍ତି। ଅନ୍ୟପଟେ ଗାଡ଼ି ଚଳାଚଳ, ସ୍କୁଲ, କଲେଜ, ଡାକ୍ତରଖାନା ସରକାରୀ, ବେସରକାରୀ ଅଫିସ ଖୋଲା ରହିବ। କେବଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିବ ବୋଲି ଜଣାପଡିଛି। ଉଲ୍ଲେଖନୀୟ, ସୋମବାର ଆଇଟିର କେନ୍ଦ୍ରୀୟ ଟିମ୍ ପଦ୍ମପୁରର ୪ ବିଜେଡ଼ି କର୍ମୀଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେହିପରି ଅପରାହ୍ନରେ ଜିଏସ୍‌ଟି ପକ୍ଷରୁ ଅଞ୍ଚଳର କିଛି ବ୍ୟବସାୟୀଙ୍କ ଦୋକାନରେ ଚଢ଼ାଉ ହୋଇଥିଲା ଏବଂ ସମ୍ପୃକ୍ତ ବ୍ୟବସାୟୀଙ୍କ ମଧ୍ୟରେ ଭାଜପା କର୍ମୀ ରହିଥିବା ସାଧାରଣରେ ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବହୁଦିନରୁ ବାରମ୍ବାର ଚେଷ୍ଟା କରୁଥିବା କାମରେ ସଫଳତା ମିଳିବ। କିନ୍ତୁ ଚନ୍ଦ୍ରଙ୍କ ସାଙ୍ଗରେ ଶନି ରହିଥିବା କାରଣରୁ ବନ୍ଧୁ ଭଲ କଥାକୁ ଭେଲ ମନେ କରିବେ। ପ୍ରତ୍ୟୁଷ ଯାତ୍ରା, ପ୍ରକାଶନ, ଆଇନ, ଅଦାଲତ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ଲାଗିରହିବା ହେତୁ ମାନସିକ ସ୍ତରରେ ଅଶାନ୍ତ ରହିବେ।

**ବୃଷ** ରବି, ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ରାଶି ପ୍ରତି ରହିଥିବାରୁ ମନ ପ୍ରଫୁଲ୍ଲ ରହିବ ଏବଂ ବିଳାସବ୍ୟସନ ଦିଗରେ ଆକୃଷ୍ଟ ହେବେ। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। କୌଣସି ବିଜାତୀୟ ବ୍ୟକ୍ତିବିଶେଷଙ୍କ ବିରୋଧାଭାସରୁ ଅପମାନିତ ହୋଇପାରନ୍ତି। ରୋହିଣୀ ନକ୍ଷତ୍ର ନିଜର ଇଚ୍ଛା ଅନୁଯାୟୀ କର୍ମରେ ପ୍ରବୃତ୍ତ ହେବେ।

**ମିଥୁନ** ଆଜି ଷଷ୍ଠାଧିପତି ଦ୍ୱାଦଶରେ ଅବସ୍ଥାନ କରି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ଆରୋଗ୍ୟଲାଭ କରିବେ। ଯାହା ଖୋଜୁଥିବେ ତାହା ପାଇବେ ନାହିଁ। ସାମାଜିକ ସ୍ତରରେ, ଆନୁଷ୍ଠାନିକ କାମରେ ଓ ମାଙ୍ଗଳିକ କାମରେ ବନ୍ଧୁମାନଙ୍କ ଆଦର ଲାଭକରିବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ଅନୁକୂଳ ଗ୍ରହ ସ୍ଥିତିର ସୁପ୍ରଭାବରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବେ। ଅବହେଳା କରୁଥିବା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବହୁଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କେତେକ ଘରୋଇ କାରଣକୁ ନେଇ ମନ ଭାରାକାନ୍ତ ରହିବ।

**ସିଂହ** ଆଜି ମଘା ନକ୍ଷତ୍ରର ପ୍ରତ୍ୟେକ କାମ ସମସ୍ୟା ଭିତରେ ହିଁ ସମ୍ପନ୍ନ ହେବା ସୂଚନା ରହିଛି। କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସାମୟିକ ମନ ହାଲୁକା ରହିବ। ସରକାରୀ ସ୍ତରରୁ ବହୁଦିନରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ।

**କନ୍ୟା** ଆଜି ପାପଗ୍ରହଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ କାମ ପଛକୁ ପକାଇ ପରକ୍ଷଣରେ ଅନୁଶୋଚନା କରିବେ। କର୍ମକ୍ଷେତ୍ରରେ ଅସାବଧାନତା କିମ୍ବା ଅନ୍ୟମନସ୍କତା ହିଁ ଅନର୍ଥର କାରଣ ସାଜିବ। ଅତୀତ ଘଟଣା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କ୍ଷେଣନାରି, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ତୁଳା** ଦ୍ୱିତୀୟରେ ଏକାଧିକ ଗ୍ରହ ଅବସ୍ଥାନ କରୁଥିବାରୁ କୌଣସି ସାଧାରଣ କଥାରେ ଯୁକ୍ତିତର୍କଜନିତ ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ଜଣେ ଦୂରାଗତ ବନ୍ଧୁଙ୍କ ଆଗମନୀ ବାର୍ତ୍ତା ପରିସ୍ଥିତିକୁ ବଦଳାଇ ଦେଇପାରେ। ଯିବା ପୂର୍ବରୁ ଯାନବାହନରେ ଯାନ୍ତ୍ରିକ ତ୍ରୁଟି ସଜାଡ଼ିନେବା ଠିକ୍ ହେବ।

**ବିଛା** ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିପାରନ୍ତି। ପୂର୍ବରୁ ଆଲୋଚନା କରି ଥିବା ଅନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପରିବାରର ସଦସ୍ୟମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ପ୍ରଶାସନ, ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଆଶା ପୂରଣ ହେବା ସାଙ୍ଗକୁ ଲକ୍ଷ୍ୟ ହାସଲ ମଧ୍ୟ କରିବେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟରେ,ଆନୁଷ୍ଠାନିକ କାମରେ, ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭରେ ସମର୍ଥ ହେବେ। ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଗୃହ, ଜମିଜମା, ପ୍ଲଟିଂ କାରବାର, ଏଜେନ୍ସିପ୍ ସମ୍ପର୍କିତ ଚିନ୍ତା କରିପାରନ୍ତି।

**ମକର** ପରିବାରରେ ପିଲାଙ୍କ ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସାମାଜିକ ସ୍ତରରେ, ସାଂଗଠନିକ କିମ୍ବା ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କର୍ମକ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ଅଧ୍ୟୟନ ଓ ଅଧ୍ୟାପନା, ଗବେଷଣା ତଥା ରଚନାତ୍ମକ କାମରୁ ଉପକୃତ ହେବେ।

**କୁମ୍ଭ** ପରିବାରରେ ଆର୍ଥିକ ଅନଟନ ଏବଂ ବିଭିନ୍ନ ପ୍ରକାର ସମସ୍ୟା ମନକୁ ଆନ୍ଦୋଳିତ କରିବ। ଏଣେ କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଅବସର ନ ପାଇ ବ୍ୟସ୍ତତା ଅନୁଭବ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ଭାବରେ ମନକୁ ବିଚଳିତ କରିପାରେ। ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଦୀର୍ଘଦିନରୁ ଲାଗି ରହିଥିବା ବାଦବିବାଦରେ ଆପୋସ ସମାଧାନ ଘଟିବ। ବ୍ୟବସାୟରେ ଲାଭ ମିଳିବ ; କିନ୍ତୁ ଅନ୍ୟ ବାଟରେ ବ୍ୟୟ ହୋଇ ଯିବା ସମ୍ଭାବନା ରହିଛି। ପରିବାରରେ ଉତ୍ତମ ବୁଝାମଣା ହେତୁ ଅଶାନ୍ତ ବାତାବରଣ ଦୂରୀଭୂତ ହୋଇଯିବ। ଅନ୍ତରରେ ଦୁଃଖ ରହିଥିଲେ ମଧ୍ୟ ମନକଥା ମନରେ ରଖି କାମ କରିବାକୁ ବାଧ୍ୟ ହେବେ।

ଆଜି ନଭେମ୍ବର ୨୯ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଓଢ଼ଣଷଷ୍ଠୀ ମଙ୍ଗଳବାର। ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଘୋଡ଼ଲାଗି ବେଶ ଆରମ୍ଭ (ଏହା ମାଘଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ଚାଲିବ, ଶ୍ରୀଜୀଉମାନେ ବାର ଅନୁସାରେ ଗ୍ରହମାନଙ୍କ ରଙ୍ଗ ଅନୁଯାୟୀ ଘୋଡ଼ଲାଗି ହେବେ)। ରାଶିନକ୍ଷତ୍ର-ଦିବା ଘ.୦୮।୨୮ ଗତେ ଧନିଷ୍ଠା/ମକର, ଷଷ୍ଠୀ ଏବଂ ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ। ସକାଳ ଘ.୦୬।୦୭ ଗତେ, ଘ.୦୬।୫୦ ମଧ୍ୟେ, ଘ. ୦୮।୫୧ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୮ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ଅଭିଯୁକ୍ତ ବାଂଲାଦେଶୀ ଯୁବକ ଗିରଫ

**ପୁରୀ ଅଫିସ, ୨୮।୧୧**

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣା

ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାରେ ଅଭିଯୁକ୍ତ ବାଂଲାଦେଶୀ ଯୁବକଙ୍କୁ ପୁରୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଂଲାଦେଶର ସିଲହଟ ଜିଲା ଅନ୍ତର୍ଗତ ପୂର୍ବ ଜିନ୍ଦା ବଜାର ଅଞ୍ଚଳର ଆକାଶ ଚୌଧୁରୀ। ପୋଲିସ ତାଙ୍କ ମୋବାଇଲ ଫୋନ୍ ଓ ବାଂଲାଦେଶର ପାସ୍‌ପୋର୍ଟ ଜବତ କରିଛି। ଏ ନେଇ ଆଇପିସି ଧାରା ୩୦ (ଏ), (୪) (ସି) ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୪ରେ ଏକ କେସ୍ (ନଂ. ୧୩୯/୨୨) ରୁଜୁ କରାଯାଇଛି। ଆକାଶ ଭାରତର ବିଭିନ୍ନ ତୀର୍ଥସ୍ଥାନ ପରିଭ୍ରମଣରେ ଆସି ସମ୍ପ୍ରତି ଉତ୍ତରପ୍ରଦେଶରେ ଅବସ୍ଥାନ କରୁଥିଲେ। ତାଙ୍କର ଏକ ୟୁଟ୍ୟୁବ୍ ଚାନେଲ ରହିଛି। ସେଠାରୁ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରାଯାଇ ପୁରୀ ସିଂହଦ୍ୱାର ଥାନା ପକ୍ଷରୁ ତାଙ୍କୁ ନୋଟିସ କରାଯିବା ପରେ ସେ ସୋମବାର ଆସି ପୋଲିସ ନିକଟରେ ହାଜର ହୋଇଥିଲେ। ପଚରାଉଚରା ପରେ ତାଙ୍କୁ ପୋଲିସ ଗିରଫ କରିଛି। ବାଂଲାଦେଶରେ ଥିବା ନିମ୍ବାର୍କ ଗୀତା ଶିକ୍ଷାକେନ୍ଦ୍ରରେ ସେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ବୋଲି ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଆକାଶ ପୁରୀ ଆସିଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ତେବେ ସେ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନସିଂହାସନରୂଢ଼ ମହାପ୍ରଭୁଙ୍କ ଫଟୋ ଉଠାଇ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ। ଏଥିସହ ବଙ୍ଗଳା ଭାଷାରେ ସେ ଲେଖିଥିଲେ 'ମୁଁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ। ମୁଁ ମୋ ଜୀବନର ଏହି ମୁହୂର୍ତ୍ତକୁ କେବେବି ଭୁଲି ପାରିବି ନାହିଁ। ମୁଁ ଜଗନ୍ନାଥ ଦେବଙ୍କୁ ଦର୍ଶନ କଲି।' ତେବେ ତାଙ୍କ ଫେସ୍‌ବୁକ୍‌ରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ସହ ଏପରି ପୋଷ୍ଟକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଏହି ଫଟୋ ଭାଇରାଲ ହେବା ପରେ ଏକାଦଶୀ ସେବକ ସଂଘ ଏବଂ ଶ୍ରୀମନ୍ଦିର ଯୁବ ସେବାୟତ ସଂଘ ପକ୍ଷରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। ଏ ନେଇ ପୁରୀ ଜିଲାପାଳ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଥିଲା। ପରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ୍. ଚନ୍ଦ୍ରଶେଖର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ଆକାଶ କେଉଁ ପରିସ୍ଥିତିରେ ତାଙ୍କ ଫେସ୍‌ବୁକ୍‌ରେ ମହାପ୍ରଭୁ ଏବଂ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଓ ଭିଡିଓ ଭାଇରାଲ କରିଛନ୍ତି, ସେନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏତଲାରେ ନିବେଦନ କରାଯାଇଥିଲା। ଏ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ଏସ୍‌ପି ଶ୍ରୀମନ୍ଦିର ପରିସରରେ ଡ୍ୟୁଟି ବେଳେ ପୋଲିସ କର୍ମଚାରୀଙ୍କୁ ସ୍ମାର୍ଟ ଫୋନ ବ୍ୟବହାର ଉପରେ କଟକଣା ଲଗାଇଥିଲେ।

# ଶୀତବସ୍ତ୍ର ପିନ୍ଧିବେ ମହାପ୍ରଭୁ

### ଆଜି ଶ୍ରୀମନ୍ଦିରରେ ଘୋଡ଼ଲାଗି

**ପୁରୀ ଅଫିସ, ୨୮।୧୧:** ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ନୀତି ଅନୁଷ୍ଠିତ ହେବ। ଏହା ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଘୋଡଲାଗି ଅନ୍ୟତମ। ଏହି ନୀତି ନିମନ୍ତେ ପଞ୍ଚମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗମଣ୍ଡପ ଘରେ ଅଧିବାସ କରାଯାଇଥିଲା। ଏହା ପୂର୍ବରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ବଡ଼ସିଂହାର ଭୋଗ ସରି ଠାକୁରମାନଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥିଲା। ଏହାପରେ ଠାକୁରମାନଙ୍କୁ ଝିନ ପତନୀ ଲାଗି କରାଯାଇଥିଲା। ସର୍ବାଙ୍ଗ ଲାଗି ବଢ଼ିବା ପରେ ବିଭିନ୍ନ ନୀତି ବଢ଼ି ଆଳତି କରାଯାଇଥିଲା। ମଙ୍ଗଳବାର ଷଷ୍ଠୀରେ ମହାପ୍ରଭୁଙ୍କ ସକାଳ ଧୂପ ବଢିବା ପରେ ମଇଲମ କରାଯାଇ, ପୂର୍ବ ରାତିରୁ ଭୋଗମଣ୍ଡପ ପରେ ଅଧିବାସିତ ହୋଇଥିବା ଘୋଡମାନଙ୍କୁ ଘଣ୍ଟ ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରର ତିନି ଘେରା ପ୍ରଦକ୍ଷିଣ କରାଯାଇ ରତ୍ନସିଂହାସନକୁ ବିଜେ କରାଯିବ। ସିଂହାସନରେ ଠାକୁରମାନଙ୍କ ପାଗ ଓ ଘୋଡ଼ ଲାଗି କରାଯାଇ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯିବ। ବିଶ୍ୱାସ ରହିଛି, ମହାପ୍ରଭୁ ପଞ୍ଚମୀ ତିଥିରେ ଶୀତ ସହିତ ଯୁଦ୍ଧ କରି ହାରିଯାଇଥାନ୍ତି। ତେଣୁ ପଞ୍ଚମୀ ତିଥିରେ ଦୁଇଥର ବଡ଼ସିଂହାର ବେଶ ହୋଇଥାଏ। ମହାପ୍ରଭୁ ଷଷ୍ଠୀ ତିଥିରୁ ଘୋଡ଼ଲାଗି ହୋଇଥାନ୍ତି। ସପ୍ତାହର ୭ଦିନରେ ବାର ଅନୁଯାୟୀ ୭ ପ୍ରକାର ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି।










































ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ।–ଶ୍ରୀଅରବିନ୍ଦ

# ଭାଷାରେ ଏକଚ୍ଛତ୍ରବାଦ

କେନ୍ଦ୍ର ସରକାରଙ୍କ ପକ୍ଷରୁ ହିନ୍ଦୀ ଭାଷାକୁ ଅଣ–ହିନ୍ଦୀଭାଷୀ ଲୋକଙ୍କ ଉପରେ ଲଦି ଦିଆଯିବାର ପ୍ରୟାସକୁ ତାମିଲନାଡୁରେ ଘୋର ବିରୋଧ କରାଯାଉଛି। ସ୍ଥିତି ଏଭଳି ହୋଇଛି ଯେ, ୨୬ ନଭେମ୍ବର ୨୦୨୨ରେ ସାଲେମ ଜିଲାର ୮୫ ବର୍ଷୀୟ କୃଷକ ଏମ୍. ଭି. ଥାଙ୍ଗାଭେଲ ଡିଏମ୍‌କେ କାର୍ଯ୍ୟାଳୟ ନିକଟରେ ଆତ୍ମାହୁତି ଦେଇଦେଇଛନ୍ତି। ପୂର୍ବରୁ ସେ ଡିଏମ୍‌କେ କୃଷକ ମୋର୍ଚ୍ଚାର କେନ୍ଦ୍ରୀୟ ସଙ୍ଗଠକ ଭାବେ କାର୍ଯ୍ୟ କରୁଥିଲେ। କିଛି ବର୍ଷ ହେଲା ସେ ସକ୍ରିୟ ରାଜନୀତିରୁ ଓହରି ଯାଇଥିଲେ। ତେବେ ସେ ପାର୍ଟି କାର୍ଯ୍ୟାଳୟ ଆଗରେ ଏକ ବ୍ୟାନର ଲଗାଇଥିଲେ ଓ ସେଥିରେ ଲେଖାଥିଲା–ତାମିଲ ଭାଷୀଙ୍କ ଉପରେ ନରେନ୍ଦ୍ର ମୋଦି ସରକାର ଜୋରଜବରଦସ୍ତ ହିନ୍ଦୀ ଲଦିଦେବା ଉଚିତ ନୁହେଁ। ହିନ୍ଦୀରେ ପଢ଼ିଲେ ତାଙ୍କ ରାଜ୍ୟର ଛାତ୍ରୀଛାତ୍ରଙ୍କ ପଢ଼ା ପ୍ରଭାବିତ ହେବ ବୋଲି ସେ ଦର୍ଶାଇଥିଲେ। ଉଲ୍ଲେଖଯୋଗ୍ୟ, ସରକାରୀ ଭାଷା ସଂକ୍ରାନ୍ତ ସଂସଦୀୟ କମିଟି ଅଧକ୍ଷ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୧୧ତମ ରିପୋର୍ଟ ରାଷ୍ଟ୍ରପତିଙ୍କୁ ଗତମାସ ପ୍ରଦାନ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ, ଦେଶର ସମସ୍ତ ବୈଷୟିକ ଓ ଅଣ–ବୈଷୟିକ ଶିକ୍ଷାନୁଷ୍ଠାନରେ ହିନ୍ଦୀ ଭାଷା ପଢ଼ାର ମାଧ୍ୟମ ହେବ ଓ ଇଂଲିଶ ଇଚ୍ଛାଧୀନ ଭାଷା ରହିବ।

ଭାରତୀୟ ସମ୍ବିଧାନର ୮ମ ଅନୁସୂଚୀରେ ସରକାରୀ ଭାବେ ମାନ୍ୟତାପ୍ରାପ୍ତ ୨୨ଟି ଭାଷା ରହିଛି। ଏଠାରେ ୧୮୦୦ ମାତୃଭାଷା, ୭୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଭାଷା ଓ ଉପଭାଷା ଅଛି। ତେଣୁ ହିନ୍ଦୀକୁ ସବୁ ରାଜ୍ୟ ଉପରେ ଲଦିଦିଆଯିବା ଲାଗି ହେଉଥିବା ପ୍ରୟାସକୁ ବିରୋଧ ହେବା ସ୍ୱାଭାବିକ। ଯଦି ଇତିହାସ ଦେଖାଯାଏ, ୧୯୬୭ ମସିହାରେ ହିନ୍ଦୀକୁ ରାଜ୍ୟ ଉପରେ ଥୋପି ଦେବାରୁ ସୃଷ୍ଟି ହୋଇଥିବା ବିବାଦ ଯୋଗୁ ତାମିଲନାଡୁରେ ଅରାଜକତା ସୃଷ୍ଟି ହୋଇଥିଲା। ପରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ କେରଳ ଆଦି ରାଜ୍ୟରେ ହିନ୍ଦୀକୁ ବିରୋଧ କରାଯାଇଥିଲା। ଏପରି କି ଅନେକ ରାଜ୍ୟ ଏହାକୁ ସରକାରୀ ଭାଷା ଭାବେ ବ୍ୟବହାର କରିନାହାନ୍ତି। ହିନ୍ଦୀଭାଷୀ ଭୂଖଣ୍ଡରେ ବାସ କରୁଥିବା ଲୋକଙ୍କ ପାଇଁ ହିନ୍ଦୀ ସହଜ ହୋଇପାରେ, କିନ୍ତୁ ଅନ୍ୟ ପ୍ରାନ୍ତର ବାସିନ୍ଦା ନିଜ ମାତୃଭାଷାରେ ନିଜକୁ ଯେଭଳି ଅଭ୍ୟସ୍ତ କରିପାରିଥାଆନ୍ତି ; ସେମାନଙ୍କ ଉପରେ ଜୋରଜବରଦସ୍ତ ହିନ୍ଦୀକୁ ଲଦି ଦେଲେ ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ। କେନ୍ଦ୍ର ସରକାର କାହିଁକି ଦେଶବାସୀଙ୍କ ଉପରେ ହିନ୍ଦୀ ବ୍ୟବହାରକୁ ଜବରଦସ୍ତ କରିବାକୁ ବ୍ୟାକୁଳ ହେଉଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ। ଯେତେବେଳେ ଅପାଠୁଆ ଲୋକ କ୍ଷମତାକୁ ଆସନ୍ତି, ସେମାନେ ଚାହାନ୍ତି ତାଙ୍କର ସୀମିତ ବୁଝିବା ଶକ୍ତି ପରିସର ଭିତରେ ସମସ୍ତେ ସବୁ କଥା ବୁଝିଯିବା ଦରକାର। ଏହାବ୍ୟତୀତ ଭାରତବର୍ଷରେ ଯେତେ ଆଞ୍ଚଳିକ ଦଳଗୁଡ଼ିକର ଶକ୍ତି ବୃଦ୍ଧି ହେବ, ସେତିକି ପରିମାଣରେ ଜାତୀୟ ଦଳ ଦୁର୍ବଳ ହେବେ। ଆଞ୍ଚଳିକ ଦଳଗୁଡ଼ିକର ଶକ୍ତି ବଢ଼ିବା ପଛରେ ଆଞ୍ଚଳିକ ଭାଷା ଓ ସଂସ୍କୃତି ମୁଖ୍ୟ ଭୂମିକା ରଖିଥାଆନ୍ତି। ସେହି ମୌଳିକ ଶକ୍ତିକୁ ନଷ୍ଟ କରିଦେବା ପାଇଁ ହିନ୍ଦୀକୁ ସମସ୍ତଙ୍କ ଉପରେ ଲଦିଦେବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଅର୍ଥାତ୍ ହିନ୍ଦୀ ଭାଷା ପାଇଁ ପ୍ରେମ ନୁହେଁ, ବରଂ କ୍ଷୁଦ୍ର ଚିନ୍ତାଧାରାର ରାଜନୀତି ଏକମାତ୍ର କାରଣ। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ହରିୟାଣା, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ସମେତ ଦିଲ୍ଲୀ ଓ ଚଣ୍ଡିଗଡ଼ରେ ହିନ୍ଦୀ ଭାଷା ବହୁଳ ବ୍ୟବହୃତ ହେଉଥିବାରୁ ଏବଂ ଏହି ରାଜ୍ୟଗୁଡ଼ିକ ଭାରତୀୟ ରାଜନୀତିରେ ପ୍ରଭାବ ପକାଉଥିବାରୁ ଭାଜପା ହିନ୍ଦୀକୁ ସଫ୍ଟପାୱାର ଭାବେ ଉପଯୋଗ କରିବାକୁ ଚାହୁଁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମକୁ ଇଂଲିଶ୍ ପରିବର୍ତ୍ତେ ହିନ୍ଦୀରେ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଚଳିତ ଶିକ୍ଷାବର୍ଷରେ ମଧ୍ୟପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଭାବେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ହିନ୍ଦୀରେ ପଢ଼ାଇବାର ସୁବିଧା କରିଛନ୍ତି। ଅବଶ୍ୟ ସେଠାରେ ହିନ୍ଦୀ ସେହି ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ମାତୃଭାଷା। କିନ୍ତୁ ଯେଉଁମାନେ ବାହାର ରାଜ୍ୟରୁ ଯାଇଥିବେ ବା ସେଠାରେ ରହୁଥିବା ଅନ୍ୟ ଭାଷୀ, ଯିଏକି ହିନ୍ଦୀ ସହିତ ଅଭ୍ୟସ୍ତ ନ ଥିବେ ସେମାନଙ୍କ ଅସୁବିଧା ବୁଝିହେଉଛି। ବିବଧବର୍ଣ୍ଣୀ ଭାରତବର୍ଷ ମଧ୍ୟରେ ଏକତା ଶୋଭା ପାଇଥାଏ। ଭାଷା କ୍ଷେତ୍ରରେ ଦେଖିଲେ ଆଞ୍ଚଳିକ ଭାଷା ସେହି ଭୂଖଣ୍ଡରେ ବ୍ୟବହାର ପାଇଁ ଯଥେଷ୍ଟ। କିନ୍ତୁ ଯେତେବେଳେ ଜଣେ ଅନ୍ୟ ପ୍ରଦେଶ ବା ଦେଶକୁ ଯାଉଛନ୍ତି, ସେତେବେଳେ ଯୋଗାଯୋଗର ଭାଷା ଇଂଲିଶ୍ ରହିବା ଉଚିତ ବୋଲି ଅନେକ ଭାଷାତତ୍ତ୍ୱବିତ୍ ମତ ଦେଇଥାଆନ୍ତି। ଏଥିସହିତ ବୈଶ୍ୱିକ ବ୍ୟାପାର, ଅର୍ଥନୀତି, ବାଣିଜ୍ୟ କ୍ଷେତ୍ରରେ ଉତ୍କର୍ଷ ଲଭିବା ଲାଗି ଇଂଲିଶ୍ ପ୍ରକୃଷ୍ଟ ଭାଷା ବୋଲି କୁହାଯାଇଥାଏ। ବ୍ୟାପକ ଦୃଷ୍ଟିକୋଣରୁ ଦେଖିଲେ କିଛି ପ୍ରଦେଶରେ କୁହାଯାଉଥିବା ଏକ ଭାଷା ହିନ୍ଦୀକୁ ସମଗ୍ର ଦେଶ ଉପରେ ଲଦିଦେବା କେନ୍ଦ୍ର ସରକାରଙ୍କ ସଂକୀର୍ଣ୍ଣ ଚିନ୍ତାଧାରାକୁ ପଦାରେ ପକାଉଛି। କେନ୍ଦ୍ରର ଏଭଳି ପ୍ରୟାସକୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଣେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ କିରନ କୁମାର କହିଛନ୍ତି, ମୋଦି ନିଜେ ଗୁଜରାଟୀ ଭାଷା ଅପେକ୍ଷା ହିନ୍ଦୀ ବ୍ୟବହାର କରିବାକୁ ଅଧିକ ଆନନ୍ଦ ପାଇଥାଆନ୍ତି। ତେଣୁ କିଛି ଲୋକଙ୍କ ଖିଆଲି ଲାଗି ହିନ୍ଦୀକୁ ସମଗ୍ର ଦେଶବାସୀଙ୍କ ଉପରେ ବାଧ୍ୟତାମୂଳକ ଲଦିଦେବା ଭାଷାରେ ଏକଚ୍ଛତ୍ରବାଦର ସଙ୍କେତ ଦେଉଛି। ଏହି ସ୍ତମ୍ଭରେ ଆମେ ଅନେକ ଥର ଉଲ୍ଲେଖ କରିଛୁ ଯେ ଜଣେ ବ୍ୟକ୍ତି କ'ଣ ଖାଇବେ, କେଉଁ ପୋଷାକ ପରିଧାନ କରିବେ, କେଉଁ ଭାଷାରେ ନିଜକୁ ବ୍ୟକ୍ତ କରିବା ସକାଶେ ସହଜ ମଣିବେ, ତାହା ତାଙ୍କ ଉପରେ ନିର୍ଭର କରିଥାଏ। ବଳପୂର୍ବକ ବ୍ୟକ୍ତି ସ୍ୱାଧୀନତାକୁ ହନନ କରାଗଲେ ପ୍ରତିରୋଧ ବଢ଼ିବା ଥୟ।

## su | do | ku Puzzles by Srikant Ghosh — ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | 6 | | 8 | 7 | |
| | | 6 | | | | 4 | | 2 |
| | | 4 | 2 | 3 | | | | 6 |
| | | | | | 8 | | 5 | |
| | | | 6 | 4 | | | | 1 |
| 3 | | | | | | | | 7 |
| | | 5 | 8 | | | | | |
| | 6 | | 5 | 2 | | 7 | | |
| | | 8 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 6 | 1 | 9 | 2 | 3 | 5 |
| 1 | 3 | 9 | 8 | 2 | 5 | 7 | 4 | 6 |
| 6 | 2 | 5 | 4 | 7 | 3 | 9 | 1 | 8 |
| 5 | 4 | 1 | 9 | 6 | 8 | 3 | 7 | 2 |
| 2 | 6 | 7 | 5 | 3 | 1 | 8 | 9 | 4 |
| 3 | 9 | 8 | 2 | 4 | 7 | 5 | 6 | 1 |
| 9 | 1 | 6 | 3 | 8 | 2 | 4 | 5 | 7 |
| 4 | 5 | 2 | 7 | 9 | 6 | 1 | 8 | 3 |
| 8 | 7 | 3 | 1 | 5 | 4 | 6 | 2 | 9 |

ଗତକାଲିର ଉତ୍ତର

# ଚାଷୀ ଆତ୍ମହତ୍ୟାକୁ ଅସ୍ୱୀକାର



ବିଚିତ୍ର ବିଶ୍ୱାଳ

୨୦୧୦ରେ ଅମୀର୍ ଖାନ୍ ଅଭିନୀତ 'ପିପ୍‌ଲି ଲାଇଭ୍' ନାମକ ଏକ ହିନ୍ଦୀ ଚଳଚ୍ଚିତ୍ର ଆସିଥିଲା, ଯାହାର କାହାଣୀର ମୁଖ୍ୟଭାଗରେ ଥିଲା ଚାଷୀ ଆତ୍ମହତ୍ୟା ଓ ତାହାକୁ ସ୍ୱୀକାର ନ କରିବାର ସରକାରଙ୍କ ନିର୍ଲଜ୍ଜ ପ୍ରୟାସ। ସେତେବେଳେ ବହୁଚର୍ଚ୍ଚିତ ହୋଇଥିଲା ଚଳଚ୍ଚିତ୍ରଟି। ଇତିମଧ୍ୟରେ ବାରବର୍ଷ ବିତିଯାଇଛି। ସେହି ଚଳଚ୍ଚିତ୍ରର କାହାଣୀ ପାଖରେ ଚାଷୀ ଆତ୍ମହତ୍ୟା ଅଟକି ଯାଇନାହିଁ କିମ୍ବା ସରକାର ଚାଷୀ ଆତ୍ମହତ୍ୟାକୁ ଅସ୍ୱୀକାର କରିବାର ଗାଲୁଆମି ବନ୍ଦ ହୋଇନାହିଁ। ଦେଶରେ ଚାଷୀ ଆତ୍ମହତ୍ୟା ଆହୁରି ବଢ଼ିଛି ଓ ସରକାର ମଧ୍ୟ ପୂର୍ବ ତୁଳନାରେ ଅଧିକ ଉଦାସୀନ ହୋଇଛନ୍ତି ଏଭଳି ଏକ ବିପତ୍ତି ପ୍ରତି। ବିଶିଷ୍ଟ ଲେଖକ ଓ ସାମ୍ବାଦିକ ପି. ସାଇନାଥଙ୍କ ମତରେ ଚାଷୀ ଆତ୍ମହତ୍ୟା କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ, ଏହା ଆମ ସଭ୍ୟତାକୁ ଏକ ପ୍ରଶ୍ନ। ଆମେ ଏପରି ଏକ ସମାଜରେ ବାସ କରୁଛେ, ଯେଉଁଠି ଆମକୁ ଖାଇବାକୁ ଦେଉଥିବା ଲୋକ ଜୀବନ ବୋଝ ବୋହି ନ ପାରି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି! ପି. ସାଇନାଥଙ୍କ ଏହି ପ୍ରଶ୍ନ ଆଜି ଆମକୁ ଲଜ୍ଜିତ କରୁନି। ଏହା ଆଜିର ସମୟରେ ବଡ଼ ଦୁର୍ଭାଗ୍ୟ। ସରକାର ଚାଷୀ ଆତ୍ମହତ୍ୟାକୁ ଅସ୍ୱୀକାର କରିବା ସହ ନେତା, ମନ୍ତ୍ରୀମାନେ ଆତ୍ମହତ୍ୟା କରିଥିବା ଚାଷୀ ବିଷୟରେ ଅନେକ ଅରୁଚିକର ମନ୍ତବ୍ୟ ଦେଉଛନ୍ତି। କୌଣସି ସମସ୍ୟାକୁ ଗ୍ରହଣ କଲେ ସିନା ତା'ସମାଧାନ ରାସ୍ତା ବାହାରିପାରିବ। କିନ୍ତୁ ସମସ୍ୟାକୁ ଗ୍ରହଣ ନ କଲେ ସମସ୍ୟା ବଢ଼ିବ ପଛେ କମିବ ନାହିଁ, ଯାହା ବର୍ତ୍ତମାନ ଚାଷୀ ଆତ୍ମହତ୍ୟା କ୍ଷେତ୍ରରେ ଦେଖାଯାଉଛି।

ଆମ ଦେଶରେ ପଞ୍ଜାବର ଚାଷ ଓ ଚାଷୀଙ୍କୁ ସବୁଠାରୁ ସମୃଦ୍ଧ ଭାବେ ଗଣାଯାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଚାଷୀ ଆତ୍ମହତ୍ୟା କ୍ଷେତ୍ରରେ ପଞ୍ଜାବ ବହୁ ଆଗରେ ଅଛି। ଏହା ସରକାରଙ୍କ ଚାଷ ନୀତି ଓ ଚାଷୀ କଲ୍ୟାଣ ଯୋଜନାର ସୁଫଳକୁ ସୂଚାଉଛି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ପଞ୍ଜାବରେ ଚାଷୀ ଆତ୍ମହତ୍ୟା ଉପରେ ସଂସଦରେ ସାଂସଦ ସୁରେଶ ଦାନୋର୍‌କାଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର୍ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନକୁ ବାଏଁ ବାଏଁ ଉଡ଼େଇ ଦେଇଛନ୍ତି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଅନୁସାରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ଚାଷୀ ଆତ୍ମହତ୍ୟା ତଥ୍ୟ ପରିସଂଖ୍ୟାନ ଭିତରେ ଅନେକ ପ୍ରଭେଦ ରହୁଛି। ଘଟଣାର ଗମ୍ଭୀରତାକୁ ନ ବୁଝି ଭାଜପା ସାଂସଦ ନିଶିକାନ୍ତ ଦୁବେ ଅତ୍ୟନ୍ତ ଅପରିପକ୍ୱ ବୟାନ ଦେଇ କହିଛନ୍ତି ଯେ, ମୋଦି କ୍ଷମତାକୁ ଆସିବା ପରଠାରୁ ଭାରତରେ ଆଦୌ ଚାଷୀ ଆତ୍ମହତ୍ୟା ହୋଇନାହିଁ। ତା'ହେଲେ ପଞ୍ଜାବ ସରକାରଙ୍କ ପୃଷ୍ଠପୋଷକତାରେ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟୟନର ତଥ୍ୟ ଯାହା କହୁଛି ତାହା କ'ଣ ? ଏହି ଅଧ୍ୟୟନ ତ କୌଣସି ଘରୋଇ ସଂସ୍ଥା କରିନାହାନ୍ତି। ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟର ତଥ୍ୟ ଇଏ।



ଏପରି ବାସ୍ତବତାକୁ ଜାଣି ଜାଣି ଏଡ଼ାଇ ଯାଉଥିବା ନେତାମାନଙ୍କର ଚାଷ ଓ ଚାଷୀ ପ୍ରତି ଥିବା ମନୋଭାବ ସ୍ପଷ୍ଟ ବାରିହୋଇପଡୁଛି।

ପଞ୍ଜାବରେ ଚାଷୀ ଆତ୍ମହତ୍ୟା ଉପରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ଅଧ୍ୟୟନ ଭିତରେ ଏକାଧିକ ମୌଳିକ ପାର୍ଥକ୍ୟ ଅଛି। ଏନ୍‌ସିଆର୍‌ବିର ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଛି, ଯାହାଫଳରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ କମ୍ ଦେଖାଯାଉଛି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଅନୁସାରେ ୨୦୦୦ରୁ ୨୦୧୮ ମଧ୍ୟରେ ପଞ୍ଜାବର ୬ଟି ଜିଲାରେ ୯୨୯୧ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ କୃଷିମନ୍ତ୍ରୀ ତୋମାର କହିଛନ୍ତି ଯେ ସମଗ୍ର ରାଜ୍ୟରେ ଏହି ସମୟସୀମା ମଧ୍ୟରେ ମାତ୍ର ୧୮୦୫ ଚାଷୀ ଆତ୍ମହତ୍ୟା କରିଛନ୍ତି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଅନୁସାରେ ୨୦୧୪ରେ ପଞ୍ଜାବର ୬ଟି ଜିଲାରେ ୪୭୪ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ୨୦୧୫ରେ ୫୩୭, ୨୦୧୬ରେ ୨୮, ୨୦୧୭ରେ ୩୦୮ ଓ ୨୦୧୮ରେ ୩୯୫ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ସମଗ୍ର ପଞ୍ଜାବରେ ୨୦୧୪ରେ ମାତ୍ର ୬୪ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ୨୦୧୫ରେ ୧୦୦, ୨୦୧୬ରେ ୨୩୨, ୨୦୧୭ରେ ୨୪୩ ଓ ୨୦୧୮ରେ ୨୨୯ ଜଣ ଚାଷୀ ଆତ୍ମହତ୍ୟା କରଛନ୍ତି। ଉଭୟ ଅଧ୍ୟୟନର ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଥିବା ପ୍ରଭେଦକୁ ବୁଝିଗଲେ ଜାଣିହେବ, କେଉଁଥିପାଇଁ ଏନ୍‌ସିଆର୍‌ବିର ତଥ୍ୟରେ ଚାଷୀ ଆତ୍ମହତ୍ୟାର ସଂଖ୍ୟା କମ୍ ଦେଖାଯାଉଛି ତଥା ସତ୍ୟର ନିକଟବର୍ତ୍ତୀ ନୁହେଁ। ପଞ୍ଜାବ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ଏକ ବିସ୍ତୃତ ପ୍ରଶ୍ନପତ୍ର ମାଧ୍ୟମରେ ଆତ୍ମହତ୍ୟା କରିଥିବା ପରିବାର ସହିତ ଆଲୋଚନା କରାଯାଇଥିଲା। ଆତ୍ମହତ୍ୟାର ଭିନ୍ନ ଭିନ୍ନ କାରଣ ସମ୍ପର୍କରେ ପରିବାର ସଦସ୍ୟମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ପ୍ରଶ୍ନ ଉତ୍ତର ହୋଇଥିଲା। ଗାଁର ମୁଖିଆ ଓ ସରପଞ୍ଚ ମଧ ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ ଓ ତଥ୍ୟର ସତ୍ୟାସତ୍ୟକୁ ନେଇ ଭିନ୍ନ ଭିନ୍ନ ସ୍ତରରେ ଯାଞ୍ଚ କରାଯାଇଥିଲା। ସେହି ସମାନ ୬ଟି ଜିଲାରେ କୃଷି ଶ୍ରମିକ ଆତ୍ମହତ୍ୟାକୁ ନେଇ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଏକ ଅଲଗା ଅଧ୍ୟୟନ କରିଥିଲା। ଏହା ଅନୁସାରେ ୨୦୦୦ରୁ ୨୦୧୮ ମଧ୍ୟରେ ୭୩୦୩ କୃଷି ଶ୍ରମିକ ଆତ୍ମହତ୍ୟା କରଥିଲେ। ଅର୍ଥାତ୍ ପଞ୍ଜାବର ୬ଟି ଜିଲାରେ ସମୁଦାୟ ୧୬,୫୯୪ ଜଣ କୃଷି ସଙ୍କଟ ଯୋଗୁ ଆତ୍ମହତ୍ୟା କରିଛନ୍ତି।

ପ୍ରଥମତଃ ଏନ୍‌ସିଆର୍‌ବି କେବଳ ଥାନା ରେକର୍ଡରୁ ଆତ୍ମହତ୍ୟାର ପରିସଂଖ୍ୟାନ ସଂଗ୍ରହ କରିଛି। କିନ୍ତୁ ଦେଶରେ ଭିନ୍ନ ଭିନ୍ନ ସାମାଜିକ ଓ ସାଂସ୍କୃତିକ କାରଣରୁ ଅନେକ ଆତ୍ମହତ୍ୟା ତଥ୍ୟ ଥାନା ରେକର୍ଡକୁ ଆସିପାରେନାହିଁ। ଭିନ୍ନ ଭିନ୍ନ କାରଣରୁ ଆତ୍ମହତ୍ୟା କରିଥିବା ଲୋକର ପରିବାର ଆତ୍ମହତ୍ୟା ବିଷୟରେ ଥାନାରେ ଜଣାଇ ନ ଥାନ୍ତି। ଏପରି କି ଅଧିକାଂଶ କ୍ଷେତ୍ରରେ ପୋଲିସର ବ୍ୟବହାର ଲୋକମାନଙ୍କ ପ୍ରତି ଏପରି ହୋଇଥାଏ ଯେ, ପରିବାର ଲୋକେ ଥାନାକୁ ନ ଆସି ଗାଁରେ ଶବ ସଂସ୍କାର କରିଥାନ୍ତି। ଏପରି କ୍ଷେତ୍ରରେ ଏନ୍‌ସିଆର୍‌ବିକୁ ସମସ୍ତ ତଥ୍ୟ ନ ମିଳିବା ସ୍ୱାଭାବିକ। ଏତଦ୍‌ବ୍ୟତୀତ 'ଚାଷୀ'ର ସଂଜ୍ଞାକୁ ନେଇ ଭିନ୍ନ ଭିନ୍ନ ଅବଧାରଣା ଥିବାରୁ ଅନେକ ଆତ୍ମହତ୍ୟାକୁ ଏନ୍‌ସିଆର୍‌ବି ଚାଷୀ ଆତ୍ମହତ୍ୟା ଭାବେ ମାନେନାହିଁ। କୃଷି ଶ୍ରମିକ ବା ଭାଗଚାଷୀଙ୍କୁ ବି ଏହା ଚାଷୀର ମାନ୍ୟତା ଦିଏନାହିଁ। ଏନ୍‌ସିଆର୍‌ବି ଚାଷ କରୁଥିବା ମହିଳାମାନଙ୍କୁ ଚାଷୀରେ ଗଣେ ନାହିଁ। କେନ୍ଦ୍ର ସରକାର ମଧ୍ୟ ଠିକ୍ ଏକାପରି ଭାବନ୍ତି। ମହିଳା ଚାଷୀ ଆତ୍ମହତ୍ୟାକୁ ଏନ୍‌ସିଆର୍‌ବି ଚାଷୀ ଆତ୍ମହତ୍ୟା ରୂପେ ଗଣନା କରୁନାହିଁ। ତେଣୁ ଏନ୍‌ସିଆର୍‌ବିର ଅଧ୍ୟୟନରେ ଚାଷୀ ଆତ୍ମହତ୍ୟାର ଅସଲ ସଂଖ୍ୟା ଜଣାପଡୁନାହିଁ। ଏହାର ସୁଯୋଗ ନେଇ କୃଷିମନ୍ତ୍ରୀ ସାରା ଦେଶକୁ ବିଭ୍ରାନ୍ତ କରିବାରେ ଲାଗିଛନ୍ତି ଓ ହଜାର ହଜାର ସଂଖ୍ୟାରେ ଚାଷୀ ଆତ୍ମହତ୍ୟା ସତ୍ତ୍ୱେ କେନ୍ଦ୍ର ସରକାର ଚାଷୀମାନଙ୍କୁ ମିଛ ଗୋଲାପି ଚିତ୍ର ଦେଖାଉଛନ୍ତି।

ପଞ୍ଜାବ ହେଉଛି ଭାରତର ଏକ କୃଷିସମୃଦ୍ଧ ରାଜ୍ୟ। ପଞ୍ଜାବର ଯଦି ଏପରି ଅବସ୍ଥା ତେବେ ଅନ୍ୟ ରାଜ୍ୟଗୁଡ଼ିକର ଅବସ୍ଥା କ'ଣ ହୋଇଥିବ ତାହା ସହଜେ ଅନୁମେୟ। ଆମ ଦେଶର କୃଷି ସଙ୍କଟକୁ ବୟାନ କରିବା ପାଇଁ ଏହି ତଥ୍ୟ କ'ଣ ଯଥେଷ୍ଟ ନୁହେଁ! ଏପରି ପରିସ୍ଥିତିରେ ରୋଗକୁ ଅଣଦେଖା ନ କରି ତୁରନ୍ତ ଚିକିତ୍ସା କରିବା ପରି ଆତ୍ମହତ୍ୟାର ବାସ୍ତବତାକୁ ସ୍ୱୀକାର କରି ଚାଷ ଓ ଚାଷୀଙ୍କ କଲ୍ୟାଣ ପାଇଁ ସରକାର ତୃଣମୂଳସ୍ତରରୁ କାମ ଆରମ୍ଭ କରିବା ଉଚିତ୍।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଏ ବିମୁଖତା କାହିଁକି



ମନୀଷା ପଣ୍ଡା

ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳା ଓ ଶିଷ୍ଟାଚାର ଅପରିହାର୍ଯ୍ୟ ଭିତ୍ତିଭୂମି। ଶିଷ୍ଟାଚାର ମୁଖ୍ୟତଃ ସାମାଜିକ ବ୍ୟବହାରବିଧି ଉପରେ ଦଣ୍ଡାୟମାନ। ପରିବାର ନୈତିକ ଶିକ୍ଷାର ପ୍ରଥମ ସ୍ଥଳ। ପରିବାର ପ୍ରତ୍ୟେକ ସଦସ୍ୟଙ୍କର ପରସ୍ପର ପ୍ରତି, ସନ୍ତାନଙ୍କ ପ୍ରତି ମାତାପିତାଙ୍କର ଓ ମାତାପିତାଙ୍କ ପ୍ରତି ସନ୍ତାନଙ୍କର ବ୍ୟବହାର ମଧ ଶିଷ୍ଟାଚାରର ଜ୍ୱଳନ୍ତ ନମୁନା।

ଅତ୍ୟାଧୁନିକ ମଣିଷ ପାଖରେ ବର୍ତ୍ତମାନ ସମୟରେ କର୍ତ୍ତବ୍ୟର ଅଭାବ ପରିଲକ୍ଷିତ। ନିଜ ମାତାପିତାଙ୍କ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ଭୁଲି ଯାଉଛନ୍ତି ଅପତ୍ୟମାନେ। ମଣିଷପଣିଆର ଅଭାବ ଘଟିଛି ଆଧୁନିକ ମଣିଷ ପାଖରେ। ଭୁଲ ଠିକ୍, ଭଲ ମନ୍ଦକୁ ବିଚାର କରିବାର ଶକ୍ତି ଉଭେଇ ଯାଇଛି। ଗୀତା, ଭାଗବତ, ରାମାୟଣ, ଈଶ୍ୱରୀୟ ଭାବନା ସବୁକିଛିର ପ୍ରଭାବ ଆଜି ଆଧୁନିକ ଯୁଗର ଚାଲିଚଳନ ଗତିବିଧି ଭିତରେ ଲୁଚିଗଲାଣି।

କିଛି ଦିନ ତଳେ ମୁଁ ବ୍ୟକ୍ତିଗତ କାମରେ ଯାଇଥାଏ ଜଣେ ଗଣକଙ୍କ ଘରକୁ। ସେଠାକୁ ଆସିଥାଆନ୍ତି ଜଣେ ଅବସରପ୍ରାପ୍ତ ପ୍ରାଇମେରୀ ସ୍କୁଲ ପ୍ରଧାନଶିକ୍ଷକ। ବୟସ ପଞ୍ଚସ୍ତରି ପାଖାପାଖି ହେବ। ପାଞ୍ଚ ଛଅ ବର୍ଷ ତଳେ ଥରେ ଦୁଇଥର ତାଙ୍କୁ ଭେଟିଥିବାର ମନେପଡ଼ିଯାଏ ମୋର। ସେତେବେଳ ଅପେକ୍ଷା ବର୍ତ୍ତମାନ ଭଦ୍ରବ୍ୟକ୍ତି ଜଣକ ଶାରୀରିକ ଓ ମାନସିକ ସ୍ତରରେ ଭାଙ୍ଗିପଡ଼ି ଥିବା ସ୍ପଷ୍ଟ ଜଣାଯାଏ ମୋତେ। ତାଙ୍କ ଦେହ ହାତ ମୁହଁରୁ ରକ୍ତହୀନତାର ଚିହ୍ନ ଉକୁଟି ଆସୁଥାଏ। ଆଣ୍ଠୁଗଣ୍ଠି ବାତ ହେତୁ ଛୋଟେଇ ଛୋଟେଇ ଚାଲୁଥାଆନ୍ତି ସେ। ବୟସ୍କବ୍ୟକ୍ତି ଜଣକ ଗଣକଙ୍କ ନିକଟକୁ ଯାଇ ଗୋଟିଏ ଷ୍ଟୁଲ ଉପରେ ବସି ପଡ଼ିଲେ ଓ ଡାହାଣ ହାତ ବଢ଼େଇ ଦେଇ ହାତରେଖା ଦେଖିବା ଉଦ୍ଦେଶ୍ୟରେ କହିଲେ, ''ଜ୍ୟୋତିଷ ଆଜ୍ଞା ! ଦେଖିଲେ ମୁଁ କେବେ ମରିବି''। ପୁଅ ବୟସର ଜ୍ୟୋତିଷ ବିଶାରଦ ଜଣକ ମୋ ଆଡକୁ ଚାହିଁଲେ। ମୁଁ ବୟସ୍କ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କଲି, ''କାହିଁକି ଆଜ୍ଞା ? ଏମିତି ପଚାରୁଛନ୍ତି।''

ଏହାର ଉତ୍ତରରେ ସେ ଆଣ୍ଠୁ ଉପରୁ ଅଳ୍ପ ଧୋତିଟି ଉପରକୁ ଉଠାଇ ଯେଉଁ ଦାଗଗୁଡ଼ିକ ଦେଖାଇଲେ ତାହା ପରେ ଆମେ ସବୁ କିଛି ବୁଝିଯାଇଥିଲୁ। ସ୍ୱଳ୍ପ ରୋଜଗାରିଆ ସାନପୁଅ ହାତରେ ପେନ୍‌ସନ୍ ଟଙ୍କା ଧରେଇ ଦେଇ ବଡପୁଅ ହାତରୁ ମାଡ଼ ଖାଇବାକୁ ପଡ଼ିଛି କୁଆଡେ ସେ ଭଦ୍ରବ୍ୟକ୍ତିଙ୍କୁ। ଦିନେ ସେ ମଣିଷ ତିଆରି କାରଖାନାର ଦକ୍ଷ କାରିଗର ଥିଲେ, ମାତ୍ର ପୁତ୍ର ପାଖରେ କାଣିଚାଏ ମଣିଷପଣିଆ ରୋପଣ କରିପାରି ନ ଥିଲେ। ଏଣୁ ଦେହର ଯନ୍ତ୍ରଣାଠାରୁ ମନର ଯନ୍ତ୍ରଣା ଅନେକ ଗୁଣ ଭାରି ଥିଲା ପରିଣତ ଅବସ୍ଥାରେ। ଏଇତ ଆଖିରେ ଦେଖିଥିବା ଗୋଟିଏ ଉଦାହରଣ ମାତ୍ର, ସମାଜରେ ପ୍ରତିଦିନ ଏମିତି ଅନେକ ଘଟଣା ଘଟୁଛି। ଯେଉଁ ମା'ବାପା ମଣିଷ କରିବାରେ ଲାଗି ପଡ଼ିଥାଆନ୍ତି ପିଲାମାନଙ୍କୁ, ଦେଖାଯାଏ ବଡ଼ ହେବା ପରେ ସେମାନଙ୍କ ମାନସିକତାରେ ଅଦ୍ଭୁତ ପରିବର୍ତ୍ତନ।

ସନ୍ତାନସନ୍ତତି ରୋଜଗାର କରିବା ପରେ ବୟସ୍କ ମାତାପିତାଙ୍କ ଦାୟିତ୍ୱ ନେଇପାରିବେ ଓ ସୁଖରେ ବାକିଦିନଗୁଡ଼ାକ କାଟି ଦେବାର ଆଶାଥାଏ ସେମାନଙ୍କର। ପିଲାମାନଙ୍କଠାରୁ ପରିଣତ ଅବସ୍ଥାରେ ସେବା ଯତ୍ନ ଆଶା କରିଥାଆନ୍ତି ମା'ବାପା। ଧୂଳିସାତ ହୋଇଯାଏ ସବୁ ଆଶା ଭରସା। ସେବା ଓ ଆଶ୍ୱାସନା ଟିକକ ବୃଦ୍ଧା ଅବସ୍ଥାରେ ସେମାନେ ପାଇ ନ ଥାଆନ୍ତି ବରଂ ଅଦରକାରୀ ମଣିଷ ପାଲଟି ଯାଆନ୍ତି। ପୁଅ ନିଜ ଘର ବସାଇବା ପରେ ପରିବାର ଭିତରେ ବୟସ୍କ ମା'ବାପାଙ୍କ ସ୍ଥାନକୁ ଭୁଲି ଯାଇଥାଏ। ସନ୍ତାନସନ୍ତତି ବେଳେ ବେଳେ ପ୍ରଶ୍ନ କରନ୍ତି, ''ତୁମେ ଆମ ପାଇଁ କରିଛ କ'ଣ ?''



ବେଳେ ବେଳେ ଏମିତି କେତୋଟି ପରିସ୍ଥିତି ନଜରକୁ ଆସେ ଯେ, ଉଚ୍ଚଶିକ୍ଷିତ ପୁଅ ଚାକିରି ପାଇଗଲା ପରେ ମା'ବାପା ଯୋଗ୍ୟ ପାତ୍ରୀ ଦେଖି ବିବାହ କରାଇଦିଅନ୍ତି। ଖୁସି ହୁଅନ୍ତି, ଯାହାହେଉ ଆମ ଦାୟିତ୍ୱ ସରିଗଲା, ଏଥର ନାତିନାତୁଣୀ ସହ ଖେଳିବାର ଅପେକ୍ଷାରେ ଆମେ। ନାତି ନାତୁଣୀ ଜନ୍ମ ନିଅନ୍ତି ହେଲେ ଖେଳିବାଟା ସ୍ୱପ୍ନ ହୋଇଯାଏ। ନାତିନାତୁଣୀ ରୁହନ୍ତି ନିଜ ମମି ପାପାଙ୍କ ସହ ସହରରେ। ସୌଖୀନ ଜୀବନଯାପନ ପ୍ରଣାଳୀରେ ଜେଜେ ବାପା ଓ ଜେଜେ ମାଆଙ୍କର ସ୍ଥାନ ନ ଥାଏ। କେବେ କେବେ ଦିନେ ଅଧେ ସମୟ ମିଳେ ବୁଲିଆସିବା ପାଇଁ ଜେଜେ ବାପା ଓ ଜେଜେ ମାଆଙ୍କ ପାଖକୁ। ହେଲେ ସେମାନଙ୍କ ମନରେ ଗାଁ ମାଟିର ଦୁର୍ବଳତା ପରିବର୍ତ୍ତେ ଜୀବାଣୁ ଭୂତାଣୁ ସଂକ୍ରମଣର ଡରଥାଏ। ଫଳରେ ବାର୍ଦ୍ଧକ୍ୟର ସବୁ ଆଶା ଖୁସି ଧୂଳିସାତ ହୋଇଯାଇଥାଏ।

ପୁଣି ବେଳେ ବେଳେ ଦେଖିବାକୁ ମିଳେ, ସଂଭ୍ରାନ୍ତ ପରିବାରରେ ବୃଦ୍ଧା ମା'ବାପା ପରିଣତ ଅବସ୍ଥାରେ ସନ୍ତାନ ଉପରେ ନିର୍ଭର କରିବା ପାଇଁ ବାଧ ହୋଇଥାଆନ୍ତି। ତେଣୁ ଗାଁ ଭିଟାମାଟି ଛାଡି ସହର ଯିବାକୁ ହୁଏ। ସେଇଠି କିନ୍ତୁ କିଛି ଦିନ ରହଣି ପରେ ହତାଦର ହେବାକୁ ପଡ଼େ। ପୂର୍ଣ୍ଣତା ବଦଳରେ ଜୀବନରେ ଭରିଯାଏ ଶୂନ୍ୟତା। ସନ୍ତାନମାନଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟି ଯାଆନ୍ତି ପରିଣତ ମା'ବାପା। ପରିବାରରେ ନିଜର ଗୁରୁତ୍ୱ ହରାଇ ଦୟାର ପାତ୍ର ହେବାକୁ ପଡ଼େ ଯେମିତି ତାଙ୍କୁ। ବାର୍ଦ୍ଧକ୍ୟ ଅବସ୍ଥାରେ ମଣିଷକୁ ବ୍ୟାଧି ମାଡି ଆସେ ଓ ଏସବୁ ପାଇଁ ପରିଜନଙ୍କ ଆଶ୍ରା ଖୋଜେ। ଅଧିକାଂଶ କ୍ଷେତ୍ରରେ ଘୃଣାର ପାତ୍ର ହେବାକୁ ପଡ଼େ। ଅପତ୍ୟମାନଙ୍କ ଜୀବନରେ ଅଯଥା ମୁଣ୍ଡବ୍ୟଥା ଆସିଯାଏ। ଆତ୍ମୀୟମାନଙ୍କ ନାକଟେକାକୁ ସହିବା ଅସ୍ୱାଭାବିକ ହୋଇପଡ଼େ। ଏଭଳି ପରିଣତ ଅବସ୍ଥାରେ ଅସହାୟତା ଅଜାଗା ଘା' ସଦୃଶ। ନା 'ଦେଖି ହୁଏ ନା 'ଦେଖେଇ ହୁଏ।

ପରିଣତ ଅବସ୍ଥାରେ ଲୋକଙ୍କୁ ଅଦରକାରୀ ମନେ ନ କରି ଯଦି ଆଶା ଆଶ୍ୱାସନା, ସ୍ନେହ ସରାଗରେ ଅନ୍ତିମ ଦିନଗୁଡ଼ିକ କାଟିବା ପାଇଁ ସୁଯୋଗ ଦିଆଯାଏ ତେବେ ଏ ସମସ୍ୟା ରହିବ ନାହିଁ। ପ୍ରତିଟି ଜୀବନରେ ବାର୍ଦ୍ଧକ୍ୟ ନିଶ୍ଚୟ ଆସିବ, କାରଣ ଯୌବନ କ୍ଷଣସ୍ଥାୟୀ। ନିଜକୁ ଥରେ ସେ ପରିଣତ ଅବସ୍ଥାରେ ରଖି ଯଦି ଗଭୀର ଭାବେ ଚିନ୍ତା କରିବା ତେବେ ପରିଣତମାନଙ୍କ ପ୍ରତି ମାନସିକତା ଓ ବ୍ୟବହାରରେ ନିଶ୍ଚିତ ପରିବର୍ତ୍ତନ ଆସିବ।

**ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ**
**ମୋ:୮୨୪୯୬୮୬୦୯୩**

## ଏଇ ଭାରତରେ

ମଧ୍ୟପ୍ରଦେଶର ମେହୁଲ ଶ୍ରଫ୍ କଦଳୀ ବାହୁଙ୍ଗା ଓ ଗଣ୍ଡିରୁ ପ୍ରାକୃତିକ ତନ୍ତୁ ପ୍ରସ୍ତୁତକରି ସେଥିରୁ ପରିବେଶ ଉପଯୋଗୀ ସାମଗ୍ରୀ ତିଆରି କରୁଛନ୍ତି। ଏହାକୁ ବିକ୍ରିକରି ଅନେକ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ଯୋଗୁ ବହୁ କୃଷକ ମଧ୍ୟ ଲାଭବାନ୍ ହେଉଛନ୍ତି। ବୁରହାନପୁର ଜିଲାରେ ୧୬,୦୦୦ ହେକ୍ଟର ଜମିରେ କଦଳୀ ଚାଷ ହେଉଛି। କୃଷକମାନେ କଦଳୀ କାଟିନେବା ପରେ ଜମିରୁ ବହୁଙ୍ଗା ଓ ଗଣ୍ଡି ସଫାକରିବା ପାଇଁ ଖର୍ଚ୍ଚାନ୍ତ ହୁଅନ୍ତି। ଏହାକୁ ଲକ୍ଷ୍ୟ କରି ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ୨୦୧୮ରେ ମେହୁଲ ଏକ ଷ୍ଟାର୍ଟଅପ୍ ଗଠନକରି ପ୍ରତିଦିନ ୫୦ରୁ ୧୦୦ କୃଷକଙ୍କଠାରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ମାସକୁ ପାଖାପାଖି ୫ଟନ୍ ବର୍ଜ୍ୟର ଉପଯୋଗ କରୁଛନ୍ତି। ସେଥିରୁ ପ୍ରାକୃତିକ ତନ୍ତୁ ବାହାରକରି ବିଭିନ୍ନ ହସ୍ତକଳା, ପୋଷାକ ଏବଂ କାଗଜ ତିଆରି କରାଯାଉଛି। ଉତ୍ପାଦଗୁଡ଼ିକର ମୂଲ୍ୟ ୧୦୦ରୁ ଆରମ୍ଭ କରି ୨,୦୦୦ ଟଙ୍କାରେ ବିକ୍ରି ହେଉଛି। ଏଥିରୁ ପ୍ରସ୍ତୁତ ଯୋଗ ମ୍ୟାଟ୍‌ର ବିଶେଷ ଆଦର ରହିଛି। ହସ୍ତକଳା ଲାଗି ସେ ୪୦ଜଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। କେବଳ ଏତିକି ନୁହେଁ, ସେ ମଧ କଦଳୀଗଛ ବର୍ଜ୍ୟରୁ ଏକ ପ୍ରକାର ଜୈବିକ ଦ୍ରବଣ ପ୍ରସ୍ତୁତ କରୁଛନ୍ତି ; ଯାହା ମାଟିର ଉର୍ବରତା ବୃଦ୍ଧି କରୁଛି। ନବସାରୀ ଏଗ୍ରିକଲଚର ୟୁନିଭର୍ସିଟି ଦ୍ୱାରା ଏହାର ପରୀକ୍ଷା କରାଯାଇ ବ୍ୟବହାର ଲାଗି ସବୁଜ ସଙ୍କେତ ଦିଆଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୭

- ମିଳିତ ସାମ୍ମୁଖ୍ୟ ସରକାରଠାରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିନେବା ଫଳରେ ୭ ମାସର ପୁରୁଣା ଗୁଜରାଲ ସରକାରର ଅବସାନ ଘଟିଛି।
- ବରଯାତ୍ରୀ ଦଳକୁ ନେଇ ଯାଉଥିବା ଏକ ବସ୍ ହାଭେରୀ ଜିଲାର ହାଲିଜେଲୀଠାରେ କେନାଲକୁ ଖସିପଡ଼ିବା ଫଳରେ ୧୭ ମହିଳା ଓ ୭ ଶିଶୁଙ୍କ ସମେତ ୩୪ ମୃତ।
- ଶିମଲାରେ ପରିବହନ ନିଗମର ଏକ ବସ୍ ରାସ୍ତା ପାଖ ଗଭୀର ଗର୍ତ୍ତ ମଧ୍ୟରେ ଖସିପଡ଼ିବାରୁ ୧୭ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ସଂସ୍କାର ଆଣିବା ଦରକାର

ମହାଶୟ,

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଚାକିରି ପାଇଁ ଯୋଗ ଦେବା ଓ ଅବସର ନେବା ବୟସ ନିର୍ଦ୍ଦିଷ୍ଟ ଥାଏ। ମାତ୍ର ରାଜନୀତିକ ଲୋକମାନେ ସାରା ଜୀବନ ରାଜନୀତି କାର୍ଯ୍ୟରେ ଲିପ୍ତ ରହିପାରିବେ। ସରକାରୀ କର୍ମଚାରୀ ଅବସର ବୟସ ହେଲେ ପେନସନ ପାଇବାକୁ ଯୋଗ୍ୟ ହୋଇଥାନ୍ତି। ମାତ୍ର ରାଜନେତାମାନେ ଥରେ ଜୟଯୁକ୍ତ ହେବାପରେ ମାସିକ ଦରମା ନିୟମିତ ପାଇବା ସହ ପେନସନ ମଧ୍ୟ ପାଉଛନ୍ତି। ପ୍ରକୃତପକ୍ଷେ ରାଜନେତାମାନେ ସ୍ୱେଚ୍ଛାସେବକ ଭାବେ ଜନତାଙ୍କ ପାଇଁ କାମ କରିବା କଥା। ଯଦ୍ୟପି ସେମାନେ ମାସିକ ଦରମା ସହ ଅବସରକାଳୀନ ପେନସନ ପାଉଛନ୍ତି, ତେବେ ସେମାନେ ମଧ ସରକାରୀ କର୍ମଚାରୀ ଭାବେ ପରିଗଣିତ ହେବା କଥା। ସରକାରୀ କର୍ମଚାରୀଙ୍କ ପ୍ରତି ଲାଗୁ ହେଉଥିବା ନିୟମକାନୁନ ମଧ ସେମାନଙ୍କ ପାଇଁ ଲାଗୁ ହେବା ଉଚିତ। ତେବେ ଏହା ସମ୍ଭବ ନୁହେଁ। ତେଣୁ ଦେଶର ବୁଦ୍ଧିଜୀବୀ, ସଂସ୍କାରକ, ସୁନାଗରିକ ଓ ରାଜନେତାମାନେ ଦେଶର ଉନ୍ନତି ପାଇଁ ସମ୍ବିଧାନ ଏବଂ ନିର୍ବାଚନ ଆଇନର କିଛି ସଂସ୍କାର ଆଣିବା ଦରକାର।

**ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୋକେ ଓଦା ନୀଳ ଭ୍ରୁରୁ
ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା
ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କଂଗ୍ରେସରେ ମିଶିଲେ ପୂର୍ବତନ ଭାଜପା ମନ୍ତ୍ରୀ

ଅହମ୍ମଦାବାଦ,୨୮।୧୧

ଗୁଜରାଟର ବରିଷ୍ଠ ନେତା ତଥା ପୂର୍ବତନ ଭାଜପା ମନ୍ତ୍ରୀ ଜୟନାରାୟଣ ବ୍ୟାସ ଓ ତାଙ୍କ ପୁଅ ସମୀର କଂଗ୍ରେସରେ ସାମିଲ ହୋଇଛନ୍ତି। ଅହମ୍ମଦାବାଦସ୍ଥିତ ରାଜ୍ୟ କଂଗ୍ରେସର ମୁଖ୍ୟାଳୟରେ ସୋମବାର ଆୟୋଜିତ ମିଶ୍ରଣ ପର୍ବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଜୟନାରାୟଣ ଓ ତାଙ୍କ ପୁଅଙ୍କୁ ଦଳରେ ବିଧିବଦ୍ଧ ଭାବେ ସାମିଲ କରାଇଛନ୍ତି। ଏହି ସମୟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆଲୋକ ଶର୍ମା ଉପସ୍ଥିତ ଥିଲେ। ଦୀର୍ଘ ଦିନ ଧରି ଭାଜପା ସହ ଯୋଡ଼ି ହୋଇଥିବା ତଥା ୨୦୦୭ରୁ ୨୦୧୨ମସିହା ପର୍ଯ୍ୟନ୍ତ ମନ୍ତ୍ରୀ ଥିବା ଜୟନାରାୟଣ ଚଳିତ ମାସ ଆରମ୍ଭରେ ଭାଜପାରୁ ଇସ୍ତଫା ଦେଇଥିଲେ। ତେବେ ଜୟନାରାୟଣଙ୍କ ଯୋଗ ଦାନ କଂଗ୍ରେସକୁ ସିଦ୍ଧପୁରରେ ଫାଇଦା ଦେଇପାରେ ବୋଲି କୁହାଯାଉଛି। ଅପରପକ୍ଷେ କଂଗ୍ରେସରେ ଯୋଗଦାନ ପରେ ସେ ଖାର୍ଗେଙ୍କୁ ଧନ୍ୟବାଦ ଦେବା ସହ ଭାଜପା ଉପରେ ବର୍ଷିଛନ୍ତି।


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁଜରାଟର ପୂର୍ବତନ ଭାଜପା ମନ୍ତ୍ରୀ ଜୟନାରାୟଣ ବ୍ୟାସଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

# ପଦଯାତ୍ରା ବେଳେ ୱାଇଏସ୍ଆର୍‌ଟିପି ନେତ୍ରୀ ଗିରଫ

## ତେଲଙ୍ଗାନାରେ ଶର୍ମିଲାଙ୍କ ଗାଡ଼ି ଉପରେ ଆକ୍ରମଣ

ହାଇଦ୍ରାବାଦ,୨୮।୧୧

ତେଲଙ୍ଗାନାର ୱାରାଙ୍ଗଲ ଜିଲାରେ ସୋମବାର ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍ଆର୍‌ଟିପି) ନେତ୍ରୀ ଶର୍ମିଲାଙ୍କ ଗାଡ଼ି ଉପରେ ଶାସକ ଟିଆର୍‌ଏସ୍ ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପଦଯାତ୍ରାରେ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ଶର୍ମିଲାଙ୍କ ସମେତ ପଦଯାତ୍ରାରେ ସାମିଲ ଥିବା ତାଙ୍କ ଦଳର କେତେଜଣ ନେତା ଓ କର୍ମୀଙ୍କୁ ତେଲଙ୍ଗାନା ପୋଲିସ ଗିରଫ କରିଛି। ୱାଇଏସ୍ଆର୍‌ଟିପି କର୍ମୀମାନେ ଗିରଫଦାରିକୁ ବିରୋଧ କରି ପୋଲିସ ଏବଂ ଟିଆର୍‌ଏସ୍ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଥିବା ଜଣାପଡ଼ିଛି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ଶର୍ମିଲା ତେଲଙ୍ଗାନାରେ ଦଳର ନେତୃତ୍ୱ ନେଉଛନ୍ତି। ସେ ଟିଆର୍‌ଏସ୍ ବିଧାୟକ ପି. ସୁଦର୍ଶନ ରେଡ୍ଡୀଙ୍କ ବିରୋଧରେ କେତେକ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି। ତେବେ ତାଙ୍କ ଗାଡ଼ିକୁ ଆକ୍ରମଣ କରିଥିବା ଲୋକଙ୍କୁ ଗିରଫ କରାଯିବା ପରିବର୍ତ୍ତେ ତାଙ୍କୁ କ'ଣ ପାଇଁ ହାଜତକୁ ନିଆଗଲା ବୋଲି ଶର୍ମିଲା ପ୍ରଶ୍ନ କରିଛନ୍ତି। ଦଳୀୟ କର୍ମୀଙ୍କ କହିବା ଅନୁଯାୟୀ ୱାରାଙ୍ଗଲ ଜିଲା ଚେନ୍ନାରାଓପେଟା ମଣ୍ଡଳ ଅନ୍ତର୍ଗତ ଲିଙ୍ଗାଗିରି ଗ୍ରାମରେ ପ୍ରଜା ପ୍ରସ୍ଥାନମ ପଦଯାତ୍ରା ଚାଲିଥିବାବେଳେ ଶର୍ମିଲା ବିଶ୍ରାମ ନେବା ଲାଗି ଏକ ବସ୍



ବ୍ୟବହାର କରୁଥିଲେ। ସରକାରୀ ଦଳ ସମର୍ଥକମାନେ ଉକ୍ତ ବସ୍ ଉପରେ ଆକ୍ରମଣ କରିବା ସହ ସେଥିରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଏହା ବ୍ୟତୀତ ୱାଇଏସ୍ଆର୍‌ଟିପିର ଅନ୍ୟ ନେତାମାନଙ୍କ କାର୍‌କୁ ମଧ୍ୟ ଭଙ୍ଗାରୁଜା କରାଯାଇଛି।

# '୧୧ ମାସରେ କେତେ ଜମି ଅଧିଗ୍ରହଣ ହୋଇଛି ସ୍ପଷ୍ଟ କର'

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ପଦ୍ମପୁରର ଏକ ନିର୍ବାଚନୀ ସଭାରେ ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କାଲି ଜମି ଦେଲେ ପଅରଦିନ ରେଳ ପ୍ରକଳ୍ପ ନିମାଣ କାମ ଆରମ୍ଭ ହେବ ବୋଲି କହିଥିଲେ। ଏହାର ଜବାବରେ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଯାହା କହିଛନ୍ତି ତାହା ରାଜ୍ୟ ସରକାର ଓ ବିଜୁ ଜନତା ଦଳର ପଦ୍ମପୁରବାସୀଙ୍କ ପ୍ରତି ଥିବା ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ପୂଜାରୀ କହିଛନ୍ତି, ପ୍ରକଳ୍ପର ଟେଣ୍ଡର ହେବାର ୧୧ ମାସ ପରେ ମଧ୍ୟ ଏବେ ସୁଦ୍ଧା ରାଜ୍ୟ ସରକାର ଇଞ୍ଚେ ଜମି ଅଧିଗ୍ରହଣ କରିପାରିନାହାନ୍ତି। କେନ୍ଦ୍ର ସରକାର କେବେ ରାଜ୍ୟ ସରକାରଙ୍କୁ ଜମି ମାଗିଥିଲେ ତାହା ପ୍ରକାଶ କରନ୍ତୁ


ସୁରେଶ ପୂଜାରୀ

ବୋଲି ବିଜେଡି ନେତା କହିବା ଅତ୍ୟନ୍ତ ନିନ୍ଦନୀୟ । ରାଜ୍ୟ ସରକାର ଓ ବିଜେଡି କେବେ ନିଜର ଦାୟିତ୍ୱକୁ ବୁଝିପାରନ୍ତିନାହିଁ। ଯେବେଠାରୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଅନୁମୋଦନ କରିଲେଣି ସେବେଠାରୁ ଜମି ଅଧିଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ଦାୟିତ୍ୱ ଆରମ୍ଭ ହୋଇଛି। ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ ଏହି ପ୍ରକଳ୍ପ ପାଇଁ କେତେ ଜମି ଦରକାର ଏହାର ଟେଣ୍ଡର କାଢ଼ି ରାଜ୍ୟ ସରକାରଙ୍କୁ ଜଣାଇସାରିଛି। ରାଜ୍ୟ ସରକାର ଏବେ ଜମି ଚିହ୍ନଟ ଓ ଅଧିଗ୍ରହଣ କରି ଜମିର ବିବରଣୀ ସେହି କମ୍ପାନୀକୁ ଦେବା ଦରକାର। ଏବେ ରାଜ୍ୟ ସରକାର ଜମି ନ ଦେବା କାରଣରୁ ପ୍ରକଳ୍ପ କାମ ଆଗେଇ ନ ପାରିବା କଥା ଯେତେବେଳେ ଭାଜପା ଉଠାଉଛି ସେତେବେଳେ ବିଜେଡି ଓଲଟି କାହିଁକି କେନ୍ଦ୍ର ଜମି ମାଗିଲା ନାହିଁ ବୋଲି କହୁଛି । ରାଜ୍ୟର ବିକାଶରେ କ'ଣ ରାଜ୍ୟ ସରକାରଙ୍କ କିଛି ଭୂମିକା ନାହିଁ। ସବୁବେଳେ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ଚିଠି ବା ତାଗିଦା ଦରକାର ବୋଲି ପୂଜାରୀ କହିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ଜଣେ କ୍ୟାବିନେଟ ମନ୍ତ୍ରୀ ଏହି ପ୍ରକଳ୍ପ ଅନୁମୋଦନ ହେବାର ୧୧ମାସ ପରେ ଅନୁମୋଦନ ମାଗିବା ପାଇଁ ଚିଠି ଲେଖି ଅପଦସ୍ତ ହୋଇଥିଲେ। ଏବେ ପଦ୍ମପୁରବାସୀଙ୍କ ସାମ୍ନାରେ ରାଜ୍ୟ ସରକାରଙ୍କୁ ରେଳ ମନ୍ତ୍ରୀ ଆହ୍ୱାନ ଦେବା ପରେ ବିଜେଡି ଏହି ପ୍ରସଙ୍ଗରେ ଲୋକଙ୍କୁ ମୁହଁ ଦେଖାଇବା କଷ୍ଟକର ହୋଇପଡ଼ିଛି ବୋଲି ପୂଜାରୀ କହିଛନ୍ତି।

# ପ୍ରଚାର ମଙ୍ଗ ଧରିବେ କେନ୍ଦ୍ରମନ୍ତ୍ରୀ

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର କରିବାକୁ ୩ ଦିନିଆ ଗସ୍ତରେ ଆସୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଆସନ୍ତା ୨୯, ୩୦ ଓ ଡିସେମ୍ବର ୧ରେ ପଦ୍ମପୁରରେ ପ୍ରଚାର କରିବା ସହ ୩ ତାରିଖରେ ଏକ ଜନସଭାକୁ ସମ୍ବୋଧନ କରିବେ। ସୋମବାର ପଦ୍ମପୁର ଭାଜପା କାର୍ଯ୍ୟାଳୟରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ। ହରିଚନ୍ଦନ କହିଛନ୍ତି, ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ମାଣ୍ଡୋସିଲଠାରେ ଏକ ଜନସଭା କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଚାର ଆରମ୍ଭ କରିବେ। କେନ୍ଦ୍ରମନ୍ତ୍ରୀ ମିଠାପାଲି, ପାଇକମାଳ, ହିରାପୁର, ନୂଆଗାଁ, ଝାରମୁଣ୍ଡାରେ ରୋଡ ଶୋ ଏବଂ ପଦଯାତ୍ରା କରିବେ। ଅପରାହ୍ନ ରେ ଭେଙ୍ଗରାଜପୁରରେ ଏକ ଜନସଭାକୁ ଉଦ୍‌ବୋଧନ ଦେବେ। ଏହାପରେ ମାଲଦା, ପଲସଦା ଓ ଖଇରାରେ ତାଙ୍କର ରୋଡ ଶୋ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ବିଜାଡିହରେ ଏକ ସାଧାରଣସଭାରେ ଯୋଗ ଦେବେ। ସେହିପରି ନଭେମ୍ବର ୩୦ ଓ ଡିସେମ୍ବର ୧ରେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଅନ୍ୟ ସ୍ଥାନରେ ସେ ପ୍ରଚାର କରିବେ ବୋଲି ହରିଚନ୍ଦନ ସୂଚନା ଦେଇଛନ୍ତି ।

# ସୁଶାନ୍ତଙ୍କ ସୁରକ୍ଷା ବଢ଼ାଇବାକୁ ପୁଣି ଦାବି କଲା ବିଜେଡି


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସୋମବାର ବିଜେଡି ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ବିଜେଡିବିଧାୟକ ସୁଶାନ୍ତ ସିଂଙ୍କ ଜୀବନ ପ୍ରତିବିପଦ ଥିବା ଦର୍ଶାଇ ତାଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ଶାସକ ଦଳ ପକ୍ଷରୁ ପୁଣି ଦାବି କରାଯାଇଛି। ବିଜେଡିର ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛି ଯେ, ୨୦୧୮ ବିଜେପୁର ଉପନିର୍ବାଚନରେ ଭାଜପାର ଦୁଇ ଜଣ ସୁଶାନ୍ତ ସିଂଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏବେ ସେହି ଦୁଇ ଜଣ ଭାଜପା ନେତା ପଦ୍ମପୁର ଉପନିର୍ବାଚନରେ ଷ୍ଟାର କ୍ୟାମ୍ପେନର ପାଲଟିଛନ୍ତି। ସେମାନେ ଉକ୍ତ ଘଟଣାରେ ଜେଲରେ ଥିବାବେଳେ ଏବେ ବେଲ୍‌ରେ ଆସି ପଦ୍ମପୁରରେ ବୁଲୁଛନ୍ତି। ଗତ ନଭେମ୍ବର ୨୫ରେ ଏକ ପ୍ରତିନିଧି ଦଳ ଏହି ଘଟଣା ସମ୍ପର୍କରେ ଏକ ପିଟିଶନ ଦେବା ସହିତ ସୁଶାନ୍ତ ସିଂଙ୍କ ସୁରକ୍ଷା ବଢ଼ାଇବାକୁ ଅନୁରୋଧ କରାଯାଇଥିଲା। ଏବେ ସୁଶାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ନେଇ ସାମାଜିକ ଗଣମାଧ୍ୟମରେ ଧମକ ମିଳୁଛି। ସାମାଜିକ ଗଣମାଧ୍ୟମରେ ମିଳିଥିବା ଧମକ ସମ୍ପର୍କିତ ତଥ୍ୟ ପେନଡ୍ରାଇଭ ଜରିଆରେ ପ୍ରଦାନ କରାଯାଇଛି। ଅପରପକ୍ଷେ ଭାଜପା ନେତା ରିଙ୍କୁ ମେହେର ଏବଂ ଅନ୍ୟ କର୍ମୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଗଲା ନାହିଁ। ସେମାନେ ବିଜେଡି କର୍ମୀ ସଞ୍ଜୁ ବରିହାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଭାବେ ମସ୍ତିଷ୍କରେ ଆଘାତ ଲାଗିବା ଯୋଗୁ ସଞ୍ଜୁ ଏବେ ଭିମ୍‌ସାର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମ ଜରିଆରେ ସୁଶାନ୍ତ ସିଂଙ୍କୁ ଯେଉଁ ନୂଆ ଧମକ ମିଳିଛି, ତାକୁ ଦୃଷ୍ଟିରେ ରଖି ତାଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଉ। ଏହାସହ ଉକ୍ତ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବାକୁ ବିଜେଡି ପ୍ରତିନିଧି ଦଳ ସିଇଓଙ୍କୁ ଅନୁରୋଧ କରିଛନ୍ତି।

# ବରଗଡ଼ ଏସ୍‌ପିଙ୍କ ବଦଳି କରାଯାଉ: ଭାଜପା


ଭାଜପା ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ବିଜେଡି ଶାସନ କଳର ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଅନବରତ ପ୍ରଚେଷ୍ଟା ଜାରି ରଖିଛି। ପୋଲିସ ଓ ପ୍ରଶାସନକୁ ମଧ୍ୟ ବ୍ୟବହାର କରି ହିଂସାକାଣ୍ଡ ଭିଆଇବାକୁ ପଛାଉନାହିଁ। ପଦ୍ମପୁର ଉପନିର୍ବାଚନ ଜିତିବା ଲକ୍ଷ୍ୟରେ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନେ ହିଂସ୍ର ପାଲଟି ଯାଇଛନ୍ତି । ଏହା ପଛରେ ବରଗଡ଼ ଏସ୍‌ପିଙ୍କ ହାତଥିବା ସନ୍ଦେହ କରାଯାଉଛି। ତେଣୁ ତୁରନ୍ତ ଏସ୍‌ପିଙ୍କୁ ଅନ୍ୟତ୍ର ବଦଳି କରିବାକୁ ଭାଜପା ଦାବି କରିଛି। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ସିଇଓଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏହା ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛନ୍ତି।

ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ନିର୍ବାଚନମଣ୍ଡଳୀର ଲୋକେ ଅସୁରକ୍ଷିତ ମଣୁଛନ୍ତି। ଗତ ୨୭ ତାରିଖରେ କେନ୍ଦ୍ରମନ୍ତ୍ରୀ ପ୍ରଚାର କରୁଥିବାବେଳେ ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀ ଲୁଚି ଲୁଚି ଭିଡିଓ ଶୁଟିଂ କରୁଥିଲେ। ଏତିକିବେଳେ କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷାକର୍ମୀ ଓ ଭାଜପା କର୍ମୀ ପଚାରିବାରୁ ପୋଲିସ ଜଣକ ମୋବାଇଲ ଏବଂ ଆଇକାର୍ଡ ଫିଙ୍ଗି ଛୁ ମାରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନେ ଆଇକାର୍ଡକୁ ଯାଞ୍ଚ କରିବା ପରେ ସେ ଜଣେ ସିଆଇଡି ଅଫିସର ବୋଲି ଜାଣିବାକୁ ପାଇଥିଲେ। ତାଙ୍କ ଆଇକାର୍ଡରେ ଭୋଜରାଜ ଦାଶ ବୋଲି ନାମ ଲେଖା ଯାଇଥିଲା।

ଆଞ୍ଚଳିକ

# ଜିଲା କାର୍ଯ୍ୟାଳୟରେ ସମ୍ବିଧାନ ପ୍ରସ୍ତାବନା ପାଠ

ଅନୁଗୋଳ ଅଫିସ,୨୮।୧୧

ଅନୁଗୋଳ ଜିଲା ପ୍ରଶାସନ ତରଫରୁ ସମ୍ବିଧାନ ଦିବସ ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର ମନିଷା ଗୁପ୍ତା, ଆସିଷ୍ଟାଣ୍ଟ କଲେକ୍ଟର ମିନର୍ଭା ନାୟକ, ଭୂ-ଅର୍ଜନ ଅଧିକାରୀ ରତନ କୁମାର ଆଚାର୍ଯ୍ୟଙ୍କ ସମେତ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଶାସନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅନୁଗୋଳ ନେହେରୁ ଯୁବକେନ୍ଦ୍ର ଏବଂ ସାମାଜିକ ଅନୁଷ୍ଠାନ ସାଥୀ


ଜିଲା କାର୍ଯ୍ୟାଳୟ ପରିସରରେ ସମ୍ବିଧାନ ପ୍ରସ୍ତାବନା ପାଠ କରାଯାଉଛି।

ପରିବାରର ମିଳିତ ଉଦ୍ୟମରେ ବଡକେରାସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଠାରେ 'ସମ୍ବିଧାନ ଦିବସ' ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବୈରାଗୀ ଚରଣ ମହାରଣା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ, ଅନୁଗୋଳ ନେହେରୁ ଯୁବ କେନ୍ଦ୍ର ସହକାରୀ ସଦସ୍ୟ ତପନ ସାମଲ, ସାଥୀ ପରିବାର ସଭାପତି ସିଦ୍ଧାର୍ଥ ପ୍ରଧାନ, ବରିଷ୍ଠ ସଦସ୍ୟା ଗିନିତା ପଟ୍ଟନାୟକ, ଅଧ୍ୟାପକ ଯଶୋବନ୍ତ ସାହୁ, ସହକାରୀ ଅଧ୍ୟାପକ ସଚ୍ଚିଦାନନ୍ଦ ପାଢ଼ୀ, ଶ୍ରୀମନ୍ତ ସାହୁ ଏବଂ ଦୀପକ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶୁଭେନ୍ଦୁ ସାହୁ, ସସ୍ମିତ କୁମାର ସାହୁ, ସୁବ୍ରତ କୁମାର ପ୍ରଧାନ ଏବଂ ମହାବିଦ୍ୟାଳୟ କର୍ମକର୍ତ୍ତାଙ୍କ ସହଯୋଗ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

ବଇଣ୍ଡା,୨୮।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସୋମବାର ବଇଣ୍ଡା ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମେଡିକାଲ କମ୍ପାଉଣ୍ଡର ବାମଦେବ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ସରପଞ୍ଚ ଦୀପ୍ତିମୟୀ ସାହୁ, ବଇଣ୍ଡା ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିୱାଲା ପ୍ରମୁଖ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଦର୍ଶାଯାଇଛି, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ, ଲୁହାମୁଣ୍ଡା, କଣ୍ଟେଇକୋଳିଆ, ଆଠମଲ୍ଲିକ ବ୍ଲକର ପେଡିପଥର ଆଦି ପଞ୍ଚାୟତବାସୀ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ଏଥିସହ ରାଜପଥ ଓ ରେଳପଥର



ଦୁର୍ଘଟଣାଗ୍ରସ୍ତଙ୍କୁ ଏଠାକୁ ଅଣାଯାଉଛି। ହେଲେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ଯୋଗୁ ଠିକଣା ଚିକିତ୍ସା ସେବା ମିଳିପାରୁ ନାହିଁ। ପୂର୍ବରୁ ଏ ନେଇ ଗ୍ରାମବାସୀ ୧୪ ଫେବୃୟାରୀ ୨୦୧୭ ଓ ୨୫ ମେ ୨୦୨୦ରେ ଦାବିପତ୍ର ଆଠମଲ୍ଲିକ ବିଧାୟକଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ମାନ୍ୟତା ସହ ୧୦ଟି ବେଡ୍ ଓ ନୂତନ କୋଠା ନିର୍ମାଣ କରିବା ପାଇଁ ଗ୍ରାମର ରମାକାନ୍ତ ବେହେରା, ରାଜେନ୍ଦ୍ର ସାହୁ, ଲୁଲୁ ସାହୁ, ନାଏବ ସରପଞ୍ଚ ସୁମନ୍ତ ବେହେରା, ସୁଧୀର ବେହେରା, ମାନସ ସାହୁ, ପରିକ୍ଷିତ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ଧୁକ, ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

ଛେଣ୍ଡିପଦା,୨୮।୧୧(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଗୋପୀନାଥପୁରସ୍ଥିତ ଏକ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ସୋମବାର ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। କୋଶଳା ଷ୍ଟେଟବ୍ୟାଙ୍କରେ ଟଙ୍କା ଜମା କରିବାକୁ ସମ୍ପୃକ୍ତ କର୍ମଚାରୀ ବାଇକ୍‌ରେ ଯାଉଥିବା ବେଳେ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଅପରାହ୍ନ ସାଢ଼େ ୩ଟା ବେଳେ ପେଟ୍ରୋଲ ପମ୍ପର କ୍ୟାଶିୟର ସନ୍ତୋଷ କୁମାର ସାହୁ ଓ କର୍ମଚାରୀ ଅଶୋକ କୁମାର ସାହୁ ୧ ଲକ୍ଷ ୧୨ ହଜାର ୬୦ଟଙ୍କା ମୋଟର ସାଇକେଲରେ ନେଇ କୋଶଳା ଚନ୍ଦନନଗରସ୍ଥିତ ଷ୍ଟେଟ ବ୍ୟାଙ୍କକୁ ଯାଉଥିଲେ। ଏହି ସମୟରେ ଏକ ମୋଟରସାଇକେଲରେ ୨ଜଣ ହେଲମେଟ ପିନ୍ଧା ଦୁର୍ବୃତ୍ତ ଆସି ତାରିଣୀ ମନ୍ଦିର ନିକଟରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଅଟକାଇଥିଲେ। ଏହାପରେ ଭୁଜାଲି ଦେଖାଇ କର୍ମଚାରୀଙ୍କଠାରୁ ଟଙ୍କା ଥିବା ବ୍ୟାଗ ଛଡ଼ାଇ ଫେରାର ହୋଇଯାଇଥିଲେ। କ୍ୟାଶିୟର ସନ୍ତୋଷଙ୍କଠାରୁ ଖବର ପାଇ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀମାନେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

ପଦ୍ମପୁର ଉପନିର୍ବାଚନ

# ଘରକୁ ଘର ବୁଲୁଛନ୍ତି ପ୍ରାର୍ଥୀ


ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଭୋଟରଙ୍କୁ ଭେଟୁଛନ୍ତି।


ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ରୋଡ୍ ଶୋ କରୁଛନ୍ତି।

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ତିନି ପ୍ରମୁଖ ଦଳର ପ୍ରାର୍ଥୀମାନେ ରୋଡ୍ ଶୋ, ପଥପ୍ରାନ୍ତ ସଭା, ଘର ଘର ବୁଲି ନିଜ ନିଜ ସପକ୍ଷରେ ଭୋଟଭିକ୍ଷା କରିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପଦ୍ମପୁର ବ୍ଲକର ନୂଆପାଲି, ଗୌଡପାଲି, କନସିଂହା, ଚଣ୍ଡିପାଲି ସମେତ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା କରି ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିଥିଲେ। କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପଦ୍ମପୁର ଟାଉନ ସଭାନେତ୍ରୀ ମୌସୁମୀ ସାହୁଙ୍କ ସମେତ ଦଳୀୟ କର୍ମୀ ପଦ୍ମପୁର ଟାଉନ, ବରିକେଲ ଓ ସର୍ଗିବାହାଲର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ସେହିପରି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଚାରପାଲି ଓ କନସିଂହା ସମେତ ଦହିଗାଁ, ଦହିତା, ବୁଡ଼ାମାଲ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ୍ ଶୋ ଓ ପଥପ୍ରାନ୍ତ ସଭା କରି ତାଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ ।

## ସଂକ୍ଷେପରେ

### ଏନ୍ଏସିରେ ପଲିଥିନ ଯାଞ୍ଚ

କାମାକ୍ଷାନଗର, ୨୮।୧୧(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଏନ୍ଏସି ପ୍ରଶାସନ ପକ୍ଷରୁ ସୋମବାର ସାପ୍ତାହିକ ହାଟ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ପଲିଥିନ ଯାଞ୍ଚ କରାଯାଇଛି। ୬ କେଜିରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରାଯିବା ସହ ଜରିମାନା ବାବଦକୁ ୬,୫୦୦ ଟଙ୍କା ଆଦାୟ କରାଯାଇଛି। ଅନ୍ୟପଟେ ଏଭଳି ଚଢ଼ାଉକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଦ୍ଧିଜୀବୀମାନେ ଏହାକୁ ପ୍ରଶଂସା କରିଥିବାବେଳେ ବ୍ୟବସାୟୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ବ୍ୟବସାୟୀଙ୍କ କହିବା କଥା, ସରକାର ପଲିଥିନ ନିର୍ମାଣସଂସ୍ଥା, ପାଇକାରୀ ଦୋକାନରେ



ଚଢ଼ାଉ କରି ପଲିଥିନ ବ୍ୟାନ୍ କଲେ ଖୁଚୁରା ବ୍ୟବସାୟୀଙ୍କ ପାଖକୁ ଆସନ୍ତା ନାହିଁ। ଏନ୍ଏସି ନିର୍ବାହୀ ଅଧିକାରୀ ଯତିନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶରେ ଗୋଷ୍ଠୀ ସଙ୍ଗଠିକା ସସ୍ମିତା ନାୟକ, ଟିକସ ଆଦାୟକାରୀ ସସ୍ମିତା ନାଥ, ପ୍ଲାଣ୍ଟ ମ୍ୟାନେଜର ଶୁଭ୍ରାଂଶୁ ଶେଖର ସାହୁ, ଅମୂଲ୍ୟ ବାରିକ, ବିନୟ ନାଏକ, ଶୈଳେନ୍ଦ୍ର ବାରିକ, ରାକେଶ ଷଣ୍ଢ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଲାଚିତ ବର୍ଫୁକାନ୍: ଭାରତୀୟ ପରାକ୍ରମର ଅବିନଶ୍ୱର ଯୋଦ୍ଧା

**ସେତେବେଳେ ଯେଉଁ ବୁଦ୍ଧିଜୀବୀମାନେ ଇତିହାସ ଲେଖିଥିଲେ ସେଥିରେ ଭାରତର ଉତ୍ତରପୂର୍ବାଞ୍ଚଳ, ଏହାର ଲୋକ ଓ ସଂସ୍କୃତିକୁ ଦୂର ସୀମାନ୍ତର ବୋଲି ଭାବିନେଇଥିଲେ। ଅର୍ଥାତ୍ ଆସାମ ଭାରତର ନ ଥିଲା ବୋଲି ଲାଚିତ ବର୍ଫୁକାନ୍ଙ୍କ ବୀରତ୍ୱ ବର୍ଣ୍ଣନା କରିବା ବେଳେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି ଲେଖା ମାଧ୍ୟମରେ ଦର୍ଶାଇଛନ୍ତି।**



ଡକ୍ଟର ହିମନ୍ତ ବିଶ୍ୱ ଶର୍ମା

୧୯୮୨ ମସିହାର କଥା ମନେପଡୁଛି। ସେତେବେଳେ ମୋର ୭ମ। ଇତିହାସ ପୁସ୍ତକରେ ଥିବା ମହାବୀର ଲଚିତ ବର୍ଫୁକାନଙ୍କ ବିଷୟରେ ପଢ଼ିଲା ବେଳେ ତାଙ୍କ ବୀରତ୍ୱର କାହାଣୀ ଜାଣିବାକୁ ପାଇଥିଲି। ତାହା ମୋ ଉପରେ ଗଭୀର ରେଖାପାତ କରିଥିଲା। ପରବର୍ତ୍ତୀ ସମୟରେ ଯେତେବେଳେ ମୁଁ ଉଚ୍ଚ ଶ୍ରେଣୀର ଇତିହାସ ପୁସ୍ତକ ପଢ଼ିଲି, ସେତେବେଳେ କିଛି ତଫାତ୍ ଅନୁଭବ କଲି। ସେଥିରେ ମୋଗଲ ସାମ୍ରାଜ୍ୟକୁ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ଭାରତର ଅନ୍ୟତମ ବୀର ସେନାଧକ୍ଷ ଲାଚିତ ବର୍ଫୁକାନଙ୍କୁ କମ୍ ଗୁରୁତ୍ୱ ଦିଆଯାଇଥିଲା। ଲାଚିତ ଉତ୍ତର ପୂର୍ବାଞ୍ଚଳରେ କ୍ରୁର ମୋଗଲ ସାମ୍ରାଜ୍ୟର ସମ୍ପ୍ରସାରଣକୁ ସଫଳତାର ସହ ରୋକିପାରିଥିଲେ। ହେଲେ ଇତିହାସରେ ମୋଗଲଙ୍କ ଗୁଣଗାନ କରାଯାଇ ଆମ ବୀର ନାୟକଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖାଯିବା ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥିଲା।

ଏହି ପରିପ୍ରେକ୍ଷୀରେ ଆସାମର ଇତିହାସକୁ ଦେଖିଲେ ସେଥିରେ ଦୀର୍ଘବର୍ଷ ଧରି ପିଲାମାନଙ୍କୁ ଭୁଲ୍ ତଥ୍ୟ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ମୋର ଆଶଙ୍କାକୁ ଏହା ଅଧିକ ଦୃଢ଼ୀଭୂତ କରିଥିଲା ଯେ, ଯେଉଁ ବୁଦ୍ଧିଜୀବୀମାନେ ସେତେବେଳେ ଇତିହାସ ଲେଖିଥିଲେ ସେଥିରେ ଭାରତର ଉତ୍ତରପୂର୍ବାଞ୍ଚଳ, ଏହାର ଲୋକ ଓ ସଂସ୍କୃତିକୁ ଦୂର ସୀମାନ୍ତର ବୋଲି ଭାବିନେଇଥିଲେ। ଅତଏବ, ଆଜି ଆତ୍ମନିର୍ଭର ଭାରତ ଗର୍ବର ସହ ଲାଚିତ ବର୍ଫୁକାନଙ୍କ ୪୦୦ତମ ଜୟନ୍ତୀ ପାଳନ କରି ତାଙ୍କ ତ୍ୟାଗକୁ ସମ୍ମାନ ଦେଉଛି। ଉଲ୍ଲେଖଯୋଗ୍ୟ, ଲାଚିତ ୨୪ ନଭେମ୍ବର ୧୬୨୨ରେ ଆସାମର ଚାରାଇଦେଓଠାରେ ଜନ୍ମଗ୍ରହଣ କରିଥିଲେ। ଏବେ ମୋ ପାଇଁ ଗର୍ବର ସମୟ ଆସିଛି ତାଙ୍କ ବୀର ଗାଥା ଭାରତୀୟ ନାଗରିକଙ୍କ ସାମ୍ନାରେ ବଖାଣିବାର।

ମୋଗଲ ଯେତେବେଳେ ଆସାମ ରାଜ୍ୟର କେତେକ ଅଞ୍ଚଳକୁ ଅକ୍ତିଆର କରିଥିଲା, ସେତେବେଳେ ରାଜା ଚକ୍ରଧ୍ୱଜ ସିଂଘା ଅହୋମ ସେନାର କମାଣ୍ଡର-ଇନ୍-ଚିଫ୍ ଭାବେ ଲାଚିତ ବର୍ଫୁକାନଙ୍କୁ ନିଯୁକ୍ତି ଦେଇଥିଲେ। ରାଜା ଚକ୍ରଧ୍ୱଜ ମୋଗଲଙ୍କୁ ବେଖାତିର କରିଥିଲେ, ଏପରି କି ଔରଙ୍ଗଜେବଙ୍କ ଦ୍ୱାରା ଦିଆଯାଇଥିବା ସମ୍ମାନକୁ ଗ୍ରହଣ କରି ନ ଥିଲେ। ବିଦେଶୀଙ୍କ ବଶତା ସ୍ୱୀକାର କରିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ବୋଲି ଧରି ନେଇଥିଲେ। ୧୬୬୫ରେ ନିଜ ମନ୍ତ୍ରୀଙ୍କ ସହ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ରାଜା କହିଥିଲେ, ''ମୁଁ କଦାପି ବିଦେଶୀଙ୍କ ଅନୁଗତ ହୋଇପାରିବି ନାହିଁ। ସ୍ୱର୍ଗୀୟ ରାଜାଙ୍କ ଦାୟାଦ ଭାବେ ଦୁଷ୍ଟ ବିଦେଶୀଙ୍କୁ କେବେହେଲେ ସମ୍ମାନ ଦେଇପାରିବି ନାହିଁ''। ସେତିକିବେଳେ ଆସାମରୁ ମୋଗଲମାନଙ୍କୁ ବିତାଡ଼ିତ କରିବା ଲାଗି ଲାଚିତ ବର୍ଫୁକାନ ବଜ୍ର ଶପଥ ନେଇଥିଲେ।

ସେହି ସମୟରେ ହତାଶ ହୋଇପଡ଼ିଥିବା ଅହୋମ୍ ସୈନ୍ୟମାନେ ଏଭଳି ଜଣେ ସେନାଧକ୍ଷଙ୍କୁ ଚାହୁଁଥିଲେ, ଯିଏ ସେମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରି ଆଗକୁ ଯିବା ଲାଗି ମାର୍ଗ ଦେଖାଇପାରିବେ। ଏଭଳି ଏକ ଅନ୍ଧକାର ସମୟରେ ଲାଚିତ ହିଁ ସେମାନଙ୍କ ପାଇଁ ଆଶାର କିରଣ ପାଲଟିଥିଲେ ଓ ଦେଶଭକ୍ତିର ଅନନ୍ୟ ନିଦର୍ଶନ ଦେଖାଇଥିଲେ। ମୋଗଲମାନଙ୍କୁ ଧରାଶାୟୀ କରିଦେବା ଲାଗି ସମଗ୍ର ସେନା ଭିତରେ ଅଫୁରନ୍ତ ସାହସ ଭରିଦେଇଥିଲେ। ସ୍ୱଳ୍ପ ସମ୍ବଳ, କମ୍ ମାନବସମ୍ବଳ, ଅଣପ୍ରଶିକ୍ଷିତ ସୈନ୍ୟଙ୍କୁ ଧରି ଲାଚିତ ୧୬୭୧ ଐତିହାସିକ ସରାଇଘାଟ ଯୁଦ୍ଧରେ ରାମ ସିଂହଙ୍କ ନେତୃତ୍ୱରେ ଯୁଦ୍ଧ ଲଢୁଥିବା ଦୁର୍ଜୟ ମୋଗଲ ସେନାକୁ ପରାସ୍ତ କରି ଦେଇଥିଲେ। ଏହା କେବଳ ସମ୍ଭବ ହୋଇଥିଲା ପ୍ରତିକୂଳ ପରିସ୍ଥିତିକୁ ସୁଯୋଗରେ ପରିଣତ କରି ଲାଚିତଙ୍କ ନ୍ୟାୟସଙ୍ଗତ ଭାବେ ସେନାକୁ ପରିଚାଳନା କରିବାର ଦକ୍ଷତା ଦ୍ୱାରା। ନିଜ ଭୂଖଣ୍ଡକୁ ମୁକ୍ତ କରିବା ଲାଗି ସେ 'କର ବା ମର' ଲକ୍ଷ୍ୟ ନେଇ ଆଗେଇବାରୁ ବିଜୟ ସହଜସାଧ ହୋଇପାରିଥିଲା।

ଯୁଦ୍ଧରେ ଲାଚିତ ଏମିତି ରଣକୌଶଳ ଆପଣାଇଥିଲେ, ଯେଉଁଥିରେ ଲଢ଼େଇ ଭୂମିରୁନଦୀମୁହାଁ ହୋଇଥିଲା। ସମ୍ଭବତଃ ଲାଚିତ ହେଉଛନ୍ତି ବିଶ୍ୱର ଏକମାତ୍ର ସେନାଧକ୍ଷ, ଯାହାଙ୍କ ସେନା ସମୁଦ୍ରରେ ଯୁଦ୍ଧ କରିବାରେ ପାରଙ୍ଗମ ନ ଥିଲେ ମଧ୍ୟ ସେ ଏକ ସୁସଙ୍ଗଠିତ ନୌସେନା ଗଠନ କରିପାରିଥିଲେ। ଅନ୍ୟପକ୍ଷରେ ମୋଗଲମାନେ ଜଳଯୁଦ୍ଧରେ ନିପୁଣ ନ ଥିଲେ। ଲାଚିତ ବ୍ରହ୍ମପୁତ୍ରର ପ୍ରଖର ସ୍ରୋତରୁ ରକ୍ଷା ପାଇବା ଲାଗି କୌଶଳକ୍ରମେ ଗୌହାଟୀର ଦିଘାଲିପୁଖୁରିକୁ ପୋତାଶ୍ରୟ କରି ସେଥିରେ ଯୁଦ୍ଧନାବଗୁଡ଼ିକୁ ଲୁଚାଇ ରଖିଥିଲେ। ମୋଗଲଙ୍କୁ ପ୍ରତିହତ କରିବା ଲାଗି କମାଣଭର୍ତ୍ତି ଯୁଦ୍ଧନାବକୁ ସେ ସଜାଗ କରି ରଖିଥିଲେ।

ଏହିବୀରତ୍ୱ ପ୍ରଦର୍ଶନ ଲାଚିତଙ୍କୁ ଜାତୀୟ ନାୟକର ପ୍ରତୀକ ଭାବେ ଉଭା କରାଇଛି। ଭାରତର ଇତିହାସରେ ସେ ତାଙ୍କ ନାମକୁ ଖୋଦେଇ କରିଦେଇଛନ୍ତି। 'ସରାଇଘାଟ' ସଂଘର୍ଷ କେବଳ ଐତିହାସିକ ଯୁଦ୍ଧ ନ ଥିଲା, ଆସାମ ଏବଂ ଉତ୍ତର ପୂର୍ବାଞ୍ଚଳର ପରିଚୟ ଓ ସଭ୍ୟତାର ଗୌରବକୁ ଫେରାଇ ଆଣିବା ଲାଗି ମୋଗଲଙ୍କ ବିରୋଧରେ ଥିଲା ଏକ ନିର୍ଣ୍ଣାୟକ ଲଢ଼େଇ। ବିଦେଶୀ ଲୁଣ୍ଠନକାରୀଙ୍କ ବିରୋଧରେ ଯୁଦ୍ଧ ଜୟ କରିଥିବା ରାଣାପ୍ରତାପ, ଶିବାଜୀଙ୍କ ଭଳି ବୀର ଯୋଦ୍ଧାଙ୍କ କାହାଣୀରେ ଭରପୂର ଭାରତୀୟ ଇତିହାସ। ସେହି ବୀରଯୋଦ୍ଧାମାନଙ୍କ ଇତିହାସ ବ୍ରିଟିଶ୍ ଔପନିବେଶବାଦୀଙ୍କ ଶାସନ ବିରୋଧରେ ଲଢ଼ିବା ଲାଗି ଭାରତୀୟଙ୍କ ମଧ୍ୟରେ ଉନ୍ମାଦନା ଜଗାଇଥିଲା।

ଇତିହାସରୁ ଜଣାପଡ଼େ ଯେ, ସରାଇଘାଟ ଯୁଦ୍ଧ ବେଳେ ଲାଚିତଙ୍କ ସ୍ୱାସ୍ଥ୍ୟ ଏତେ କ୍ଷୀଣ ହୋଇଯାଇଥିଲା ଯେ, ତାଙ୍କୁ ଯୁଦ୍ଧକ୍ଷେତ୍ରରୁ ଯିବା ଲାଗି ପ୍ରବର୍ତ୍ତା ଯାଇଥିଲା। କିନ୍ତୁ ସେ ଅନୁଭବ କରିଥିଲେ, ତାଙ୍କ ଅନୁପସ୍ଥିତି ସେନାର ମନୋବଳକୁ ଭାଙ୍ଗିଦେବ। ସେ ସେତେବେଳେ କହିଥିଲେ, 'ଯେତେବେଳେ ମୋ ଦେଶବାସୀ ଆକ୍ରମଣକାରୀଙ୍କ ଦ୍ୱାରା କ୍ଷତାକ୍ତ ହେଉଛନ୍ତି, ମୋ ସେନା ଯୁଦ୍ଧ କରୁଛି ଏବଂ ସେମାନେ ଜୀବନକୁ ତ୍ୟାଗ କରୁଛନ୍ତି; ସେତେବେଳେ କେବଳ ଅସୁସ୍ଥତାକୁ ନେଇ କିଭଳି ବିଶ୍ରାମ ନେଇପାରିବି? ଯେତେବେଳେ ମୋ ଦେଶ ସମ୍ପୂର୍ଣ୍ଣ ବିପଦରେ ପଡ଼ିଛି, ସେତେବେଳେ ମୋ ସ୍ତ୍ରୀ ଓ ପିଲାଙ୍କ ପାଖକୁ ଫେରିଯିବି?' ଏଭଳି ଚିନ୍ତା କରୁଥିବା ବର୍ଫୁକନ ହିଁ ଦେଶମାତୃକାକୁ ଭଲ ପାଇବାକୁ ଯାଇ ମୃତ୍ୟୁ ଲଭିବାକୁ ପଛଘୁଞ୍ଚା ଦେଇ ନ ଥିଲେ।

ଭାରତମାତା ପାଇଁ ନିଃସର୍ତ୍ତ ଭଲ ପାଇପାରୁଥିବା ଲାଚିତ ବର୍ଫୁକାନଙ୍କ ଜୀବନକାହାଣୀ ମୋ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଦେଶ ପ୍ରଥମ ଏବଂ ବ୍ୟକ୍ତିଗତ ଜୀବନ ଓ ପରିବାର ତା' ପରେ। ଏଭଳି ଦର୍ଶନ ମଣିଷ ମନରେ ଅବଦମିତ ସାହସ ସୃଷ୍ଟି କରିଥାଏ।

ଆସାମ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଦୋଛକିରେ। ଦେଶରେ ଯୁବ ଜନସଂଖ୍ୟାରେ ଆମ ରାଜ୍ୟ ଅନ୍ୟତମ ସ୍ଥାନ ଅଧିକାର କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରାଇଘାଟ ଭଳି ଅନେକ ଯୁଦ୍ଧ ଲଢ଼ି ବୃହତ୍ ପରିବର୍ତ୍ତନ ଆଣିବାର ସମୟ ଆସିଛି। ମୌଳବାଦ, ଇସ୍ଲାମୀୟ ଆତଙ୍କବାଦ, ନିଶାଦ୍ରବ୍ୟର କୁପ୍ରଭାବ, ଜନସାଂଖ୍ୟିକ ପରିବର୍ତ୍ତନ, ବେଆଇନ ଅପ୍ରବାସ ଭଳି ବହୁ ଯୁଦ୍ଧ ଜିତିବାର ଅଛି। ବିଜୟ ଲାଭ କରିବା ଲାଗି ଆମେ ଅନେକ ଲାଚିତ ବର୍ଫୁକାନଙ୍କ ଆବଶ୍ୟକ କରୁଛୁ। ମୋର ଆତ୍ମବିଶ୍ୱାସ ରହିଛି ଯେ, ଏହି ପ୍ରତିଭାସମ୍ପନ୍ନ ଯୁବବର୍ଗଙ୍କଠାରୁ ସେଭଳି ଯୋଦ୍ଧା ଉତୁରି ଆସିବେ। ଭାରତର ଅନ୍ୟତମ ମହାନ୍ ସେନାଧକ୍ଷଙ୍କ ଜୟନ୍ତୀ ଉତ୍ସବ ପାଳନ କରିବା ମାଧ୍ୟମରେ ଆମେ ଆମ ଜାତୀୟତାବାଦକୁ ଉଜ୍ଜୀବିତ କରିବା ସହ ଭବିଷ୍ୟତ ବଂଶଧରଙ୍କ ମଧ୍ୟରେ ଅସୀମ ସାହସ ସୃଷ୍ଟି କରିପାରିବା ଏବଂ ତାହାହିଁ ଏକ ନୂଆ ଭାରତ ଗଢ଼ିବା ଦିଗରେ ସହାୟକ ହୋଇପାରିବ।

(ଲେଖକ ଆସାମର ମୁଖ୍ୟମନ୍ତ୍ରୀ)

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

## ବେଆଇନ କ୍ରଶର ବିରୋଧୀ ଆନ୍ଦୋଳନ ତେଜିଲା

ଢେଙ୍କାନାଳ ଅଫିସ, ୨୮।୧୧

ଜନବସତି ନିକଟରେ ଗଢ଼ି ଉଠିଥିବା ବେଆଇନ କ୍ରଶର ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ର କରିଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ ଶ୍ରୀମନ୍ତପୁର, ନୂଆ କଷ୍ଟିପାଳ, ବେଲମାଳିଆ ଗ୍ରାମବାସୀ। ଉକ୍ତ କ୍ରଶରକୁ ବନ୍ଦ କରିବା ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିଥିବାବେଳେ ସୋମବାର ଅଞ୍ଚଳବାସୀ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତବାଦ କରିଛନ୍ତି।

ଗତ ୨୩ ତାରିଖରେ ଉକ୍ତ କ୍ରଶରରୁ ଚିପ୍ସ ବୋଝେଇ କରି ଯାଉଥିବା ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଲ ଛାତ୍ର ଗୁରୁତର



ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ହୋଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ଥମି ନ ଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ରୂପ ନେଇଛି। କ୍ରଶରରେ ହେଉଥିବା ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସରକାରଙ୍କଠାରୁ ଗୁଣ୍ଡିକିଆ ପଟ୍ଟା ପାଇ ଘର କରିଥିବା ଅଞ୍ଚଳରେ କାହା ସ୍ୱାର୍ଥରେ କ୍ରଶର ପାଇଁ ଅନୁମତି ପ୍ରଦାନ କରାଗଲା, ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ କ୍ରଶର ବନ୍ଦ କରିବା, ଦୁର୍ଘଟଣାରେ ଗୁରୁତର ଛାତ୍ରଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରହ୍ଲାଦ ବେହେରା, ମଞ୍ଜୁ ଦେହୁରୀ, ପ୍ରମିଳା ପ୍ରଧାନ, କବିତା ଦେହୁରୀ, ସୁମ ପ୍ରଧାନ, ମିଳି ସାମଲ, ପ୍ରେମା ଦେହୁରୀ, ରଇବାର ସିଧୁ ପ୍ରମୁଖ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ନ ନେଲେ ୧ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଶାଳ ଜନଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ପାଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅଭିଯୋଗର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

# ଶୃଙ୍ଖଳିତ ହେବାକୁ ଆହ୍ୱାନ

ଭୁବନ,୨୮।୧୧(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ରବିବାର ଏନ୍‌ସିସି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଅଜିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତୀ କରିବା, ଶୃଙ୍ଖଳା ଜ୍ଞାନ ଶିଖାଇବାରେ ଏନ୍ଏସି ବଡ଼ ଭୂମିକା ନିଭାଇ ଆସିଛି। ଏଥିରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହୋଇଥାଆନ୍ତି। ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତରେ ସଫଳ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ।



ଏନ୍‌ସିସି ଅଫିସର ଅଧ୍ୟାପିକା ଗୀତାରାଣୀ ସାମଲ, ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ପ୍ରଭାତ ଜେନା, ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ କ୍ୟାମ୍ପସରେ ସଫେଇ କରାଯାଇଥିଲା। ସେହିପରି ମହିଳା କଲେଜର ଏନ୍‌ସିସି କ୍ୟାଡେଟ୍‌ଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବାଇକ୍ ଆରୋହୀଙ୍କୁ ସଚେତନ କରାଯାଇଥିଲା।

# ସମୀର ସଭାପତି, ବିଶ୍ୱଜିତ୍ ସମ୍ପାଦକ

ଭୁବନ, ୨୮।୧୧(ଡି.ଏନ୍.ଏ)

ଢେଙ୍କାନାଳ ଜିଲା ଭୁବନ କାଳୀବଜାର ବଣିକ ସଂଘ ପକ୍ଷରୁ ନୀଳକଣ୍ଠପୁରସ୍ଥିତ ବାଜି ରାଉତ ଉଦ୍ୟାନ ପରିସରରେ ରବିବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ସମୀର ସାହୁ, ଉପସଭାପତି ନୀଳମାଧବ ସାହୁ, କାର୍ତ୍ତିକ ସାହୁ, ସମ୍ପାଦକ ବିଶ୍ୱଜିତ୍ ବାରିକ, ସହ ସମ୍ପାଦକ ଦୀପକ ସାହୁ, କୋଷାଧକ୍ଷ ଭାବେ ପରମାନନ୍ଦ ବେହେରାଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ବେଣୁଧର ପୋଥାଳ, କ୍ଷମାଚାନ୍ଦ ଅଗ୍ରୱାଲ, ସୁବ୍ରତ ସାହୁ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ



କାଳୀବଜାର ବଣିକ ସଂଘର କର୍ମକର୍ତ୍ତାମାନେ।

ଭାଗନେଇ ବ୍ୟବସାୟୀଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବଣିକ ସଂଘର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏନ୍ଏସି ସହିତ ଆଲୋଚନା କରି ବଜାରର ସୌନ୍ଦର୍ଯ୍ୟକରଣ, ରାସ୍ତା ନିର୍ମାଣ, ଆଲୋକୀକରଣ, ପାନୀୟ ଜଳଯୋଗାଣ, ଯାତ୍ରୀ ବିଶ୍ରାମାଗର, ବାଜି ରାଉତଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ କରାଯବ ବୋଲି ନୂତନ ସଭାପତି ପ୍ରତିଶ୍ରୁତି ଦେଇଛନ୍ତି। ହିମାଂଶୁ ଶେଖର ମହାରଣା ଧନ୍ୟବାଦ ଦେଇଥିଲେ।

# ଭୋଟର ପଞ୍ଜୀକରଣ ସଚେତନତା

କାମାକ୍ଷାନଗର, ୨୮।୧୧(ଡି.ଏନ୍.ଏ.)

କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସୋମବାର ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳା କଲେଜର ଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ବଜାର ପରିକ୍ରମା କରିଥିଲା। ରାଜସ୍ୱ ଅଧିକାରୀ ମଦନ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। କଲେଜ ଅଧକ୍ଷା ବନ୍ଦିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଅଧିକାରୀ ଜେନା ଯୋଗଦେଇ ଭୋଟର



ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ସମ୍ପର୍କରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସତ୍ୟବ୍ରତ ମଲ୍ଲିକ, ସବିତା ସେଠୀ, ସ୍ନେହଲତା ସାମନ୍ତରାୟ, ମଧୁସ୍ମିତା ପ୍ରଧାନ, ଶେଷଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତ ଚିନ୍ତନରୁ ସୃଷ୍ଟି ସମସ୍ତ ଆବିଷ୍କାର

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ମହାବିଦ୍ୟାଳୟ ସଭାଗୃହରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଛାତ୍ର ଜୀବନରେ ଆଧ୍ୟାତ୍ମିକ ଶିକ୍ଷା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜାତୀୟ ମିଡିଆ ସଂଯୋଜକ ବ୍ରହ୍ମାକୁମାର ସୁଶାନ୍ତ ଯୋଗଦେଇ କହିଲେ, ବିଶ୍ୱର ସମସ୍ତ ଆବିଷ୍କାର ଓ ଉଦ୍ଭାବନ ମୁକ୍ତ ଚିନ୍ତନରୁ ସୃଷ୍ଟି ହୋଇଛି। ବୈଜ୍ଞାନିକମାନେ ନୀରବ ରହି ଏକ ଲକ୍ଷ୍ୟରେ ବିଭିନ୍ନ ଉଦ୍ଭାବନ କରିଛନ୍ତି। ଆଧ୍ୟାତ୍ମିକ ଶିକ୍ଷା ଓ ରାଜଯୋଗ ମାଧ୍ୟମରେ ଏହା ସମସ୍ତଙ୍କ ପକ୍ଷେ ସମ୍ଭବ। ସଂସ୍କାର ପରିବର୍ତ୍ତନ ହେଲେ ସଂସାର ପରିବର୍ତ୍ତନ ହୋଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି। ଫରିଦାବାଦର ମୋଟିଭେଶନାଲ ସ୍ପିକର ବ୍ରହ୍ମାକୁମାରୀ ପୁରନମ୍ କହିଲେ, ଛାତ୍ରୀଛାତ୍ରଙ୍କୁ ଆନ୍ତରିକ ଶକ୍ତି, ପରମାତ୍ମା ଚିନ୍ତନ କରିବା ଆବଶ୍ୟକ। ଦୈନିକ ନିଜ ପ୍ରତି, ପରିବାର ପ୍ରତି ଓ ସମାଜ ପ୍ରତି ଭଲ କାମ କରିବାର ଆବଶ୍ୟକତା ରହିଛି। ଏହା ସମସ୍ତେ ନିଶ୍ଚିତ କରିବା ଦରକାର ବୋଲି ସେ କହିଥିଲେ। କର୍ମଶାଳାରେ ରାଜଯୋଗ ଅଭ୍ୟାସ କରାଯାଇଥିଲା। କଲେଜର ଡ. ଜୟଶ୍ରୀ ସିଂ, ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ କର୍ମଶାଳାରେ ଯୋଗଦେଇ ରାଜଯୋଗ ମାଧ୍ୟମରେ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

# ମୃତ୍ୟୁ ପରେ ବଞ୍ଚାଇରଖେ ଅଙ୍ଗଦାନ




ଶୋଭାଯାତ୍ରାରେ କ୍ଲବ ସଦସ୍ୟାଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳ ଜିଲା ଇନରହୁଇଲ୍ କ୍ଲବର କପିଳାସ ଶାଖା ପକ୍ଷରୁ ରବିବାର ଜାତୀୟ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। କ୍ଲବ ସଦସ୍ୟାମାନେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ମିନିଷ୍ଟାଡିୟମ ଯାଏ ପରିକ୍ରମା କରି ଅଙ୍ଗଦାନର ମହତ୍ ଲକ୍ଷ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ସାମିଲ ହୋଇଥିଲେ। ଅଙ୍ଗଦାନ ମୃତ୍ୟୁ ପରେ ମଧ ବଞ୍ଚାଇ ରଖେ। ଜଣେ ବ୍ୟକ୍ତିଙ୍କ ଅଙ୍ଗଦାନରେ ଧନୀ ଓ ଦରିଦ୍ର ଉଭୟେ ଉପକୃତ ହୋଇଥାଆନ୍ତି। ଏହା ମାନବଜୀବନକୁ ସାର୍ଥକ କରିଥାଏ ବୋଲି ମତପ୍ରକାଶ ପାଇଥିଲା। କ୍ଲବ ଅଧକ୍ଷା ଦୀପ୍ତିବାଳା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ସମ୍ପାଦିକା ବିଶ୍ୱଭାରତୀ ରଥ, ପୁଷ୍ପାରାଣୀ ମିଶ୍ର, ତିଳୋତ୍ତମା ଚୌଧୁରୀ, ପ୍ରିୟତମା ମିଶ୍ର, ଅଳକାବତୀ ସାହୁ, ସୁନିତା ସାହୁ, ଅନିନ୍ଦିତା ମିଶ୍ର, ମମତା ରଥ, ପ୍ରଜ୍ଞା ନନ୍ଦ, ମମତା ମିଶ୍ର, ଇନ୍ଦିରା ଦେବତା, ପ୍ରଣତୀ ପଣ୍ଡା, ପ୍ରତିମାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ଅଙ୍ଗଦାନ ଲାଗି ଶପଥପାଠ କରିଥିଲେ।

# ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ କର

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର କହିଲେ, ସମ୍ବିଧାନ ଦିବସ ପାଳନ କରିବା ଗର୍ବ ଓ ଗୌରବର ବିଷୟ। ସମଗ୍ର ବିଶ୍ୱରେ ଭାରତୀୟ ସମ୍ବିଧାନ ଗୁରୁତ୍ୱ ରହିଛି। ଗଣତନ୍ତ୍ର ରକ୍ଷା ପାଇଁ ଏହା ପ୍ରତି ସମସ୍ତଙ୍କ ଯଥେଷ୍ଟ ସମ୍ମାନ ରହିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବିଧାନ ଦିବସ ଉପଲକ୍ଷେ ସମସ୍ତ ବ୍ଲକ, ଏନ୍ଏସି କାର୍ଯ୍ୟାଳୟରେ ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସେହିପରି ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ପ୍ରତାପରୁଦ୍ର ମହାପାତ୍ର ଯୋଗଦେଇ ସମ୍ବିଧାନ ପ୍ରଣୟନରେ ବାବାସାହେବ ଆମ୍ବେଦକରଙ୍କ ଅକ୍ଳାନ୍ତ ପରିଶ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଡ. ହରିହର ସାହୁ, ଜ୍ଞାନେନ୍ଦ୍ର ମିଶ୍ର, ଡ. ବିଭୁରଞ୍ଜନ ପଟ୍ଟନାୟକ, ଡ. ଅମରେନ୍ଦ୍ର ତାରେଣିଆ, ଅଧ୍ୟାପିକା ପ୍ରିୟଦର୍ଶିନୀ ସାମନ୍ତରାୟଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୯।୧୧(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କାଶୀନାଥପୁର ଗ୍ରାମର ମାଳବିକା ଜାନିଙ୍କୁ ସେହି ଗ୍ରାମର ରାଜକିଶୋର ନାହାକ, ପ୍ରଦୀପ ନାହାକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମାଳବିକାଙ୍କ ଏକ ଛେଳି ଗୁରୁବାରଠାରୁ କେଉଁ ଆଡ଼େ ପଳାଇଥିଲା। ଶନିବାର ଉକ୍ତ ଛେଳି ବିଲରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ମାଳବିକା ଛେଳି ସମ୍ପର୍କରେ ପଚାରିବାରୁ ରାଜକିଶୋର ଏବଂ ପ୍ରଦୀପ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ତାଳଚେର,୨୮।୧୧(ନି.ପ୍ର): ଅନୁଗୋଳ ଜିଲା ଏନ୍‌ଟିପିସିରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିବା ତାଳଚେର ବ୍ଲକ କଙ୍କିଳି ପଞ୍ଚାୟତ ସଇନାଳି ଗ୍ରାମର ଦୁଷ୍ମନ୍ତ ସାହୁଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ୨ଦିନ ପୂର୍ବେ ଦୁଷ୍ମନ୍ତ ଏକ ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଉଚିତ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ପଞ୍ଚାୟତବାସୀ ମୃତଦେହ ରଖି ବଙ୍କଧରା ଛକରେ ରାସ୍ତାରୋକୋ କରିଛନ୍ତି।

### ହତ୍ୟା ଅଭିଯୁକ୍ତ ସ୍ୱାମୀ ଗିରଫ

ବଇଣ୍ଡା,୨୮।୧୧(ଡି.ଏନ.ଏ.): କିଶୋରନଗର ଥାନା ବର୍ବତୀପାଲି ଗ୍ରାମରେ ମଙ୍ଗଳବାର ରାତିରେ ସ୍ତ୍ରୀ ଲିପି ବେହେରାଙ୍କୁ ତାଙ୍କ ସ୍ୱାମୀ ନାକିଟିଦେଉଳ ଥାନା ମାରୁଣ୍ଡାଡିମୁଣ୍ଡା ଗ୍ରାମର ଅନନ୍ତ ଦେହୁରୀ ଛୁରୀରେ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସୋମବାର କିଶୋରନଗର ପୋଲିସ ଅନନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୨୧୦/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଆମ୍ବୁଲାନ୍ସରୁ ନାଗ ଉଦ୍ଧାର



ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ କୋଶଳା ବରପଦା ଅଞ୍ଚଳରୁ ଫେରୁଥିବା ଆମ୍ବୁଲାନ୍ସ ଭିତରୁ ସୋମବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ଏକ ସାପ ଜଙ୍ଗଲ ରାସ୍ତା ପାର ହେଉଥିବା ଦେଖି ଆମ୍ବୁଲାନ୍ସ ଚାଳକ ଗାଡି ଅଟକାଇଥିଲେ। ହେଲେ ସାପଟି ରାସ୍ତା ଅତିକ୍ରମ ନ କରି ଗାଡି ଇଞ୍ଜିନ ଭିତରେ ପଶି ଯାଇଥିଲା। ଏହାଦେଖି ଚାଳକ ଓ ଅନ୍ୟମାନେ ଭୟଭୀତ ହୋଇ ଗାଡିରୁ ବାହାରି ଆସିବା ସହ ସର୍ପ ଉଦ୍ଧାରକାରୀ ପୃଥ୍ୱିରାଜ ଗଡନାୟକଙ୍କୁ ଖବର ଦେଇଥିଲେ। ପୃଥ୍ୱିରାଜ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଉପସ୍ଥିତିରେ ଅଢେଇ ଘଣ୍ଟା ପରିଶ୍ରମ କରିବା ପରେ ପ୍ରାୟ ୬ ଫୁଟ ଲମ୍ବର ନାଗ ସାପକୁ ଗାଡିରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଜଙ୍ଗଲରେ ସାପଟିକୁ ଛାଡି ଦିଆଯାଇଛି।

# ଉତ୍ସାହ ନେଇ ଆସୁଛି ଉତ୍ସବ ଋତୁ

ଅନୁଗୋଳ ଅଫିସ, ୨୮।୧୧

- ୨୦୨୩ରେ ୩୦ ବର୍ଷରେ ପାଦ ଦେବ ଅନୁଗୋଳ ଜିଲା
- ସ୍ମରଣୀୟ କରିବାକୁ ଜିଲା ପ୍ରଶାସନର ବ୍ଲୁ ପ୍ରିଣ୍ଟ
- ଡିସେମ୍ବରରୁ ଏପ୍ରିଲ ୧ ଯାଏ କମ୍ପିବ ସାରା ଜିଲା



ଆସନ୍ତା ଡିସେମ୍ବରରୁ ୨୦୨୩ ଏପ୍ରିଲ୍ ୧, ଏହି ୪ ମାସ ଉତ୍ସବମୁଖର ହେବ ଅନୁଗୋଳ। ସାହିତ୍ୟ ସମ୍ମିଳନୀଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଯାଏ ଅନେକ କିଛି ହେବ ଆୟୋଜନ। ଏଥିପାଇଁ ପ୍ରକମ୍ପିତ ହେବ ସାରା ଜିଲା। ଓଲିଉଡ୍, ବଲିଉଡ ଷ୍ଟାରଙ୍କ ନାଚ, ଗୀତରେ ଝୁମିବେ ଅନୁଗୋଳବାସୀ। ଅନୁଗୋଳ ଜିଲା ଗଠନକୁ ୨୦୨୩ ଏପ୍ରିଲ୍ ୧ରେ ୩୦ ବର୍ଷ ଛୁଉଁଥିବାରୁ ଏହାକୁ ସ୍ମରଣୀୟ କରିବାକୁ ଜିଲା ପ୍ରଶାସନ ଏପରି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏଥିରେ ସାହିତ୍ୟ, ମନୋରଞ୍ଜନ ସହ ସାମାଜିକ, କ୍ରୀଡାଭିତ୍ତିକ କାର୍ଯ୍ୟକ୍ରମକୁ ମଧ୍ୟ ସାମିଲ କରାଯାଇଛି। ୪ ମାସ ଧରି ଚାଲିବାକୁ ଥିବା ଏହି ଉତ୍ସବ ଋତୁକୁ ନେଇ ଏବେ ଜିଲାବାସୀ ଉତ୍ସାହିତ ହୋଇପଡ଼ିଛନ୍ତି।

୧୯୯୩ ଏପ୍ରିଲ୍ ୧ରେ ଅନୁଗୋଳକୁ ଜିଲା ମାନ୍ୟତା ମିଳିଥିଲା। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲା ଇତିମଧ୍ୟରେ ଢେର ଆଗକୁ ଯାଇଥିବା ବେଳେ ଆସନ୍ତା ବର୍ଷ ୩୦ ବର୍ଷରେ ପଦାର୍ପଣ କରିବ। ଜିଲା ୩୦ ବର୍ଷରେ ପାଦ ଦେବାକୁ ଯାଉଥିବାରୁ ଏହାକୁ ଧୁମଧାମରେ ପାଳନ କରିବାକୁ ଜିଲା ପ୍ରଶାସନ ୨୦୨୧ରୁ ପ୍ରସ୍ତୁତି ଆରମ୍ଭ କରିସାରିଛି। ଭିଜନ୍ ୨୩ ନାମରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସେହିପରି ଜାତୀୟ ଅନ୍ତର୍ଜାତୀୟ ସ୍ତରର ସାହିତ୍ୟିକମାନଙ୍କୁ ନେଇ ଅନୁଗୋଳରେ ୨ ଦିନିଆ ସାହିତ୍ୟ ସମ୍ମିଳନୀର ଆୟୋଜନ କରାଯିବ। ଡିସେମ୍ବର ୧୧ରେ ଜିଲା ମୁଖ୍ୟାଳୟରେ ମାରାଥନ, ୧୮ ତାରିଖରେ ସଦର ମହକୁମା ଓ ସମସ୍ତ ଉପଖଣ୍ଡରେ ରାହଗିରି କାର୍ଯ୍ୟକ୍ରମ କରାଯିବ। କବାଡି ପ୍ରତିଯୋଗିତା ସହ ରାଜ୍ୟସ୍ତରୀୟ ଟେବୁଲ ଟେନିସ୍ ମଧ୍ୟ ଆୟୋଜିତ ହେବ। ଜିଲାର ବିଭିନ୍ନ ଲୋକକଳା ଦଳ, ଓଲିଉଡ୍ କଣ୍ଠଶିଳ୍ପୀଙ୍କୁ ଆଣି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଜାନୁୟାରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ ମଧ୍ୟ ପାଳନ କରାଯିବ। ଗତ ଜିଲା ମହୋତ୍ସବ ଅନୁଗୋଳବାସୀଙ୍କୁ ଭିନ୍ନ ଅନୁଭୂତି ଦେଇଥିଲା। ବଲିଉଡ୍ କଣ୍ଠଶିଳ୍ପୀ ଷ୍ଟିବେନ୍ ବେନଙ୍କଠାରୁ ଆରମ୍ଭ କରି ସଚେତ-ପରମ୍ପରା ଯୋଡ଼ି, ଇଣ୍ଡିଆନ ଆଇଡଲ ଫେମ୍ ସନମୁଖା ପ୍ରିୟାଙ୍କ ଭଳି ତାରକାଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଗୋଳବାସୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ହେଲେ ଗତ ମହୋତ୍ସବଠାରୁ ଆଗାମୀ ମହୋତ୍ସବକୁ ଅଧିକ ରଙ୍ଗାରଙ୍ଗ ଓ ଆଡମ୍ବରପୂର୍ଣ୍ଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଜିଲା କଳାକାରଙ୍କ ଦମ୍ଭ ବଢ଼ାଇବ



କରୋନା ପାଇଁ ୨ ବର୍ଷ ହେଲା ବିଭିନ୍ନ କାର୍ଯ୍ୟକ୍ରମ ଆଡ଼ମ୍ବରରେ ହେଉ ନ ଥିଲା। ହେଲେ ଆସନ୍ତାବର୍ଷ ଜିଲା ୩୦ରେ ପାଦ ଦେବାକୁ ଯାଉଥିବାରୁ ଏହି ଉପଲକ୍ଷେ ୪ ମାସ ଧରି ଉତ୍ସବର ଆୟୋଜନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଜିଲାର ଯୁବପିଢି ଉତ୍ସାହିତ ହେବା ସହ ବଡ଼ ମଞ୍ଚ ଜିଲା କଳାକାରଙ୍କ ଦମ୍ଭ ବଢାଇବ।

-ଭାଲେଣ୍ଟିନା ଦଳବେହେରା, ଅନୁଗୋଳ

### ନିଶ୍ଚିତ ସୌଭାଗ୍ୟର କଥା



୨୦୨୩ରେ ଅନୁଗୋଳ ଜିଲା ପ୍ରଶାସନ ଉଦ୍ୟମରେ ଏକ ସର୍ବଭାରତୀୟସ୍ତରର ସାହିତ୍ୟ ସମ୍ମିଳନୀ ଆୟୋଜିତ ହେବ। ଓଡ଼ିଶା ସମେତ ଦେଶର ଅନ୍ୟ ପ୍ରାନ୍ତରୁ ବହୁ ସାହିତ୍ୟିକ ଯୋଗଦାନ କରି ସେମାନଙ୍କ ମୌଳିକ ସାହିତ୍ୟ ସୃଷ୍ଟି ଓ ଚିନ୍ତାଧାରା ବ୍ୟକ୍ତ କରିବେ। ଏହା ନିଶ୍ଚିତ ଏକ ସୌଭାଗ୍ୟର କଥା।

-ଡ. ରମାମଞ୍ଜରୀ ସାହୁ, ପ୍ରାକ୍ତନ ଇତିହାସ ପ୍ରାଧାପିକା

### ଜିଲାବାସୀଙ୍କ ଏକତାରେ ସହାୟକ ହେବ



ଅନୁଗୋଳ ଜିଲା ଗଠନର ୩୦ ବର୍ଷ ଅବସରରେ ୧ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ଜିଲାକୁ ଉତ୍ସବମୁଖର କରି ରଖିବାର ଯୋଜନା ଅତି ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମକୁ ଜିଲାର ସବୁ ପ୍ରାନ୍ତରେ ସଫଳତାର ସହ ପାଳନ କରାଗଲେ ଏହା ଜିଲାବାସୀଙ୍କ ଏକତାରେ ନିଶ୍ଚୟ ସହାୟକ ହେବ।

-ଭୂପେଶ ଚନ୍ଦ୍ର ପ୍ରଧାନ, ଜିଲା ସଂସ୍କୃତି ପରିଷଦ ସଦସ୍ୟ, ଅନୁଗୋଳ

### ଯୋଗଦେବେ ଦେଶ ବିଦେଶର ସାହିତ୍ୟିକ



ଆସନ୍ତା ମାର୍ଚ୍ଚରେ ଦେଶ ବିଦେଶର ସାହିତ୍ୟିକମାନଙ୍କୁ ନେଇ ଲିଟେରେଚର ଫେଷ୍ଟ କରାଯିବ। ଏହି ଦୁଇ ଦିନିଆ ଫେଷ୍ଟରେ ଜାତୀୟ ଓ ଆନ୍ତର୍ଜାତିକସ୍ତରର ସାହିତ୍ୟିକଙ୍କ ସହ ସ୍ଥାନୀୟ ସାହିତ୍ୟିକମାନେ ଯୋଗଦେବେ। ୩୦ଟି ଜିଲାରୁ ଗୋଟିଏ ଲେଖାଏ ଶ୍ରେଷ୍ଠ ଲୋକକଳା ଦଳକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରାଯିବ।

—ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

## ୪୭ ଅଭିଯୋଗର ଶୁଣାଣି

ଅନୁଗୋଳ ଅଫିସ, ୨୮।୧୧

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୪୭ଟି ଅଭିଯୋଗରୁ ୪୫ଟି ବ୍ୟକ୍ତିଗତ, ୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଜଣଙ୍କୁ ତିନି ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରାଜସ୍ୱ ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇତୁରା ଦିପ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ହିନ୍ଦୀ ଭାଷା ପ୍ରଚଳନର ସମୀକ୍ଷା

ବଣ୍ଡଁରପାଳ,୨୮।୧୧(ଡି.ଏନ.ଏ.)

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଅନୁଗୋଳ ଶାଖାର ୪୩ ତମ କାର୍ଯ୍ୟକାରିଣୀ ବୈଠକ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଥିବା ବିଭିନ୍ନ ସରକାରୀ ଅନୁଷ୍ଠାନ ଯଥା, ବ୍ୟାଙ୍କ, ବୀମା କମ୍ପାନୀ, ସରକାରୀ ଶିକ୍ଷା ଅନୁଷ୍ଠାନ, ଏନ୍‌ଟିପିସି ଭାରିଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ ୩୯ଟି ସରକାରୀ ଅନୁଷ୍ଠାନର ଅଧିକାରୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ବୈଠକରେ ହିନ୍ଦୀ ଭାଷାର ପ୍ରଚଳନ ଉପରେ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟାବଳୀ ପାଇଁ ଉପଦେଶ ଦିଆଯାଇଥିଲା। ଅନୁଗୋଳ ଶାଖାର ସେକ୍ରେଟାରି ତଥା ନାଲ୍‌କୋ ହିନ୍ଦୀ ଅଧିକାରୀ ପବନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନାଲ୍‌କୋ ବିଗତ ୨୩ ବର୍ଷ ଧରି ଏହି ବୈଠକରେ ଅଧ୍ୟକ୍ଷତା କରିଆସୁଛି। ଏହି ସମିତି ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟରତ ଅଛି।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସମ୍ବିଧାନର ଭୂମିକା ସମ୍ପର୍କରେ ଆଲୋଚନା

ଆଠମଲ୍ଲିକ/ମାଧପୁର, ୨୮।୧୧ (ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରବର୍ତ୍ତୀ ସମୟରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଗଗନ କୁମାର ମିଶ୍ର ସମ୍ବିଧାନର ଉପକାରିତା ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ, ଅଣଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ ବୌଦ୍ଧିକ ସଂଯୋଜନା କରିଥିଲେ। ମମିତା ଦାସ ଦୀପ ପ୍ରଜ୍ୱଳନ କରିଥିବା ବେଳେ ଆଚାର୍ଯ୍ୟା ବିଳାସିନୀ ଦେବୀ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ଆଚାର୍ଯ୍ୟ ସୁକୁମାର ମହାନ୍ତି, ଆଚାର୍ଯ୍ୟା ସବିତା ମହାକୁଡ଼ ଉପସ୍ଥିତ ଥିଲେ। ସେହିପରି ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ ଯୋଗଦେଇ ରାଷ୍ଟ୍ର ପରିଚାଳନାରେ ସମ୍ବିଧାନର ଭୂମିକା ଉପରେ ଆଲୋଚନା କରିଥିଲେ।



ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳନ କରାଯାଉଛି।

## ଜାନୁୟାରୀ ୧ରୁ ଶୀତବସ୍ତ୍ର ବଣ୍ଟନ

କଣିହାଁ,୨୮।୧୧(ଡି.ଏନ.ଏ.)

କଣିହାଁସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ ସମିତି ପକ୍ଷରୁ ଆସନ୍ତା ଜାନୁୟାରୀ ୧ରୁ ଦୃଷ୍ଟିହୀନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବ। ଏ ନେଇ ରବିବାର ସମିତି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳିନ୍ଦୀ ପ୍ରଧାନ କହିଛନ୍ତି, ଉକ୍ତ ସମିତି ୧୯୭୪ରୁ ଦୃଷ୍ଟିହୀନଙ୍କ ପାଇଁ କାର୍ଯ୍ୟ କରିଆସୁଛି। ଏଥିରେ ଶିଳ୍ପସଂସ୍ଥା, ଖଣି କର୍ତ୍ତୃପକ୍ଷ ଯୋଡ଼ି ହୋଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାର ଦୃଷ୍ଟିହୀନ, ଭିନ୍ନକ୍ଷମ, ଦିବ୍ୟାଙ୍ଗଙ୍କୁ ସମିତି ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ପୂର୍ବ ସନ୍ଧ୍ୟାରେ ସେମାନଙ୍କ ପାଇଁ ରହଣି ବ୍ୟବସ୍ଥା କରାଯିବ। ବୈଠକରେ ତାଳଚେର ମେମୋରିଆଲ ଟ୍ରଷ୍ଟ ସଭାପତି ନୃସିଂହ ବରାଳ, ଅବନୀ ସାହୁ, ଶିକ୍ଷକ ସିଦ୍ଧିପ୍ରସାଦ ସାହୁ, ରୋହିତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମିତିର ସଦସ୍ୟମାନେ।

## ଶପଥ ନେଲେ ଛାତ୍ରୀଛାତ୍ର



ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀଜିନ୍ଦଲ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ସମ୍ବିଧାନ ଦିବସ ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମିତାରାଣୀ ଖିଲାରୀ ସମ୍ବିଧାନ ଦିବସ ପାଳନର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାରତକୁ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଗଠନ କରିଥିବା ତଥା ଆଗାମୀ ପିଢ଼ି କିପରି ଦେଶର ଅଖଣ୍ଡତାକୁ ବଜାୟ ରଖିବେ ସେ ବିଷୟରେ ନିଜ ଅଭିଭାଷଣ ମାଧ୍ୟମରେ କହିଥିଲେ। ଛାତ୍ରୀଛାତ୍ରମାନେ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ କବିତା ଓ ବକ୍ତୃତା ପ୍ରଦାନ କରିବା ସହ ସମ୍ବିଧାନ ଉପରେ ଏକ ନାଟକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଯୁବପିଢ଼ିଙ୍କ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ

ବଇଣ୍ଡା, ୨୬।୧୧

କିଶୋରନଗର ବ୍ଲକ ଅଙ୍ଗପଡା କଲେଜ ପରିସରରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜ୍ଞାନେନ୍ଦ୍ର ବିଶ୍ୱାଳ, କ୍ରିଷ୍ଣାରାଣୀ ସାହୁ, ବିଜୟ ଗଡ଼ନାୟକ, ବିଷ୍ଣୁଚରଣ ପ୍ରଧାନ, କୃଷ୍ଣମୋହନ ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ସମ୍ବିଧାନ ଅନୁଯାୟୀ ଯୁବପିଢ଼ିଙ୍କ ସୁନ୍ଦର ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।



ଅଙ୍ଗପଡା କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ସମ୍ବିଧାନ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା

ଅନୁଗୋଳ ଅଫିସ, ୨୮।୧୧

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରନ୍ତଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫ୍ୟାମିଲ କୋର୍ଟ ଜଜ୍ ସଦାଶିବ ଜେନା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚିବ ଜିଲା ଆଇନସେବା ପ୍ରାଧିକରଣ ଏସ୍. ଶୁଭଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଐଶ୍ୱର୍ଯ୍ୟା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଲକ୍ଷ୍ମୀ ପଟ୍ଟନାୟକ, ସଦସ୍ୟ ଜିଲା ଆଇନସେବା ପ୍ରାଧିକରଣ ପରମାନନ୍ଦ ମିଶ୍ର, ଦିଲୀପ କୁମାର ମହାନ୍ତି, ଇନ୍ସପେକ୍ଟର ଅନୁଗୋଳ ପ୍ରୀତିମଞ୍ଜରୀ ମେଣ୍ଡୁଲି, ରନ୍ତଲେଇ ସରପଞ୍ଚ ମିନାକ୍ଷୀ ବେହେରା, ସମିତି ସଭ୍ୟା ବୀଣାପାଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସମ୍ବିଧାନ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ଶିଶୁ ଓ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରନ୍ତଲେଇ ପଞ୍ଚାୟତର ଜନସାଧାରଣ ଓ ଜିଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିୟରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଚିବ ଜିଲା ଆଇନସେବା ପ୍ରାଧିକରଣ ଏସ. ଶୁଭଲକ୍ଷ୍ମୀ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଚାରବିଭାଗୀୟ ଅଧିକାରୀମାନେ।

## ଜୋର୍ ଧରୁଛି ନୂତନ ଜିଲା ଗଠନ ଦାବି

ତାଳଚେର/ ଅନୁଗୋଳ ଅଫିସ, ୨୮।୧୧

ଅନୁଗୋଳ ଜିଲାର ତାଳଚେର ଓ ପାଲଲହଡା ଉପଖଣ୍ଡକୁ ନେଇ ସ୍ୱତନ୍ତ୍ରଭାବେ ନୂତନ ତାଳଚେର ଜିଲା ଗଠନ ଦାବି ଜୋର୍ ଧରିବାରେ ଲାଗିଛି। ତାଳଚେର ସୁରକ୍ଷା ମଞ୍ଚ, ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଉପାଧ୍ୟକ୍ଷା ଆଞ୍ଚଳ ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ତାଳଚେର, କଣିହାଁ ଓ ପାଲଲହଡା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ବିଜେଡି ମହିଳା ନାରୀନେତ୍ରୀଙ୍କ ସହ ସୁରକ୍ଷା ମଞ୍ଚ ସଭାପତି ମୁରଲୀ ସାହୁ, ନଗରପାଳ ପବିତ୍ର ଭୂତିଆ ଓ ସମସ୍ତ କାଉନସିଲର, ତାଳଚେର ବିଜୁ ଜନତା ଦଳର ସକ୍ରିୟ କର୍ମୀ ଦିଲୀପ ପ୍ରଧାନ, ଲିପୁନା ଭୁକ୍ତା, ମନୋଜ ସାହୁଙ୍କ ସମେତ ଶତାଧିକ କର୍ମୀ ସୋମବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ପ୍ରଦାନ କରିଛନ୍ତି। ସେହିପରି ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତାଳଚେର ଓ ପାଲଲହଡା ଅଞ୍ଚଳର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ତାଳଚେର ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେଶବ ଭୂତିଆ ଅଧ୍ୟକ୍ଷତା କରିଥିଲେ। ତାଳଚେରକୁ ଜିଲା ଘୋଷଣା କରା ନ ହେଲେ ଗଣଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପଦ୍ମଚରଣ ସାମଲ, ଚୈତନ୍ୟ ପ୍ରଧାନ, ଜ୍ୟୋତିରଞ୍ଜନ ଦାସ, ମନୋଜ କୁମାର ପ୍ରଧାନ, ହୃଷିକେଶ ଜେନା, ବିଭୂତି ଭୂଷଣ ପଟ୍ଟନାୟକ, ଡ. ରଶ୍ମୀରଞ୍ଜନ ମିଶ୍ର, ଦେବରଞ୍ଜନ ସାମଲ, ରଞ୍ଜିତ ମହାପାତ୍ର, ବିନୋଦ ଲାଲ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଜନପ୍ରତିନିଧି ଓ କର୍ମକର୍ତ୍ତାମାନେ।

# ଫେରିଲା ହକି ଫିଭର



ହକି ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଢେଙ୍କାନାଳ ଅଫିସ, ୨୮।୧୧

■ ୧୪ ବର୍ଷରୁ କମ୍ ଗ୍ରାସରୁଟ୍ ଲିଗ୍ ଚାମ୍ପିୟନଶିପ୍ ଆରମ୍ଭ

■ କେ.ଡି. ସିଂ ବାବୁ ଟୁର୍ନାମେଣ୍ଟ ପାଇଁ ଖେଳାଳି ଚୟନ

ଜାନୁଆରୀ ୧୩ରୁ ଆରମ୍ଭ ହେଉଛି ବିଶ୍ୱକପ୍ ହକି। ଏହି ବିଶ୍ୱସ୍ତରୀୟ ଲୋକପ୍ରିୟ କ୍ରୀଡ଼ାର ଆୟୋଜକ ଓଡ଼ିଶା ରହିଥିବାରୁ ରାଜଧାନୀରୁ ରାଉରକେଲା ଯାଏ ସବୁଠି ଏବେ ହକି ଫିଭର। ଏଥିରୁ ବାଦ୍ ପଡ଼ିନି ହକିର ଅନ୍ତୁଡ଼ିଶାଳ ଢେଙ୍କାନାଳ। ସ୍ଥାନୀୟ ଷ୍ଟାଡିୟମ୍‌ରେ ସୋମବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା ନାଭାଲ ଟାଟା ହକିର ୧୪ ବର୍ଷରୁ କମ୍ ୫-ଏ-ସାଇଡ୍ ଗ୍ରାସରୁଟ୍ ଲିଗ୍ ଚାମ୍ପିୟନଶିପ୍। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୪ଟି ସେଣ୍ଟର ଅଂଶଗ୍ରହଣ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ନେଇ ଫେବୃୟାରୀରେ ଲକ୍ଷ୍ନୌଠାରେ ହେବାକୁ ଥିବା କେ.ଡି. ସିଂ ବାବୁ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଚୟନ କରାଯିବ।

### ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି



କେ.ଡି. ସିଂ ବାବୁ ହକି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ରୀଡ଼ାବିତ୍‌ମାନେ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କୁ ଭୁବନେଶ୍ୱରରେ ଅଧିକ ତାଲିମ ଦିଆଯିବ।

-ବାବୁଲା ମହାନ୍ତି, ହକି କୋଚ୍

### ସାମିଲ ହୋଇଛନ୍ତି ୧୪ ହକି କେନ୍ଦ୍ର



ନାଭାଲ ଟାଟା ପକ୍ଷରୁ ଢେଙ୍କାନାଳରେ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୧୪ ହକି କେନ୍ଦ୍ରର ୧୪ ବର୍ଷରୁ କମ୍ ହକି ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଉନ୍ନତ ଧରଣର ପ୍ରଶିକ୍ଷଣ ଦିଆଯାଉଛି।

-ସାଇପ୍ରସାଦ ଦଳେଇ, ହକି କୋଚ୍

### ସମସ୍ତ ସହାୟତା ଯୋଗାଇ ଦିଆଯାଉଛି



ଟାଟା ନାଭାଲ୍ ପକ୍ଷରୁ ହକି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି।

-ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ

ପ୍ରତିଯୋଗିତାରେ ସୁନ୍ଦରଗଡ଼ର ୮, ଦେବଗଡ଼ର ୧, ସମ୍ବଲପୁରର ୨, ଢେଙ୍କାନାଳ, ରଣପୁର ଏବଂ ଛତ୍ରପୁରର ଗୋଟିଏ ଲେଖାଏ ଦଳ ଭାଗ ନେଇଛନ୍ତି। ୫-ଏ ସାଇଡ୍ ପ୍ରତିଯୋଗିତାରେ ପ୍ରତି ଦଳରେ ୮ ଜଣ ଲେଖାଏ ଖେଳାଳି ରହିବେ। ମ୍ୟାଚର ଉଭୟ ପଟରେ ୫ ଖେଳାଳି ଏବଂ ୩ ଅତିରିକ୍ତ ଖେଳାଳି ରହିବେ। ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ଖେଳାଳିଙ୍କୁ ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ବିଭିନ୍ନ ଜିଲାର ହକି ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଇଛି।

# ଅଭିଯୁକ୍ତା ସ୍ତ୍ରୀ, ଯବାନ ନିର୍ଦ୍ଦୋଷ

ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର ହତ୍ୟା ମାମଲା

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳର ବହୁଚର୍ଚ୍ଚିତ ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର (୪୫) ହତ୍ୟାକାଣ୍ଡ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଏହାର ବିଚାର କରି ପ୍ରମାଣ ଅଭାବରୁ ମଣ୍ଟୁଙ୍କ ସ୍ତ୍ରୀ ଅରୁଣା ପାତ୍ର (୩୬) ଏବଂ ଯବାନ ସଞ୍ଜୟ କୁମାରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ସେପ୍ଟେମ୍ବର ୩ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ମିନାବଜାର ପଟ୍ଟନାୟକ ସାହିସ୍ଥିତ ଭଡ଼ାଘରେ ମଣ୍ଟୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ସେ ଦୋକାନରୁ ଫେରି ବିଶ୍ରାମ ନେଉଥିବାବେଳେ ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ତାଙ୍କୁ କେହି ହତ୍ୟା କରିଥିଲା। ଘଟଣା ବେଳେ ଅରୁଣା ଅନ୍ୟ ଏକ ପ୍ରକୋଷ୍ଠରେ ଥିଲେ। ଟାଉନ ଥାନା ପୋଲିସ ମାମଲାର ତଦନ୍ତ କରିବା ପରେ ବହୁ ତଥ୍ୟ ପଦାକୁ ଆସିଥିଲା। ଅରୁଣା ଏବଂ ମଣ୍ଟୁଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ଅରୁଣାଙ୍କ ସହ ହରିୟାଣା ଯମୁନାନଗର ଜିଲା ବୋରିଆ ଥାନା ତେଲିପୁରା ଗ୍ରାମର ହରପାଲ ସିଂହଙ୍କ ପୁଅ ତଥା ଆଲ୍ଲାହାବାଦ-୨୪୪ ଫିଲ୍ଡ ରେଜିମେଣ୍ଟ ଯବାନ ସଞ୍ଜୟଙ୍କ ସହ ଫେସ୍‌ବୁକ୍‌ରୁ ସମ୍ପର୍କ ଗଢ଼ିଉଠିଥିଲା। ଇତିମଧ୍ୟରେ ସଞ୍ଜୟଙ୍କ ବଦଳି ଆସାମର ଡିବ୍ରୁଗଡ ଜିଲା ଦିନଜାଙ୍ଗ୍ ରେଜିମେଣ୍ଟକୁ ହୋଇଯାଇଥିଲା। ପୋଲିସ ଅରୁଣାଙ୍କୁ ସେହିବର୍ଷ ଅକ୍ଟୋବର ୪ରେ ଏବଂ ସଞ୍ଜୟଙ୍କୁ ଅକ୍ଟୋବର ୨୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ସଦର ଥାନାରେ ନଂ. ୨୪୫/୧୮, ଦଫା ୩୦୨, ୩୨୮ ଓ ୧୨୦ (ବି)ରେ ଏକ ମାମଲା ରୁଜୁ କରାଯାଇଥିଲା। ଅରୁଣା ଏବଂ ସଞ୍ଜୟଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମସମ୍ପର୍କ ହିଁ ଏହି ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କହିଥିଲା। ସଞ୍ଜୟଙ୍କୁ ରିମାଣ୍ଡରେ ଆଣି ଜେରା କରିବା ପରେ ତାଙ୍କ କହିବା ମୁତାବକ ଜଗନ୍ନାଥରୋଡ୍ ପୋଖରୀରୁ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ଜବତ କରାଯାଇଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୭୦/୧୯ ଅନୁଯାୟୀ ଏହାର ବିଚାର ଚାଲିଥିଲା। ତେବେ ପ୍ରମାଣ ଅଭାବରୁ କୋର୍ଟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅରୁଣାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ଶରଣ, ସହଯୋଗୀ ଦ୍ୱିତିକୃଷ୍ଣ ବରାଳ, ଅଶୋକ ମଲ୍ଲିକ ଏବଂ ସଞ୍ଜୟଙ୍କ ପରିବାର ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଟ୍ଟନାୟକ, ସହଯୋଗୀ ନିରୁପମା ମାଝି ମାମଲା ପରିଚାଳନା କରିଥିଲେ। ମଣ୍ଟୁ ଏବଂ ଅରୁଣାଙ୍କ ଦୁଇ ପୁତ୍ର ସନ୍ତାନ ଅଛନ୍ତି। ଅନ୍ୟପଟେ ଏହି ରାୟ ପ୍ରକାଶ ପାଇବା ପରେ ସହରରେ ଭିନ୍ନ ମତ ପ୍ରକାଶ ପାଇଛି। ପୋଲିସ ତଦନ୍ତ ରିପୋର୍ଟ ପ୍ରଦାନରେ ଅବହେଳା ପ୍ରଦର୍ଶନ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ହକ୍ ମାଗିଲେ ପାଚିକା

ଢେଙ୍କାନାଳ ଅଫିସ, ୨୮।୧୧: ଢେଙ୍କାନାଳ ସହର ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଏକ ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୩୦ରେ ବିଧାନସଭା ସମ୍ମୁଖରେ ପାଚିକାଙ୍କୁ ଶ୍ରମିକ କର୍ମଚାରୀ ମାନ୍ୟତା, ୨୭ ମାସର ଏରିୟର, ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା, ଚଳିତବର୍ଷ ଖରା ଛୁଟିରେ କାମ କରିଥିବା ଦୃଷ୍ଟିରୁ ୨ମାସର ମଜୁରି ପ୍ରଦାନ, ବର୍ଷକୁ ଦୁଇଖଣ୍ଡ ଶାଢ଼ି ପ୍ରଦାନ ଆଦି ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ରଞ୍ଜିତା ସାହୁ, ରଶ୍ମିତା ଦେହୁରୀ, ଗୀତା ବାରିକ, ରୀନା ରାଉତ, ଦୀପାଞ୍ଜଳି ବେହେରା, ସସ୍ମିତା ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅମିନଙ୍କୁ ମିଳୁନି ନ୍ୟାୟ

ଢେଙ୍କାନାଳ ଅଫିସ,୨୮।୧୧: ଢେଙ୍କାନାଳ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଜିଲା ଅମିନ ସଂଘ ସଭାପତି ରାକେଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ବାବୁଗଡ଼ ପ୍ରଧାନ ୫ ଦଫା ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ଅମିନମାନେ ନ୍ୟାୟ ଦାବିରୁ ବଞ୍ଚିତ ହୋଇ ରହିଛନ୍ତି। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୧ରୁ ୧୦ ତାରିଖ ଯାଏ ଅମିନ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିବେ। ୧୧ ତାରିଖରେ ଲୋକସେବା ଭବନରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦୀନେଶ ସାହୁ, ଦାଶରଥି ସାହୁ, ରାକେଶ ସେଠୀ, ରାକେଶ ପଣ୍ଡା, ମୁକ୍ତେଶ୍ୱର ବେହେରା, ଶୁଭଶ୍ରୀ ରାଉତ, ଅମ୍ବର ଦାସ, ତସନିନ୍ ବାବୁ ବେଗମ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସମ୍ବିଧାନ ସମ୍ପର୍କରେ ଆଲୋଚନା

ସାତମାଇଲ, ୨୮।୧୧(ଡି.ଏନ୍.ଏ.): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଇତିହାସ ବିଭାଗ ମୁଖ୍ୟ ବିମଳ ପ୍ରଧାନ ଯୋଗଦେଇ ଭାରତୀୟ ସମ୍ବିଧାନ ପ୍ରଣୟନର ଇତିହାସ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅଧାପକ ବାଲାସିୟସ ଟପୋ ସମ୍ବିଧାନର ମୁଖବନ୍ଧ ପାଠକରି ଦେଶ ଗଠନରେ ବ୍ରତୀ ହେବାପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଭାରତର ସମ୍ବିଧାନକୁ ଗଭୀର ଅନୁଶୀଳନ କରି ଶୃଙ୍ଖଳିତ ଭାବେ ଜୀବନକୁ ପରିଚାଳିତ କରିବାପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀ ସନ୍ତୋଷୀ ପରିଡ଼ା, ଛାତ୍ର ସୁଧାଂଶୁ ଶେଖର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ଅଧ୍ୟାପିକା ପି.ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ଅଭିଯୁକ୍ତ କୋର୍ଟ ଚାଲାଣ

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

ସାତମାଇଲ, ୨୮।୧୧(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ବାଲିମୀ ଥାନା କୁକୁଟା-ଚିତ୍ତଲପୁର ରାସ୍ତାର ଯାତ୍ରାପଡ଼ିଆ ନିକଟରୁ ଗତ ୨୫ ତାରିଖ ଅପରାହ୍ନରେ ଖଜୁରିଆକଟାସ୍ଥିତ ଭାରତ ଫାଇନାନ୍ସ ଶାଖାର କଲେକ୍ସନ ଏଜେଣ୍ଟ ବିଶ୍ୱଜିତ ବାରିକଙ୍କଠାରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ଅଟକ ୫ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଇରାବାହାଲିର ପ୍ରଶାନ୍ତ ନାଏକ, ଅସରଡ଼ାର ଜିତୁ ନାଏକ, ବିରିପୁଟର ରାହାସ ନାଏକ, ନୂଆପାଟଣାର ବିକାଶ ନାଏକ (ଟୁକୁ), ସମୀର ନାଏକ (ଠେଙ୍ଗୁ)। ସେମାନଙ୍କ ନିକଟରୁ ନଗଦ ୩୦,୫୦୦ ଟଙ୍କା, ୪ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪, ଓଡ଼ି ୦୬ ଏଲ୍ ୩୬୧୮, ଓଡ଼ି ୦୫ ଏକ୍ସ୍ୟୁ ୪୧୫୨, ଓଡ଼ି ୦୬ କେ ୧୨୯୩), ୩ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ରାସୋଳ ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ବିଶ୍ୱଜିତ୍ ବିଭିନ୍ନ ଗ୍ରୁପ୍‌ଠାରୁ ୯୭, ୫୦୦ ଟଙ୍କା ସଂଗ୍ରହ କରି ଖଜୁରିଆକଟା ଶାଖାକୁ ଫେରୁଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ସମ୍ପୃକ୍ତ ୭ଜଣ ମାରଣାସ୍ତ୍ରରେ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ଢେଙ୍କାନାଳ ଏସ୍‌ପି ଏଲ୍. ଦିବ୍ୟା ଭି.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୋଳ ଏସ୍‌ଡିପିଓ ଦୀପକ ଜେନା, ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରାସୋଳ ଥାନାଧିକାରୀ ବିଜୟ ହାଇବ୍ରୁ ପ୍ରମୁଖ ଚଢ଼ାଉ କରି ୫ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା।


ପୋଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ।

# ମାନବିକତାର ଅବକ୍ଷୟ ଚିନ୍ତାଜନକ

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳ ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ପକ୍ଷରୁ 'ଆମ ଐତିହ୍ୟ ଆମ ସଂସ୍କୃତି' ଶୀର୍ଷକ ୨୫ତମ ଇ-ପାଠଚକ୍ର ସଂସଦର ଉପସଭାପତି ଅଧ୍ୟାପକ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ତାପସ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଓଡ଼ିଆ ସମାଜ ଓ ସଂସ୍କୃତି: କାଲି ଓ ଆଜି' ଶୀର୍ଷକ ଉପରେ ଆଲୋଚନା କରି କହିଲେ, ମଣିଷ ମଧ୍ୟରେ ମାନବିକତାର ଅବକ୍ଷୟ ଚିନ୍ତାଜନକ। ଦୟା, ପ୍ରେମ, କ୍ଷମା, କରୁଣା ଭଳି ସୁଗୁଣ ଦ୍ୱାରା ଏହାର ସଂରକ୍ଷଣ କରାଯାଇପାରିବ। ଜିଲା କାର୍ଯ୍ୟକାରିଣୀ ମୋ ଗାଁ ସଦସ୍ୟା ଦୀପ୍ତିମୟୀ ଲେଙ୍କା, ରଶ୍ମିତା ରାଉତ, ଶିକ୍ଷୟିତ୍ରୀ ଯାମିନୀ ହୋତା, ଶିକ୍ଷକ ନିରଞ୍ଜନ ସାହୁ, ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ଆଲୋଚନାରେ ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, ଡ. ସୁସନ୍ଧ୍ୟା ମହାନ୍ତି, ବିନୟ ସାମଲ, ସଦାନନ୍ଦ ରାଉତ, ପ୍ରଭାତ ନଳିନୀ ଦାସ, ଅଧ୍ୟାପକ ଦେବରାଜ ବେହେରା, ବିପିନ ବିହାରୀ ଶତପଥୀ, ନିରଞ୍ଜନ ସାହୁ, ମଧ୍ୟ ସମ୍ଭାଗ ସମ୍ପାଦକ ରବୀନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଖଙ୍କିରା ସ୍ୱାସ୍ଥ୍ୟକେନ୍ଦ୍ରରେ ନରୱେ ରାଷ୍ଟ୍ରଦୂତ

ଢେଙ୍କାନାଳ ଅଫିସ, ୨୮।୧୧



ଖଙ୍କିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ନରୱେ ରାଷ୍ଟ୍ରଦୂତଙ୍କ ସମେତ ଅନ୍ୟମାନେ।

ନରୱେ ରାଷ୍ଟ୍ରଦୂତ ହାନ୍ସ ଜାକବ୍ ଫ୍ରିଡେନ୍‌ଲଣ୍ଡ ସୋମବାର ଗଁଦିଆ ବ୍ଲକର 'ନ୍ୟୁ ଇଣ୍ଡିଆ' ପରିଚାଳିତ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବେଣାଝର ଗ୍ରାମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଭାରତ ସରକାର ଓ ନରୱେ ସରକାରଙ୍କ ମଧ୍ୟରେ ନରୱେ-ଇଣ୍ଡିଆ ପାର୍ଟନରଶିପ୍ ଇନିସିଏଟିଭ୍ (ନିପି) ନାମକ ଏକ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକ୍ଷମ ହେଉଛି। ଏହା ମାତୃ, ନବଜାତ ଶିଶୁ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟ କରୁଛି। ଏହିକ୍ରମରେ ନରୱେ ରାଷ୍ଟ୍ରଦୂତ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ବେଣାଝର ଗ୍ରାମକୁ ଯାଇ ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ସମ୍ପର୍କରେ ପଚାରି ବୁଝିଥିଲେ। ବେଣାଝର ଗ୍ରାମରେ ନବଜାତ ଶିଶୁଙ୍କ ମା'ଙ୍କ ସହିତ ଆଲୋଚନା କରି କଙ୍ଗାରୁ ମାତୃଯତ୍ନ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପୂର୍ବରୁ ନବଜାତକର ପ୍ରାଥମିକ ଚିକିତ୍ସା ବିଷୟରେ ମାର୍ଗଦର୍ଶନ କରାଇଥିଲେ।

କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଓଡ଼ିଶା ମିଶନ ଅଧ୍ୟକ୍ଷା ଡା. ବୃନ୍ଦା ଡି., ଜିଲାପାଳ ସରୋଜ ସେଠୀ, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ନ୍ୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

ନରୱେ ରାଷ୍ଟ୍ରଦୂତଙ୍କ ସହିତ ଏମ୍. ଏମ୍. ଷ୍ଟ୍ରାଣ୍ଡ, ରୟାଲ ନରୱାନ ଏମ୍ବାସି ଜୋହାନ ବ୍ରେଜକେମ୍, ନୂଆଦିଲ୍ଲୀସ୍ଥିତ ନିପି ନିର୍ଦ୍ଦେଶକ ଡ. ଅସଫାକ୍ ଅହମ୍ମଦ ଭଟ୍ଟ, ସିନିୟର ଆଡଭାଇଜର ଡା. ବିବେକ ଯାଦବ, ସିନିୟର ପ୍ରୋଗ୍ରାମର ଡା. ଆଶିଷ ଶ୍ରୀବାସ୍ତବ, ସ୍ୱାସ୍ଥ୍ୟ ମିଶନ କନସଲଟାଣ୍ଟ ଡା. ଆଦିତ୍ୟ ମହାପାତ୍ର, ଅଞ୍ଜୁ ବେହେରା, ସନ୍ତୋଷ ନାୟକ, ଦୀପକ ବିଶ୍ୱାଳ, ହୀରାଲାଲ ନାୟକ ପ୍ରମୁଖ ପରିଦର୍ଶନ କରିଥିଲେ।

# 'ଗୀତା' ସମ୍ପର୍କିତ ଆଲୋଚନା

ଢେଙ୍କାନାଳ ଅଫିସ, ୨୮।୧୧



ଢେଙ୍କାନାଳ କଲେଜ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ଶିବାନନ୍ଦ ଆଶ୍ରମର ସନ୍ଥ ସ୍ୱାମୀ ଦେବଭୁକ୍ତାନନ୍ଦ ସରସ୍ୱତୀ ଯୋଗଦେଇ, ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ଗୀତାର ଭୂମିକା ରହିଛି ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀ ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ। ଅଧ୍ୟାପକ ଜିତେନ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡ. ନିର୍ମଳ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ। ସ୍ୱାମିଜୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦିଗମ୍ବରପୁର ଚାମ୍ପିୟନ

ଢେଙ୍କାନାଳ ଅଫିସ, ୨୮।୧୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ମିନି ଷ୍ଟାଡିୟମ୍‌ରେ ବାବା ବୁଢାଦିଅଁ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରମୋଦ ସିଂ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗଁଦିଆ କ୍ରିକେଟ୍ କ୍ଲବକୁ ହରାଇ ଦିଗମ୍ବରପୁର କ୍ରିକେଟ୍ କ୍ଲବ ଚାମ୍ପିୟନ୍ ହୋଇଛି। ଦିଗମ୍ବରପୁରର ୧୪୪ ରନ୍ ଜବାବରେ ଗଁଦିଆ ୧୩୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦୀନେଶ ଆଏଚ୍ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍', ବିଶ୍ୱଜିତ୍ ନାୟକ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ଜଗଜିତ୍ ବାରିକ, ପ୍ରତାପ ରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଯୁବ ବିଜେଡି ନେତା ଜ୍ଞାନରଞ୍ଜନ ସିଂ, ସାମାଜିକ କର୍ମୀ ପ୍ରକାଶ ପଣ୍ଡା, ନଟବର ଓଝା, ପୀତବାସ ବାରିକ, କେଶବ ଚନ୍ଦ୍ର ବାରିକ, ଶେଷଦେବ ପାଗଡ଼, ଲମ୍ବୋଦର ନାଥ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ସତୀଶ ଦାସ, ସମ୍ପାଦକ କଲ୍ୟାଣୀ ଭାରତୀ ପରିଚାଳନା କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦିଗମ୍ବରପୁର ଦଳ।

# ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୂର୍ଯ୍ୟାଲୋକ ଫାଉଣ୍ଡେଶନର ୪ର୍ଥ ବାର୍ଷିକୋତ୍ସବ

ଢେଙ୍କାନାଳ ଅଫିସ, ୨୮।୧୧


ଅତିଥିମାନେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରୁଛନ୍ତି।

ଢେଙ୍କାନାଳର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେଶନର ୪ର୍ଥ ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ ମହୋତ୍ସବ ପୁରୁଣା ଜିଲା ପରିଷଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଭୟ ସାହୁ, ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଝୋଟି, ମେହେନ୍ଦି, ହୁଳହୁଳି, କୌତୁକ ବେଶ, ଗୀତ, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଶିଶୁଙ୍କ ଚରିତ୍ର ଗଠନରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମାଜିକ ପ୍ରତିବଦ୍ଧତା ଏବଂ ସାଂସ୍କୃତିକ ଜାଗରଣରେ ଫାଉଣ୍ଡେଶନର କାର୍ଯ୍ୟ ପ୍ରଶଂସନୀୟ। ମୁଖ୍ୟବକ୍ତା ଭାବେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ସମ୍ମାନିତ ଅତିଥି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସମ୍ପାଦକ ପ୍ରଦୀପ ସାହୁ, ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଗ୍ଲୋବାଲ୍ ସର୍ଭିସେସ୍‌ର ଅଧ୍ୟକ୍ଷ ସଞ୍ଜୀବ କୁମାର ମିଶ୍ର, ଗଣମାଧ୍ୟମ ପ୍ରତିନିଧି ମନିଲ୍ କୁମାର ମହାରଣା, ସାମାଜିକ କର୍ମୀ ବିଭୂତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର, ପ୍ରଶାସନିକ ଅଧିକାରୀ ସାରଦା ପ୍ରସାଦ ଷଡ଼ଙ୍ଗୀ, ବିଜ୍ଞାନ ମହାନ୍ତି, ରାମେଶ୍ୱରୀ ପଟ୍ଟନାୟକ, ତିଳୋତ୍ତମା ଚୌଧୁରୀ, ଅନିନ୍ଦିତା ମିଶ୍ର, ଶକ୍ତିପ୍ରସାଦ ହରିଚନ୍ଦନ, ସୁଚିତ୍ର ବେହେରା, ସୌମ୍ୟବ୍ରତ ସାହୁ, ମମତା ମହାନ୍ତ, ଡାର୍ଲିଂ ଡାଲ୍‌ଟନ୍, ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ନାୟକ, ଇନ୍ଦ୍ରଜିତ୍ ସାହୁ, କାହ୍ନୁ ମହାରଣା ପ୍ରମୁଖ ସହଯୋଗ କରିଥିଲେ।



# ସାହସୀ ଶ୍ରଦ୍ଧା

**ମୁମ୍ବାଇ:** ଶ୍ରଦ୍ଧା କପୁର ଖୁବ୍‌ଶିଘ୍ର ନିଜ ଆଗାମୀ ପ୍ରୋଜେକ୍ଟ କାମ ଆରମ୍ଭ କରିବାକୁ ଯାଉଛନ୍ତି। ସେ କରିଥିବା ସବୁ ଫିଲ୍ମ ଆପେକ୍ଷା ଏହି ଫିଲ୍ମର କାହାଣୀ ସାଙ୍ଗକୁ ଶ୍ରଦ୍ଧା ଏକ ଭିନ୍ନ ଚରିତ୍ରରେ ନଜରକୁ ଆସିବେ। ଜମ୍ମୁ କଶ୍ମୀରର ସାହସୀ ଝିଅ ରୁଖସାର କେଉସରଙ୍କ ଭୂମିକାରେ ବଲିଉଡ୍ ନାୟିକା ଅଭିନୟ କରିବେ। ୨୦୦୯ ସେପ୍ଟେମ୍ବରରେ ଜମ୍ମୁ-କଶ୍ମୀରରେ ଲକ୍ସର-ଇ-ତୋଇବାର ଆତଙ୍କବାଦୀଙ୍କୁ ମାରିଥିବା ରୁଖସାର କଉସରଙ୍କ ଭୂମିକାରେ ନଜରକୁ ଆସିବେ ଶ୍ରଦ୍ଧା। କେତେଜଣ ଆତଙ୍କବାଦୀ ରୁଖସାରଙ୍କ ଘରେ ଲୁଚିବା ପାଇଁ ଆଶ୍ରୟ ଖୋଜୁଥିବାବେଳେ ରୁଖସାର ଏବଂ ତାଙ୍କ ଭାଇ ମିଶି ଆତଙ୍କବାଦୀଙ୍କୁ ସେମାନଙ୍କ ଗୁଳିରେ ହତ୍ୟା କରିଥିଲେ। ରୁଖସାରଙ୍କ ଚରିତ୍ର ପାଇଁ କମ୍ ବୟସ୍କ ଦେଖାଯାଉଥିବା ଜଣେ ନାୟିକାଙ୍କ ଆବଶ୍ୟକତା ଥିବାବେଳେ ଏଥିଲାଗି ଶ୍ରଦ୍ଧା ପୁରା ଫିଟ୍ ବୋଲି କୁହାଯାଉଛି। ତେବେ ଏହି ଫିଲ୍ମ ଟାଇଟଲ ବର୍ତ୍ତମାନ ସୁଦ୍ଧା ଫାଇନାଲ ହୋଇନାହିଁ। ନିକଟରେ ରିଲିଜ୍ ହୋଇଥିବା 'ଭେଡିଆ'ରେ ଶ୍ରଦ୍ଧା କମିଓ ରୋଲ୍ କରିଥିବାବେଳେ ଆଗକୁ ଅମର କୌଶିକଙ୍କ ଫିଲ୍ମ 'ସ୍ତ୍ରୀ ୨'ରେ ଶ୍ରଦ୍ଧା ଅଭିନୟ କରିବେ।

# ମଶା କାମୁଡ଼ିବାରୁ ୩୦ ସର୍ଜରି





**ବର୍ଲିନ:** ମଶା କାମୁଡ଼ିଲେ ଡେଙ୍ଗୁ, ମ୍ୟାଲେରିଆ କିମ୍ବା ଜ୍ୱର ହେବାର ଆଶଙ୍କା ରହିଛି, ଯାହାର କାରଣ ମଶାଙ୍କଠାରେ ଥିବା ସ୍ୱତନ୍ତ୍ର ପ୍ରକାର ପାରାସାଇଟ୍। କିନ୍ତୁ ମଶା କାମୁଡ଼ିବାରୁ ଅସ୍ତ୍ରୋପଚାର କରାଯିବା କିମ୍ବା ବ୍ୟକ୍ତି କୋମାକୁ ଚାଲିଯିବା କଥା ପଢ଼ିଲାବେଳକୁ ଯେତିକି ବିଚିତ୍ର ଲାଗୁଛି ସେତିକି ଆଶ୍ଚର୍ଯ୍ୟପୂର୍ଣ୍ଣ ମଧ୍ୟ। ଏଭଳି ବିରଳ ଘଟଣା ଜର୍ମାନରେ ଦେଖିବାକୁ ମିଳିଛି। ମଶା କାମୁଡ଼ିବାରୁ ରୋଇଡେରମାର୍କର ସେବାଷ୍ଟିଆନ ରୋଟଷ୍ଟକେଙ୍କୁ ୪ ସପ୍ତାହ କୋମାରେ ରହିବା ସହ ୩୦ଟି ସର୍ଜରି କରିବାକୁ ପଡ଼ିଛି।

୨୭ ବର୍ଷୀୟ ସେବାଷ୍ଟିଆନ୍‌ଙ୍କୁ ଏସିଆନ୍ ଟାଇଗର ମଶା ଗତବର୍ଷ ମେ'ରେ କାମୁଡ଼ିଥିଲା। ମଶା କାମୁଡ଼ିବାର ଦିନକ ପରେ ସେବାଷ୍ଟିଆନ୍‌ଙ୍କୁ ଜ୍ୱର ହୋଇଥିଲା। ଏହାପରେ ତାଙ୍କ ପାଦ ଅଚଳ ହୋଇଗଲା, ଫଳରେ ଅସ୍ତ୍ରୋପଚାର ଦ୍ୱାରା ସେବାଷ୍ଟିଆନଙ୍କ ଦୁଇ ପାଦ ଡାକ୍ତରଙ୍କୁ କାଟିବାକୁ ପଡ଼ିଥିଲା। ସର୍ଜରି ପରେ ସେବାଷ୍ଟିଆନଙ୍କୁ ୪ ସପ୍ତାହ କୋମାରେ ରହିବାକୁ ପଡ଼ିଲା। ରକ୍ତରେ ବିଷକ୍ରିୟା କାରଣରୁ ତାଙ୍କ ଯକୃତ, ବୃକକ୍, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ମଝିରେ ମଝିରେ କାମ କରିବା ବନ୍ଦ କରିଦେଉଥିଲା। ଏହାପରେ ସେବାଷ୍ଟିଆନଙ୍କ ଜଙ୍ଘର ସ୍କିନ୍‌ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ମାଲିଗନାଣ୍ଟ ବ୍ୟାକ୍ଟେରିଆ ତାଙ୍କ ବାମ ଜଙ୍ଘର ଟିସୁକୁ ଖାଇପକାଇଥିବାବେଳେ ସେବାଷ୍ଟିଆନ୍‌ଙ୍କ ବଞ୍ଚିବାର ଆଶା କ୍ଷୀଣ ହୋଇଯାଇଥିଲା।

ଘରେ ଥିବାବେଳେ ହିଁ ଏସିଆନ୍ ଟାଇଗର ମଶା ତାଙ୍କୁ କାମୁଡ଼ିଥିବା ସେବାଷ୍ଟିଆନ କହିଛନ୍ତି। ଏହା ତାଙ୍କୁ ଶଯ୍ୟାଶାୟୀ କରିଦେଇଥିବାବେଳେ ବଞ୍ଚିବାଲାଗି ତାଙ୍କର ସବୁ ଆଶା ମଉଳି ଯାଇଥିଲା। ଆରୋଗ୍ୟ ହେବା ଲାଗି ତାଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହିବାକୁ ପଡ଼ିଥିଲା। ଘଟଣାକୁ ବର୍ଷକରୁ ଅଧିକ ସମୟ ହୋଇଯାଇଥିବାବେଳେ ସେବାଷ୍ଟିଆନ୍ ଏ ପର୍ଯ୍ୟନ୍ତ ଅଫିସରୁ ଅସୁସ୍ଥତା କାରଣରୁ ଛୁଟିରେ ଅଛନ୍ତି। ଏସିଆନ୍ ଟାଇଗର ମଶା ଫରେଷ୍ଟ ମସ୍କ୍ୟୁଟୋ ଭାବେ ମଧ୍ୟ ଜଣାଯାଏ। ଏହି ମଶା ବିଶେଷ କରି ଦିନ ସମୟରେ କାମୁଡ଼ିଥାଏ। ଡେଙ୍ଗୁ, ଚିକୁନ୍‌ଗୁନିଆ ଭଳି ବହୁ ରୋଗ ଏହି ମଶା କାମୁଡ଼ିବା କାରଣରୁ ହୋଇଥାଏ।

# ଗାଇଡ୍‌ଙ୍କ ପ୍ରେମରେ ବିଦେଶିନୀ



**ବେଙ୍ଗାଲୁରୁ:** କର୍ନାଟକର ବାସିନ୍ଦା ଅନନ୍ତରାଜୁ ନିକଟରେ (ନଭେମ୍ବର ୨୫) ହମ୍ପିର ବିରୁପାକ୍ଷ ମନ୍ଦିରରେ ବେଲ୍‌ଜିୟମ୍‌ର ଝିଅଙ୍କୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଛନ୍ତି। ରିପୋର୍ଟ ଅନୁସାରେ, ଅନନ୍ତରାଜୁ ଅଟୋ ଚଲାଇବା ସହ ଟୁରିଷ୍ଟ ଗାଇଡ କାର୍ଯ୍ୟ କରନ୍ତି। ତେବେ ବେଲ୍‌ଜିୟମ୍‌ର କେମିଲି ତାଙ୍କ ପରିବାର ସହ ୨୦୧୯ରେ କର୍ନାଟକର ହମ୍ପି ବୁଲିବାକୁ ଆସିଥିଲେ। ସେଠାରେ ତାଙ୍କର ଅନନ୍ତରାଜୁଙ୍କ ସହ ଦେଖା ହୋଇଥିଲା। ଅନନ୍ତରାଜୁ ଟୁରିଷ୍ଟ ଗାଇଡ୍ ଭାବେ ସେମାନଙ୍କୁ ହମ୍ପି ବୁଲାଇବା ସହ ରହିବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହି ସମୟରେ ଅନନ୍ତରାଜୁଙ୍କ ମଣିଷପଣିଆ କେମିଲିଙ୍କୁ ପସନ୍ଦ ଆସିଥିଲା। କେମିଲି ନିଜ ଦେଶକୁ ଫେରିବା ପରେ ସୋସିଆଲ ମିଡିଆ ମାଧ୍ୟମରେ ସେ ଅନନ୍ତରାଜୁଙ୍କ ସହ କଥାବାର୍ତ୍ତା ଜାରି ରଖିଥିଲେ। ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲ। ଉଭୟଙ୍କ ପରିବାରରେ ଏହି କଥା ଜଣାଇବା ପରେ ଦୁହିଁଙ୍କ ପରିବାର ବିବାହ ପାଇଁ ହଁ ଭରିଥିଲେ।

# ଚର୍ଚ୍ଚାରେ ସମଲିଙ୍ଗୀଙ୍କ ଫଟୋଶୁଟ୍

**ଥିରୁଭାନନ୍ତପୁରମ୍:** ନିକଟରେ ସୋସିଆଲ ମିଡିଆରେ ଏକ ସମଲିଙ୍ଗୀ କପୁଲଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ଫଟୋରେ ଦୁହେଁ ବିବାହ ଫଟୋଶୁଟ୍ କରୁଥିବା ନଜରକୁ ଆସିଛନ୍ତି। ରିପୋର୍ଟ ମୁତାବକ, ଉଭୟ ଫାତିମା ନୁରା ଏବଂ ଅଦିଲା ନସ୍‌ରିନ୍ କେରଳର ବାସିନ୍ଦା। ଅଦିଲା ୟୁକ୍ତ ୨ ପଢିବା ସମୟରେ ଫାତମାଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ। ସେତେବେଳେ ଦୁହେଁ ସାଉଦି ଆରବରେ ପଢୁଥିଲେ। ପରେ ଉଭୟ ଭାରତ ଆସି ତାଙ୍କ ଡିଗ୍ରୀ ପାଠପଢା ଶେଷ କରିଥିଲେ। କରୋନା ମହାମାରୀ ଯୋଗୁ ଫାତିମା ପରିବାର ସହ ସାଉଦି ଆରବ ପଳାଇଯାଇଥିଲେ। ସେଠାରେ ଘର ଲୋକଙ୍କୁ ତାଙ୍କ ପ୍ରେମ କାହାଣୀ ବିଷୟରେ ଜଣା ପଡିଥିଲା। ଦୁହିଁଙ୍କ ପରିବାରରେ ସେମାନଙ୍କ ପ୍ରେମ ସମ୍ପର୍କକୁ ଗ୍ରହଣ ନ କରିବାରୁ ସେମାନେ ଶାରୀରିକ ଓ ମାନସିକ ଭାବରେ ଅତ୍ୟାଚିରାତ ହେଉଥିଲେ। ତାଙ୍କ ଘର ଲୋକ ସେମାନଙ୍କ ବିବାହ ପାଇଁ ପୁଅ ଖୋଜିବା ଆରମ୍ଭ କରିଦେଇଥିଲେ। ତେବେ ସେମାନଙ୍କ ପାଠପଢା ସରିବା ବେଳକୁ ଉଭୟଙ୍କୁ ଚେନ୍ନାଇରେ ଚାକିରି ମିଳିଯାଇଥିଲା। ସେମାନେ ସେଠାରେ ଏକାଠି ରହିବାକୁ ନିଷ୍ପତ୍ତି ନେଇଥିଲେ, ହେଲେ ତାଙ୍କ ପରିବାର ଲୋକଙ୍କୁ ଏହା ପସନ୍ଦ ନ ଥିଲା। ଦୁହେଁ ଚଳିତ ବର୍ଷ ମେ ୧୯ରେ ଘର ଛାଡି ଅନ୍ୟ ଏକ ଜାଗାରେ ଆଶ୍ରୟ ନେଇଥିଲେ।


## ODISHA LIFT IRRIGATION CORPORATION LIMITED
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KARANJIA, MAYURBHANJ**
E-mail:olickja@yahoo.com, Telephone No: 06796 296048

### e - Procurement Notice
**BID ID No.17 EELID (KJA/2022-23) Date:25.11.2022**

**No.CAD-3902:** The Executive Engineer, Lift Irrigation Division, Karanjia, invites tender on behalf of M.D. OLIC LTD., BBSR through e-procurement in the shape of percentage rate bids in online mode for the works: Revival of 21 Nos. L.I. Projects from Karanjia, Jashipur, Raruan & Sukruli Block under State Plan 2022-23 on Turnkey basis in Mayurbhanj District. The work is to be completed Within 90 days as described in the DTCN, from the "D & C" and "C'& B" class license holding Contractors as specified below, having valid H.T. Electrical License issued by E.L.B.O. & Valid Civil License registered within the State issued by PWD / PHED / RWSS / Irrigation / M.I. Deptt. / Rural works with similar experience of OLIC works. In case the Contractor has either only HT License or Civil License then he may go for a joint venture with the other one. In the event of joint venture SC/ST bidders should belong to both (Civil & HT) SC/ST category only. (As per instructions of Dept. Authorities) The scanned copy of the joint venture agreement and both license holders experience certificate should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

| Procurement Officer | Bid Identification No./Date | Project Cost in Lakhs | Availability of Tender on online for bidding | | Date & Time of Opening of Tender |
|---|---|---|---|---|---|
| | | | Date & time of Publishing | Date & time of closing | |
| Executive Engineer, L.I. Division, Karanjia | 17/25.11.2022 | 14.00 lakhs to 27.00 lakhs | 29.11.2022 10.00 AM | 09.12.2022 5.00 PM | 12.12.2022 At 11 AM |

The details are available in the Government Tender Website i.e. www.tendersodisha.gov.in any other related documents are available in the DTCN for bidding.

**Sd./- Executive Engineer, L.I.Division, Karanjia**
OIPR-32283/11/0003/2223

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-3906 OSIC GST No. 21AAACO2101M1Z1

### TENDER CALL NOTICE
Tender Notice No.5109/RE/OSIC Dt.25.11.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of two nos. of works i.e. **"Execution and installation of Intercom Telecom System and Supply, fitting & fixing of UPVC Windows and Doors in the newly constructed Poura Bhaban under Barbil Municipality"** and **"Supply, installation and commissioning of weighbridge at SWC Borigumma under Odisha State Warehousing Corporation, Bhubaneswar"**. Tender details can be downloaded from the OSIC website **www.osicltd.in** Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
OIPR-14073/11/0121/2223 **GENERAL MANAGER(O)**

## idco ODISHA NEW OPPORTUNITIES CAD-3897
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No.H.O./P&C/EST-E-1835/03/2022 30521 Dated 23.11.2022

**NOTICE INVITING TENDER THROUGH e-Procurement**

**Name of the Work:** Construction of SFRC Precast Compound Wall around 34.75 Hector land of Industrial Estate Titiberu (MSME Park), at Malkangiri, Dist-Malkangiri.
Estimated Cost: Rs.274.00 lakh (approx.)
Period of Completion : 04 (Four) Calendar Months.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, Idco Tower, Bhubaneswar | Bid Id No.PC/ EST/E-110/ 2022-23 | 17.00 Hours of 30.11.2022 | 17.00 Hours of 15.12.2022 |

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement Portal www.tenderorissa.gov.in and IDCO Website www.idco.in.

**Sd./- Chief General Manager (P&C) IDCO, Bhubaneswar**
OIPR-14003/11/0207/2223

## idco ODISHA NEW OPPORTUNITIES CAD-3894
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No.H.O./P&C/EST-E-2060/01/2022 30078 Dated 21.11.2022

**NOTICE INVITING TENDER THROUGH e-Procurement**

**Name of the Work:** Providing first and last mile connectivity of 1.08 km long 1-Lane approach road to 2-Lane with drain from NH-220 (Ch.0/00 Km) to End of MSME Park near Rairangpur Govt. College (Ch.1/080 Km) at Mayurbhanj District in Odisha for bridging connectivity gap.
Estimated Cost: Rs.120.39 lakhs (approx.)
Period of Completion: 03 (Three) Calendar Months
Pre-Bid Meeting is to be conducted on 16.12.2022 at 3.30 PM.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, Idco Tower, Bhubaneswar | Bid Id No.P&C/ EST/E-105/ 2022-23 | 17.00 Hours of 02.12.2022 | 17.00 Hours of 19.12.2022 |

**Further details can be seen from the e-Procurement Portal www.Tendersorissa.gov.in** and Corrigendum if any will not be published in news papers and can only be seen in the e-Procurement Portal **www.tenderorissa.gov.in and IDCO Website www.idco.in.**

**Sd./- Chief General Manager (P&C) IDCO, Bhubaneswar**
OIPR-14003/11/0204/2223

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-3905 OSIC GST No. 21AAACO2101M1Z1

### TENDER CALL NOTICE
Tender Notice No.5124/OSIC/MKT Dt.28.11.2022

**The OSIC Ltd., Cuttack invites sealed offers from the experienced Distributors/Dealers/Authorized Vendors of any Branded Company having valid GST registration and PAN for procurement for Supply of Medical Equipment and Laboratory Instruments to the Ravenshaw University Dispensary, Cuttack. The list of the items along with terms and conditions of supply is available in the website of OSIC i.e.www.osicltd.in . Any corrigendum/changes/modifications will appear in OSIC Ltd. website only and the responsibility lies with the bidders to download the same before last date of submission of bids. Authority reserves the right to accept or reject any of all tenders without assigning any reasons there of or the tendering process may be cancelled in toto.**

OIPR-14073/11/0120/2223 **Sd/-GENERAL MANAGER(O)**

## GOVERNMENT OF ODISHA
**OFFICE OF THE SUPERINTENDING ENGINEER, RAIRANGPUR (R&B) DIVISION**
No.B-891
**INVITATION FOR BIDS (IFB)**
**Corrigendum to Bid Identification No.S.E 35 of 2022-23**
**No.9460, Dt.25.11.22**

The Following changes are made to the works invited vide this office Bid Identification No. SE 35 of 2022-23 vide No.9123 dt.14.11.2022.
1. The Excluding GST may be read as (CGST 9% & OGST 9%)
2. The cost of tender paper for Sl.No. 3 may be read as Rs.10,000.00 instead of Rs.6,000.00.

All other terms and conditions remain unaltered.

**Sd./- Superintending Engineer Rairangpur (R&B) Division**
OIPR-34041/11/0018/2223

## OFFICE OF PANCHAYAT SAMITI SAHARPADA, KEONJHAR
No.i-147: **BID IDENTIFICATION No: TCN No - 02/Saharpada/ 2022-23**
**No.4118/DEV/Dt.25.11.2022**

1. The Block Development Officer, Saharpada, Keonjhar invites sealed Percentage Rate tenders in single cover system on behalf of Governor of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/ MI/CPWD for the following works eventually to be drawn up in the P.W.D P-I Agreement form in conformity with the Detailed Tender Call Notice.
.2 The tender papers(including Tender Call Notice, Approved Tender Schedule & DTCN) will be available in the official website http//:www.kendujhar.nic.in from Dt 29-11-2022 to 15-12-2022 upto 5.00PM and can be downloaded from the website.
3. Bids shall be received by this Agency up to 5.00 PM on date 17-12-2022 through Registered Post/ Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
4. The Bid will be opened on Dt 19-12-2022 at 11.00 A.M. in the office of the undersigned in the presence of the members of the District Level Tender/ Purchase Committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

**Sd./- Block Development Officer, Saharpada**
OIPR-19120/11/0003/2223

## DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL
**UNIT-III, KHARVELA NAGAR, BHUBANESWAR-751001**
No.2369 Date:25.11.22

### TENDER CALL NOTICE
**No.E-673:** Sealed tenders are invited from authorized registered Dealers/ Suppliers/firms for supply of 100 ml Glass bottles, Ropp Cap, Self-sealing caps, Inner dropping corks, Paper cartons, Multi coloured self-adhesive labels, Crude drugs , Back Potencies and HDPE Drums to Mini Pharmacy of Dr. A. C. Homoeopathic Medical College and Hospital, Bhubaneswar for the year 2022-23. The details of specifications of items and their terms and conditions for supply can be obtained from the office of the undersigned w.e.f. **28.11.2022** on payment of **Rs.525/- (Rupees five hundred Twenty Five)** only, which is non-refundable, either in cash or Demand Draft from any Nationalized Bank drawn in favour of the **Principal-cum- Superintendent, Dr. A.C.Homoeopathic Medical College and Hospital, Bhubaneswar** payable at S.B.I., Govt. Treasury Branch, Bhubaneswar during office hours 4P.M up to **19-12-2022** ). Interested bidders may download the tender book available at the college website **www.drachmch.nic.in** and submit tender accompanying the demand draft for **Rs.525/-** towards the cost of tender book. The last date of submission of tender papers **19-12-2022 up to 5.00 P.M** in the office of the undersigned. The tender papers will be opened on **20-12-2022 at 11.30 A.M**. The authorized agents of the bidders may remain present during that time. The tender received after due date shall not be entertained on any circumstance. The authority reserves every right to accept or reject any or all tenders without assigning any reason thereof. In the event of the last date for submission of tender being declare as a holiday by the Government, the due date of submission and opening of tender will be the next working day following the scheduled day for submission and opening of tender.

**Sd./-Principal-cum-Superintendent**
OIPR-10030/11/0004/2223

## OFFICE OF THE SUPERINTENDING ENGINEER JHARSUGUDA (R&B) DIVISION
**E-mail ID: eepwdjsg2014@gmail.com, Telephone: 06645-271242**
**Kalimandir Road, Jharsuguda, 768202**
**No.4812//Dt.24.11.22**

**1st Corrigendum to e- Procurement Notice**
**BID No- EE R&B- JSG-19 of 2022-23**

**No.B-893:** The e- Procurement Notice BID No- EE R&B- JSG-19 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is hereby extended from **10.00 A.M. 30.11.2022 to 17.00 Hrs12.12.2022** and critical date hereby modified as **10.00 A.M 25.11.2022 to 17.00 Hours 05.12.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at **11.30 A.M.** on **Dt.13.12.2022** in place of **Dt. 06.12.2022.**
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

**Sd./- Superintending Engineer Jharsuguda (R&B) Division**
OIPR-34094/11/0020/2223

## FORM NO. 14
**[See Regulation 33(2)]**
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack - 753014

**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

RC/47/2019 11-10-2022

**AXIS BANK**
**Versus**
**MR. TAPAS CHANDRA PRADHAN AND OTHERS**

To
**(CD-1) Mr. Tapas Chandra Pradhan,** S/o.: Mohan Chandra Pradhan, At: House No.: 3, Rashmi Garden, Patia, Bhubaneswar-751024
**(CD-2) Mohan Chandra Pradhan,** At: House No.: 3, Rashmi Garden, Patia, Bhubaneswar- 751024

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/329/2014** an amount of **Rs.24,91,258.00 (Rupees Twenty Four Lakhs Ninety One Thousands Two Hundred Fifty Eight Only)** along with pendentellite and future interest @ 10% Simple Interest Yearly w.e.f. 24/03/2014 till realization and costs of **Rs.27,000 (Rupees Twenty Seven Thousands Only)** has become due against you (Jointly and severally/ Fully/ Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **09/02/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: 11/10/2022

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୫ମ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ଫଳରେ ଶେୟାର ବଜାରର ନିବେଶକମାନେ କିଛି ପରିମାଣରେ ନିବେଶ ବୃଦ୍ଧି କରିପାରିଛନ୍ତି। ସୋମବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୧୧ (୨୧୧.୧୬) ପଏଣ୍ଟ ବଢ଼ି ୬୨,୫୦୫ (୬୨,୫୦୪.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୫୦ (୫୦.୦୦) ପଏଣ୍ଟ ବୃଦ୍ଧି ଘଟି ୧୮,୫୬୩ (୧୮,୫୬୨.୭୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୦୨୩ ଶେଷ ସୁଦ୍ଧା ସେନସେକ୍ସ ୮୦,୦୦୦ଅଙ୍କ ଛୁଇଁବ



ନୂଆଦିଲ୍ଲୀ,୨୮।୧୧

ଭାରତୀୟ ସେୟାର ବଜାରର କାରବାର ଓ ନିବେଶ ଆସନ୍ତା ବର୍ଷ ପ୍ରାୟ ୩୦% ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ଏପରିକି ଚଳିତ ବର୍ଷ ଠାରୁ ଆସନ୍ତା ବର୍ଷର ନିବେଶ ମଧ୍ୟ ବୃଦ୍ଧି ଘଟିବ ବୋଲି ବ୍ରୋକରେଜ ହାଉସ ମୋର୍ଗନ ଷ୍ଟେନଲୀ ପକ୍ଷରୁ କୁହାଯାଇଛି। କାରଣ କ୍ରମାଗତ ଭାବେ ଷ୍ଟକ ମାର୍କେଟ୍‌ର ଫଳାଫଳ ଉଭୟ ସେନସେକ୍ସ ଏବଂ ନିଫ୍ଟି ଭଲ ରହିବା ସାଙ୍ଗକୁ ରେକର୍ଡସ୍ତରରେ ପହଞ୍ଚିଛି। ଏପରିକି ଶେୟାର ବଜାରର ନିବେଶକମାନେ ମଧ୍ୟ ଭଲ ଲାଭ ପାଉଥିବା ମୋର୍ଗନ ଷ୍ଟେନଲୀ ପକ୍ଷରୁ ଉଲ୍ଲେଖ କରାଯାଇଛି। ସେହିଭଳି ଭାରତୀୟ ସେୟାର ବଜାର କ୍ରମାଗତ ୪ର୍ଥ ବର୍ଷ ପାଇଁ ଭଲ ନିବେଶ ଦେଖିବାକୁ ମିଳିପାରେ ବୋଲି ମୋର୍ଗନ ଷ୍ଟେନଲୀ ପକ୍ଷରୁ କୁହାଯାଇଛି। ବିଏସଇ ସେନସେକ୍ସ ୨୦୨୩ ଶେଷ ସୁଦ୍ଧା ୮୦,୦୦୦ ଅଙ୍କରେ ପହଞ୍ଚିବ ବୋଲି ମୋର୍ଗନ ଷ୍ଟେନଲୀ ଆକଳନ କରିଛି, ସୂଚନା ଅନୁଯାୟୀ ଯଦି ଭାରତକୁ ଗ୍ଲୋବାଲ ବଣ୍ଡ ସୂଚକାଙ୍କରେ ସାମିଲ କରାଯାଏ। ତେବେ ଆସନ୍ତା ୧୨ମାସ ମଧ୍ୟରେ ପ୍ରାୟ ୨୦ବିଲିୟନ ଡଲାର ଭାରତରେ ନିବେଶ ହୋଇପାରେ ବୋଲି ଆଶା କରାଯାଉଛି। ସେହିପରି ମାର୍ଗନ ଷ୍ଟେନଲୀ ୨୦୨୨ ରେ ମଧ୍ୟ ଭାରତ ସେଥିରେ ସାମିଲ ହେବା ନେଇ ମଧ୍ୟ ଆଶା ବ୍ୟକ୍ତ କରିଥିଲେ କିନ୍ତୁ ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ କଟକଣା ଲାଗି ତାହା ହୋଇପାରିନଥିଲା। ଏପରିକି ସଂସ୍ଥାର ରିପୋର୍ଟ ଅନୁସାରେ ସେଥିରେ ଆହୁରି ବିଳମ୍ବ ଘଟିପାରେ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ବଣ୍ଡ ସେଟଲମେଣ୍ଟର ନିୟମ ଏବଂ ଟ୍ୟାକ୍ସ ଜଟିଳତା ପରି ପ୍ରସଙ୍ଗର ସମାଧାନକୁ ଗୁରୁତ୍ୱର ସହ ନେବା ଏବଂ ପ୍ରଥମେ ସେ ସବୁର ସମାଧାନ ଜରୁରୀ ବୋଲି ମୋର୍ଗନ ମତ ପ୍ରକାଶ କରିଛି। ମୋର୍ଗନ ଷ୍ଟେନଲୀଙ୍କ ସୂଚନା ଅନୁସାରେ ତୈଳ ଏବଂ ସାର ମୂଲ୍ୟରେ ହ୍ରାସ ସାଙ୍ଗକୁ ୨୦୨୨-୨୫ ସୁଦ୍ଧା ବାର୍ଷିକ ୨୫% ହାରରେ ଅର୍ନିଂ ଗ୍ରୋଥ ଯଦି ହୁଏ ତେବେ ସେନସେକ୍ସ ୮୦,୦୦୦ ଅଙ୍କ ଛୁଇଁବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ମାର୍ଗନ ଷ୍ଟେନଲୀଙ୍କ ରିର୍ପୋଟ ଅନୁସାରେ ଯଦି ସେନସେକ୍ସର ବେସ କେସ ଟାର୍ଗେଟ ୬୮,୫୦୦ ଅଙ୍କରେ ରହିବ କିନ୍ତୁ ଏହାର ବିପରୀତରେ ଯଦି ଯାଏ ତେବେ ସେନସେକ୍ସ ୫୨,୦୦୦ ଯାଏ ଖସିପାରେ କିନ୍ତୁ ଏହାର ସମ୍ଭାବନା ମାତ୍ର ୨୦% ରହିଛି।

# ‘ପ୍ରଦର୍ଶିତ ହେବ ଉତ୍ପାଦନର ଜଟିଳ ପ୍ରକ୍ରିୟା’





ଭୁବନେଶ୍ୱର,୨୮।୧୧

ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଚଳିତ ବର୍ଷର ମେକ ଇନ ଓଡିଶା କନକ୍ଲେଭରେ ସାମିଲ ହେଉଛି। ଏପରିକି ୩୦ ନଭେମ୍ବରରୁ ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ଓଡ଼ିଶବାସୀଙ୍କୁ କମ୍ପାନୀ ତା’ର ମେକ ଇନ ଓଡିଶା ଷ୍ଟଲ ପରିଦର୍ଶନ କରିବାକୁ ଆମନ୍ତ୍ରଣ କରୁଛି। ବିଶେଷ କରି ଉକ୍ତ ସମାରୋହରେ ବେଦାନ୍ତ ଷ୍ଟଲ ପରିଦର୍ଶକଙ୍କୁ ଏକ ରୋମାଞ୍ଚକ ଓ ଇମରସିଭ ବ୍ରାଣ୍ଡ ଅଭିଜ୍ଞତା ପ୍ରଦାନ କରିବ ବୋଲି ଜଣାପଡିଛି। ଅତୀତର କଳା ପ୍ରତିପୋଷଣଠାରୁ ଆରମ୍ଭ କରି ଭବିଷ୍ୟତର ଧାତୁରେ ବିନିଯୋଗ ପର୍ଯ୍ୟନ୍ତ ବିଷୟ ବସ୍ତୁ ସହ ଷ୍ଟଲ ହାଉସ ଭିଆର କେନ୍ଦ୍ରର କାରିଗର ଫଟୋଗ୍ରାଫ ଓ ଅନ୍ୟାନ୍ୟ ବସ୍ତୁ ନିଶ୍ଚିତ ଭାବେ ବିଭିନ୍ନ ବର୍ଗର ଲୋକମାନଙ୍କୁ ଆକର୍ଷିତ କରିବ। ସେହିଭଳି ସବୁ ବର୍ଗର ଲୋକଙ୍କ ପାଇଁ ଏକ ଆକର୍ଷଣୀୟ ମଣ୍ଡପ ସହ ସ୍ମରଣୀୟ ଅନୁଭୂତି ମିଳିପାରିବ। କଂପାନି ମଧ୍ୟ ବହୁ ଅଗ୍ରଣୀ ବିଦ୍ୟାଳୟ ଓ କଲେଜକୁ ବିଶେଷ ନିମନ୍ତ୍ରଣ କରିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ବିଗତ ୨ ବର୍ଷ ପରେ ମେକ ଇନ ଓଡିଶା ଅନୁଷ୍ଠିତ ହେଉଥିବାରୁ ଆମେ ବେଶ ଆନନ୍ଦିତ। ଆମେ ଓଡ଼ିଶାର ଲୋକ, ଆମର ଗ୍ରାହକ, ଅଂଶୀଦାର ଓ ସମସ୍ତ ଶୁଭେଚ୍ଛୁମାନଙ୍କୁ ଆମର ଷ୍ଟଲ ପରିଦର୍ଶନ କରିବାକୁ ସାଦର ଆମନ୍ତ୍ରଣ କରୁଛୁ। ବିଶେଷ କରି ଓଡିଶାର ଜୀବନ୍ତ ସଂସ୍କୃତି, ଆଲୁମିନିୟମ ଉତ୍ପାଦନର ଜଟିଳ ପ୍ରକ୍ରିୟା ଓ ମେକ ଇନ ଇଣ୍ଡିଆର ଲକ୍ଷ୍ୟ ପୂରଣ ଦିଗରେ ଆମେ ବିଶ୍ୱରେ କୀର୍ତି ସ୍ଥାପନ କରିବାକୁ ଆଶାୟୀ ରହିଛୁ। ଏପରିକି ଉକ୍ତ ସମାରୋହରେ କମ୍ପାନିର ଏକ ପ୍ରମୁଖ ଘୋଷଣା ରହିଛି, ଯାହା ଭାରତୀୟ ଆଲୁମିନିୟମ ଉଦ୍ୟୋଗ ପାଇଁ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରିବ ବୋଲି କଂପାନି ପ୍ରତିଶ୍ରୁତି ଦେଇଛି।

# ଗୁଣାତ୍ମକ ସେବା ଯୋଗାଇବ ଏସଆରଏଲ

ଭୁବନେଶ୍ୱର,୨୮।୧୧

ଦେଶର ପ୍ରମୁଖ ନିଦାନ ସେବା ପ୍ରଦାନକାରୀ ସଂସ୍ଥା ଏସ୍ଆରଏଲ ଡାଇଗ୍ନୋଷ୍ଟିକ୍ସର ଆଉ ଏକ ନୂତନ ଲାବରେଟରି ଉଦ୍‌ଘାଟିତ ହୋଇଯାଇଛି। ଏପରିକି ସମ୍ବଲପୁରର ବାଲାଜି ମିଡ୍ ଟାଉନ ଡେହେରୀପାଲିଠାରେ ଉକ୍ତ ଲ୍ୟାବର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏଠାରେ ସାଧାରଣ ପରୀକ୍ଷାଠାରୁ ଆରମ୍ଭ କରି ୨୦,୦୦୦ ସରଳ ପରୀକ୍ଷା ଓ କେତେକ ବିଶେଷ ପରୀକ୍ଷାର କ୍ଷମତା ରହିଛି। ସେହିଭଳି ଗୁଣାତ୍ମକ ନିଦାନ ସେବା ପାଇଁ ବଢୁଥିବା ଚାହିଦା ଦୃଷ୍ଟିରୁ ଏସ୍ଆରଏଲ ଓଡ଼ିଶାରେ ଅତିରିକ୍ତ ଲାବରେଟରି ଆରମ୍ଭ କରି ତା’ର କ୍ଷମତା ବୃଦ୍ଧି କରିଛି। ସମ୍ବଲପୁରର ଲୋକମାନେ ବର୍ତ୍ତମାନ ଏସ୍ଆରଏଲ୍‌ର ବିସ୍ତୃତ ପରୀକ୍ଷା ମେନୁରେ ୩,୫୦୦ରୁ ଅଧିକ ପରୀକ୍ଷଣ ଓ ବିଭିନ୍ନ ସୁପରିଚାଳିତ ପ୍ରତିଷେଧକ ପ୍ୟାକେଜ ପାଇପାରିବେ। ଏ ସମ୍ପର୍କରେ ଏସ୍ଆରଏଲ ଡାଇଗ୍ନୋଷ୍ଟିକର ସିଇଓ ଆନନ୍ଦ କେ. କହିଛନ୍ତି, ଦେଶର ସବୁଠାରୁ ବଡ଼ ଡାଇଗ୍ନୋଷ୍ଟିକ ଚେନ ଭାବେ ସମ୍ବଲପୁର ଭଳି ସହରରେ ଏହି ସେବା ଆଣିବା ଆମର ସୌଭାଗ୍ୟ। ସଂସ୍ଥାର ଭୁବନେଶ୍ୱରଠାରେ ଥିବା ଏସ୍ଆରଏଲ ଡାଇଗ୍ନୋଷ୍ଟିକ ହେଉଛି ଏକ ଏନ୍ଏବିଏଲ ସ୍ୱୀକୃତିପ୍ରାପ୍ତ ଲ୍ୟାବ୍, ଯାହାକୁ ସମ୍ବଲପୁରରେ ପୂର୍ଣ୍ଣ କରାଯାଇପାରିବ। ଅପରପକ୍ଷରେ ୧୨୦୦ ବର୍ଗଫୁଟ ସ୍ଥାନରେ ପରିବ୍ୟାପ୍ତ ଏହି ଲ୍ୟାବ୍‌ରେ ବିଭିନ୍ନ ବିଭାଗ ଯଥା ହେମାଟୋଲୋଜି, ବାୟୋକେମେଷ୍ଟ୍ରି, କ୍ଲିନିକାଲ ପାଥୋଲୋଜି, ସେରୋଲୋଜି ଇତ୍ୟାଦି ରହିଛି। ଏହି ନୂତନ ଲାବରେଟରି ସହ ଏସ୍ଆରଏଲରେ ବର୍ତ୍ତମାନ ଓଡ଼ିଶାରେ ୨ଟି ଲ୍ୟାବ୍ ଏବଂ ୫୦ଟି ସଂଗ୍ରହ କେନ୍ଦ୍ରର ନେଟ୍‌ୱର୍କ ରହିଛି। ଏସ୍ଆରଏଲ ଡାଇଗ୍ନୋଷ୍ଟିକ୍ ଏହାର ନେଟ୍‌ୱର୍କରେ ରୋଗୀ, ଡାକ୍ତର ଏବଂ ଡାକ୍ତରଖାନା ପାଇଁ ପ୍ରଥମ ପସନ୍ଦର ଲାବରେଟରିର ହେବାକୁ ଚେଷ୍ଟା କରୁଛି। ଏହି ଲାବ୍ ସମ୍ବଲପୁରର ଜନସାଧାରଣ ତଥା ବୁର୍ଲା, ବରଗଡ଼, ଝାରସୁଗୁଡ଼ା, ବରପାଲି, ବଲାଙ୍ଗିର, ବ୍ରଜରାଜନଗର ଓ ରାଉରକେଲା ଲୋକମାନଙ୍କ ପାଇଁ ସେବା ଯୋଗାଇବ।

**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

# ଆଇଓବି ସ୍ଥାନାନ୍ତରିତ ଶାଖା ଉଦଘାଟିତ



ଭୁବନେଶ୍ୱର,୨୮।୧୧

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି) ର ସ୍ଥାନାନ୍ତରିତ ଶାଖା ନିକଟରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନିଷ କୁମାର ଏବଂ ଶାଖା ପ୍ରବନ୍ଧକ ରଜତ କୁମାର ମହାପାତ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଆଓବିର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ବ୍ୟାଙ୍କର ଚର୍ଚ୍ଚରୋଡ୍ ଶାଖା ନିକଟରେ ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଟେଲିଫୋନ୍ ଭବନ ପରିସରକୁ ସ୍ଥାନାନ୍ତରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସ୍ଥାନାନ୍ତରିତ ଶାଖାର ଆନୁଷ୍ଠାନିକ ଉଦଘାଟନୀ ମଧ୍ୟ ହୋଇଯାଇଛି। ଅପରପକ୍ଷରେ ବ୍ୟାଙ୍କର ଚର୍ଚ୍ଚ ରୋଡ୍ ଶାଖାର ଗ୍ରାହକମାନେ ସ୍ଥାନାନ୍ତରିତ ହୋଇଥିବା ନୂତନ ଶାଖାରୁ ସମସ୍ତ ପ୍ରକାରର ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ବିଏମ୍‌ସିରେ ଅନ୍‌କୋସର୍ଜ-୨୨ ଲାଇଭ କର୍ମଶାଳା

ଭୁବନେଶ୍ୱର,୨୮।୧୧



ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି) ଭାରତର ଏକ ଉନ୍ନତ କର୍କଟ ଚିକିତ୍ସାଳୟ ଭାବେ ସୁନାମ ଅର୍ଜନ କରିଛି। ଏପରିକି ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲ ଦ୍ୱାରା ବିଏମ୍‌ସିରେ ଆୟୋଜିତ ୧୮ତମ ବାର୍ଷିକ ଲାଇଭ୍ ସର୍ଜିକାଲ୍ ଅନ୍‌କୋଲୋଜି କର୍ମଶାଳା ‘ଅନ୍‌କୋସର୍ଜ-୨୨’ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୩ ଦିନ ଧରି ଉକ୍ତ ଲାଇଭ୍ କର୍ମଶାଳା ଆୟୋଜିତ ହୋଇଯାଇଛି। ସେହିଭଳି ଉକ୍ତ କର୍ମଶାଳାରେ ମୁଣ୍ଡ, ବେକ, ୟୁରୋ-ଅନୋଲୋଜି, ସ୍ତନ ଏବଂ ଗାଇନେକ୍-ଅଙ୍କୋଲୋଜି, ଥୋରାସିକ୍ ଏବଂ ଏଚ୍‌ପିବି, ସଫ୍ଟ ଟିସୁ ସାର୍କୋମା ଏବଂ କଲୋରେକ୍ଟାଲ୍ କର୍କଟ ଏବଂ ପୁନଃ ନିର୍ମାଣକାରୀ ଅସ୍ତ୍ରୋପଚାର ଅନ୍ତର୍ଭୁକ୍ତ କରାଯାଇଥିଲା। ସେହିପରି ଟାଟା ମେମୋରିଆଲ ହସ୍ପିଟାଲରୁ କର୍କଟରେ ବିଶିଷ୍ଟ ଜାତୀୟ ଅଧ୍ୟାପକଙ୍କ ବିଭିନ୍ନ ସର୍ଜିକାଲ୍ କୌଶଳ ସମ୍ପର୍କରେ ଅବଗତ ହେବା ପାଇଁ ରାୟପୁରର ବହୁ ବିଶିଷ୍ଟ ଅଙ୍କୋଲୋଜିଷ୍ଟ ଏବଂ ସର୍ଜନମାନେ ମଧ୍ୟ ଉକ୍ତ କର୍ମଶାଳାରେ ଯୋଗଦେଇଥିଲେ। ଅପରପକ୍ଷରେ ପ୍ରଥମ ଦିନରେ ସ୍ତନ ସଂରକ୍ଷଣ ସର୍ଜରି ଏବଂ ସ୍ତନ ଅଙ୍କୋପ୍ଲାଷ୍ଟି, ସଫ୍ଟ ଟିସୁ ସାର୍କୋମା ଏବଂ ଓପନ ରେଡିକାଲ୍ ହାଇଷ୍ଟେରେକ୍ଟୋମିକୁ ନେଇ ଉକ୍ତ ଲାଇଭ୍ ଅପରେଟିଭ୍ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସେହିଭଳି ୨ୟ ଦିନରେ ହେଡ୍ ଏବଂ ନେକ୍ ସର୍ଜରି ଉପରେ କର୍ମଶାଳା ଆୟୋଜିତ ହୋଇଥିଲା ଏବଂ ୩ୟ ଦିନରେ ପାକସ୍ଥଳୀ ସର୍ଜରି ସମ୍ପର୍କିତ ଲାପାରୋସ୍କୋପିକ୍ ଡି୨ ଗ୍ୟାଷ୍ଟ୍ରେକ୍ଟୋମି ଏବଂ ରୋବୋଟିକ୍ ପାନ୍‌କ୍ରିଏଟିକୋଡୋଡେନେକ୍ଟୋମି, ଲାପାରୋସ୍କୋପିକ୍ କଲେକ୍ଟୋମି ଏବଂ ଲାପାରୋସ୍କୋପିକ୍ ମୋଟ ମେସୋରେକ୍ଟାଲ୍ ଏକ୍ସାଇଜନ୍ ଉପରେ କର୍ମଶାଳା ଆୟୋଜିତ ହୋଇଥିଲା।

**Classified Everyday**
0674-2580101, 2549949



REAL ESTATE
SALE

Gharabari, Yellowzone, Electric, Boundary, Ready to Construction Plot At Pahala 200mtr. from NH16, Bhingarpur, Atala, Balianta, Panchabati, DPS Adhalia, BDA Approved 3BHK Duplex at Patia-Raghunathpur, BMC approved 3BHK duplex at Pahala-9337086655, 9438419823. D-73358

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1 K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ ( Sqft.-370/699) ରେ ମିଳୁଛି। 9658891108, 8114994259. D-2054

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158





Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Relax, Refresh your body, Mind at Saikrupa Spa with best therapies. 8984068077. D-2048

Newly open SPA positively health benefits expert therapist, Jagamara. 7849011931. D-73664

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Newly open Spa positively health benefit with expert. Contact: 7749976301. D-73899

TO LET

3BHK Pool facing premium semifurnished flat Trident Galaxy, Kalinga Nagar, Bhubaneswar for rent. 9348867589. D-71548

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରମେଶ ଚନ୍ଦ୍ର ନାୟକ
(ବିଜ୍ଞାନ ଶିକ୍ଷକ, ସାରସ୍ୱତ ବିଦ୍ୟାପୀଠ, ବୀରତୁଙ୍ଗ)
ଗ୍ରାମ: ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ: ୧୨।୦୧।୧୯୬୪
ତିରୋଧାନ: ୦୬।୧୨।୨୦୧୬
ଚାହୁଁ ଚାହୁଁ ୬ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ। ଆଜିର ଏହି ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୩୩୫୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତଅପୋଇ ସାହୁ
ଶ୍ରୀରାମ ନଗର, ନିମାପଡ଼ା, ପୁରୀ
ଆବିର୍ଭାବ: ୦୩।୦୨।୧୯୬୮
ତିରୋଧାନ: ୦୯।୧୨।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ମାଆ, ଚାହୁଁ ଚାହୁଁ ଏକବର୍ଷ ହେଲା ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ତୁମର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମେ ଆଉ ପାଇବୁ ନାହିଁ ତୁମର ଶୁଭାଶୀର୍ବାଦ ଆମ ଉପରେ ସଦାସର୍ବଦା ରହିଥାଉ, ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଉଣୀ, ଯାଆ, ଦିଅର, ଝିଆରୀ, ପୁତୁରା, ପରିବାର ଓ ବନ୍ଧୁବର୍ଗ।
ଧ-୨୧୧୪

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୧୫୧୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ‘ନୁଭୋନିର୍ମାଣ’ ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୮।୧୧

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ‘ନୁଭୋନିର୍ମାଣ’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ହେଉଛି ପ୍ରଥମ ଡାଇରେକ୍ଟ-ଟୁ-କଷ୍ଟମର ହୋମ୍ ଆସିଷ୍ଟ ଆପ୍। ବିଶେଷକରି ଏହା ଏକ ଅଲ୍-ଇନ୍-ୱାନ୍ ଡିଜିଟାଲ ପ୍ଲାଟ୍‌ଫର୍ମ, ଯାହା ସର୍ବନିମ୍ନ ନିର୍ମାଣ ସମୟ ଓ ସର୍ବନିମ୍ନ ନିର୍ଭରଶୀଳତା ସହିତ ଘର ନିର୍ମାଣ ପର୍ଯ୍ୟାୟଗୁଡ଼ିକରେ ଏକ ବିସ୍ତୃତ ଶୃଙ୍ଖଳାର ସୂଚନା ଓ ମାର୍ଗଦର୍ଶନକୁ ଅନ୍ତର୍ଭୁକ୍ତ କରିଛି। ଏପରିକି ନିର୍ମାଣ ସମ୍ପର୍କରେ ସୂଚନା ଦେବା ପାଇଁ ନୁଭୋନିର୍ମାଣ ଘର ନିର୍ମାଣର ପର୍ଯ୍ୟାୟ ସମ୍ପର୍କରେ ବିଶେଷଜ୍ଞତା ଶେୟାର କରିଥାଏ ଏବଂ ଉପଭୋକ୍ତାଙ୍କୁ ନୂତନ ଓ ସବୁଠାରୁ ଅଭିନବ ଉତ୍ପାଦଗୁଡିକ ସମ୍ପର୍କରେ ମଧ୍ୟ ସୂଚନା ଦେବା ସହ ଆର୍ଥିକ ପରାମର୍ଶ ମଧ୍ୟ ପ୍ରଦାନ କରିଥାଏ। ଉକ୍ତ ଆପ୍‌କୁ ବ୍ୟବହାରକରି ଇଣ୍ଡିଭିଜୁଆଲ ହୋମ୍ ବିଲ୍ଡର (ଆଇଏଚ୍‌ବି)ଙ୍କ ସମେତ ଉପଭୋକ୍ତାମାନେ ଏକାଧିକ ଫ୍ଲୋର୍ ପ୍ଲାନ୍ ଦେଖିପାରିବେ। ସେହିଭଳି ନିର୍ମାଣ ସାମଗ୍ରୀର ମୂଲ୍ୟକୁ ହିସାବ କରିପାରିବେ ଏବଂ ଆର୍ଟିକିଲ ଓ ଭିଡିଓ ମାଧ୍ୟମରେ ନିର୍ମାଣ ପର୍ଯ୍ୟାୟଗୁଡିକ ସମ୍ପର୍କରେ ଜାଣିପାରିବେ। ଏ ସମ୍ପର୍କରେ ନୁଭୋକୋର ଚିଫ୍ ଷ୍ଟ୍ରାଟେଜି ଓ ମାର୍କେଟିଂ ଅଫିସର ମଧୁମିତା ବାସୁ କହିଛନ୍ତି, ‘ବିଭିନ୍ନ ରିପୋର୍ଟ ଅନୁଯାୟୀ, ଭାରତୀୟ କନ୍‌ଷ୍ଟ୍ରକ୍ସନ ମାର୍କେଟ୍ ୨୦୨୨ରୁ ୨୦୨୭ ମଧ୍ୟରେ ୧୦% ଅଧିକ ବିକଶିତ ହେବ ବୋଲି ଆଶା କରାଯାଉଛି। ତେଣୁ ନୁଭୋନିର୍ମାଣ ମାଧ୍ୟମରେ ନୁଭୋକୋ ସମସ୍ତ ଗ୍ରାହକଙ୍କୁ ସେମାନଙ୍କ ଫିଙ୍ଗରଟିପ୍‌ରେ ଘର ନିର୍ମାଣ ସମ୍ପର୍କିତ ସମସ୍ତ ଅପ୍-ଟୁ-ଡେଟ୍ ସୂଚନା ଓ ଟୁଲ୍‌ଗୁଡିକ ପାଇଁ ଆକ୍‌ସେସ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# ଶିଶୁ ଓ ଅପସ୍ମାର

ଡା. ସନ୍ତୋଷ କୁମାର ଦାଶ

ଅପସ୍ମାର ରୋଗ ଯଦିଓ ଯେକୌଣସି ବୟସ୍କଙ୍କ ଠାରେ ଦେଖାଯାଏ, ହେଲେ ଶିଶୁଙ୍କ ଠାରେ ଏହି ରୋଗ ପରିବାର ପାଇଁ ଅଧିକ ଚିନ୍ତାର କାରଣ ସାଜିଥାଏ। ଏହି ରୋଗରେ ମସ୍ତିଷ୍କର କୋଷିକାଗୁଡ଼ିକ ଅତ୍ୟଧିକ ପରିମାଣରେ କାର୍ଯ୍ୟ କରିଥାଏ। ଯଦି ମସ୍ତିଷ୍କରେ କିଛି ବିଭ୍ରାନ୍ତ ଦେଖାଯାଏ ତା’ ହେଲେ ଜଣକୁ ଅପସ୍ମାର ରୋଗ ହୋଇଥାଏ। ଜଣେ ଲୋକକୁ ଗୋଟିଏ ଥରରୁ ଅଧିକ ଥର ବାତମାରେ ସେମାନଙ୍କୁ ଅପସ୍ମାର ରୋଗୀ ବୋଲି କୁହାଯାଏ।

**ରୋଗର କାରଣ:** ଅପସ୍ମାର ରୋଗର ଭିନ୍ନ ଭିନ୍ନ କାରଣ ଥାଏ। ଜନ୍ମହେବା ଶିଶୁର ଯଦି ମସ୍ତିଷ୍କରେ କିଛି ତ୍ରୁଟି ରହିଥାଏ ତା’ ହେଲେ ତାକୁ ବାରମ୍ବାର ବାତ ମାରିଥାଏ। ଶୈଶବ ଅବସ୍ଥାରେ ଶିଶୁମାନଙ୍କୁ ଜ୍ୱର ହେଲେ ମଧ୍ୟ ବାତ ମାରିଥାଏ, ଯାହାକୁ ପିହୁଳା ରୋଗ କୁହାଯାଏ। ଅନ୍ୟ କାରଣ ମଧ୍ୟରେ ମସ୍ତିଷ୍କ ଭିତରେ ସଂକ୍ରମଣ (ଇନ୍‌ଫେକ୍‌ସନ) ହେବା, ମସ୍ତିଷ୍କ ଭିତରେ ଟ୍ୟୁମର ହେବା, ମସ୍ତିଷ୍କରେ ଆଘାତ ଲାଗିବା, ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଇତ୍ୟାଦି ପ୍ରମୁଖ କାରଣ। ବେଳେ ବେଳେ ଯଦି ବାପ, ମାଆଙ୍କଠାରେ କାହାକୁ ବାତରୋଗ ଥାଏ ତାଙ୍କ ଶିଶୁମାନଙ୍କ ଠାରେ ବାତରୋଗ ହେବା ସମ୍ଭାବନା ଅଧିକ ଥାଏ। ବେଳେ ବେଳେ ଯଦି ଶରୀରରେ ରକ୍ତସର୍କରା ବା ସୁଗାର କମିଯାଏ, ଶରୀରରେ ଲବଣ ମାତ୍ରା କମିଯାଏ କିମ୍ବା ଅତ୍ୟଧିକ ମଦ୍ୟପାନ କଲେ ବାରମ୍ବାର ବାତ ମାରିଥାଏ।

**ଲକ୍ଷଣ:** ବାତରୋଗ ଅନେକ ପ୍ରକାରର ଥାଏ। ମୁଖ୍ୟତଃ ବାତ ମାରିବା ସମୟରେ ରୋଗୀ ହଠାତ୍ ମୂର୍ଚ୍ଛା ହୋଇଯାଏ, ତା’ର ମୁହଁ ଗୋଟିଏ ପାର୍ଶ୍ୱକୁ ବଙ୍କା ହୋଇଯାଏ, ହାତଗୋଡ଼ ଜୋରରେ ଥରିବାକୁ ଲାଗେ ତଥା ହାତଗୋଡ଼ ଶକ୍ତ ହୋଇଯାଏ। ରୋଗୀ ତା’ର ଜିଭ ବେଳେବେଳେ କାମୁଡ଼ିଦିଏ ଏବଂ କିଛି କ୍ଷେତ୍ରରେ ଝାଡ଼ା ପରିସ୍ରା ମଧ୍ୟ ହୋଇଯାଇଥାଏ। ରୋଗୀର ଏହି ସ୍ଥିତିଟି ୨/୩ ମିନିଟ୍ ଭିତରେ ଠିକ୍ ହୋଇଯାଏ ଏବଂ ରୋଗୀ ପୁନଶ୍ଚ ସାଧାରଣ ଅବସ୍ଥାକୁ ଆସିଯାଇଥାଏ। ଏହିଭଳି ଅସୁବିଧା ରୋଗୀକୁ ବାରମ୍ବାର ହୋଇଥାଏ। ଅନ୍ୟ କିଛି ବାତ ରୋଗରେ ରୋଗୀ ହଠାତ୍ କଥାର୍ବାତ୍ତା ବନ୍ଦ କରିଦିଏ, ହାତଗୋଡ଼ରେ ଝଟକା ଅନୁଭବ କରେ।

**ରୋଗ ଚିହ୍ନଟ:** ବାତରୋଗକୁ ଚିହ୍ନଟ କରିବାକୁ ହେଲେ ତିନୋଟି ପ୍ରମୁଖ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ। ପ୍ରଥମତଃ ପରିବାର ସଦସ୍ୟମାନଙ୍କଠାରୁ ବାତ ମାରିବା ସମୟରେ ରୋଗୀର ସମସ୍ତ ବିବରଣୀ ପଚାରି ଜାଣିବା ପରେ ଏହାର ଚିହ୍ନଟ ଅନେକ ସମୟରେ ଠିକ୍ ଭାବରେ କରାଯାଇପାରେ। ଅନ୍ୟ ଦୁଇଟି ଉପାୟ ମଧ୍ୟରେ ବହୁ କ୍ଷେତ୍ରରେ ଇଇଜି ଏବଂ ମସ୍ତିଷ୍କର ଏମ୍‌ଆର୍‌ଆଇ ସ୍କାନିଂ ଦ୍ୱାରା ଏହାର ଚିହ୍ନଟ କରାଯାଇଥାଏ।



ଏପିଲେପ୍ସି ବା ଅପସ୍ମାର ଏକ ସ୍ନାୟୁଜନିତ ପ୍ରମୁଖ ରୋଗ ଯାହାକି ଜନ୍ମ ହେବା ପର ଶିଶୁଙ୍କଠାରୁ ଆରମ୍ଭକରି ବୟସ୍କ ଲୋକ ପର୍ଯ୍ୟନ୍ତ ସର୍ଭିଙ୍କଠାରେ ଦେଖାଯାଇଥାଏ। ଏହି ରୋଗ ଦେଖାଦେବା ମାତ୍ରେ ଅନେକେ ବିଭିନ୍ନ ଦେଶୀ ଚିକିତ୍ସାର ସାହାଯ୍ୟ ନେଇଥାନ୍ତି ଯାହାକି ରୋଗୀ ପାଇଁ ଘାତକ ମଧ୍ୟ ହୋଇପାରେ। ତେଣୁ ଏହି ରୋଗର ଡାକ୍ତରୀ ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ମାସକୁ ବିଶ୍ୱ ଅପସ୍ମାର ସଚେତନତା ମାସ ଭାବେ ପାଳନ କରାଯାଉଛି...









**କ’ଣ କରିବା ଦରକାର:** ଯଦି କୌଣସି ରୋଗୀକୁ ହଠାତ୍ ବାତ ମାରେ ତେବେ ରୋଗୀକୁ ଗୋଟିଏ ସୁରକ୍ଷିତ ସ୍ଥାନରେ ଶୁଆଇ ଦିଅନ୍ତୁ ଯେପରିକି ତା’ ଶରୀରରେ କିଛି ଆଘାତ ନ ଲାଗେ। ରୋଗୀର ବାତ ମାରିବା ସମୟରେ ତା’ ନାକ, ପାଟି ଆଦୌ ବନ୍ଦ କରନ୍ତୁ ନାହିଁ। ରୋଗୀର ପାଟିରେ ଚାମଚ, ଚାବି ଆଦି ଜିନିଷ ପୂରାନ୍ତୁ ନାହିଁ। ବାତ ମାରିବା ସମୟରେ ରୋଗୀକୁ ଆଦୌ ପାଣି ପିଆନ୍ତୁ ନାହିଁ। ଯଦି ୩ରୁ ୫ମିନିଟ୍ ଭିତରେ ରୋଗୀ ଠିକ୍ ନ ହୁଏ ତା’ ହେଲେ ତାକୁ ଅତି ଶୀଘ୍ର ହସ୍ପିଟାଲ ନେଇଯାଆନ୍ତୁ।

**ଚିକିତ୍ସା:** ବାତରୋଗ ପାଇଁ ଚିକିତ୍ସା ପଦ୍ଧତି ମୁଖ୍ୟତଃ ୨ ପ୍ରକାର ହୋଇଥାଏ। ଗୋଟିଏ ମେଡିସିନ୍ ବା ଔଷଧୀୟ ଉପଚାର ଓ ଅନ୍ୟଟି ଅପରେଶନ ବା ସର୍ଜରି। ଶତକଡ଼ା ୭୦ ଭାଗ କ୍ଷେତ୍ରରେ ଔଷଧ ଦ୍ୱାରା ବାତରୋଗ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ରହିଥାଏ ବା କମିଯାଏ କିନ୍ତୁ ଶତକଡ଼ା ୩୦ ଭାଗ କ୍ଷେତ୍ରରେ ଅନେକ ଔଷଧ ଦେଲା ପରେ ବି ବାତରୋଗ ନିୟନ୍ତ୍ରଣ ହୋଇ ନ ଥାଏ ଏବଂ ରୋଗୀକୁ ଅପରେଶନ ବା ସର୍ଜରିର ଆବଶ୍ୟକତା ପଡ଼ିଥାଏ। ବାତରୋଗରେ ରୋଗୀକୁ ବହୁ ବର୍ଷ ଧରି ଔଷଧ ସେବନ କରିବାକୁ ପଡ଼ିଥାଏ। ତା’ ସହିତ ବେଳେ ବେଳେ ଏହି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଜରୁରୀ । ତେଣୁ ଏ ସମସ୍ତ ଜିନିଷ ଗୁଡ଼ିକୁ ବୁଝି ଆପଣ ନିୟମିତ ଔଷଧ ସେବନ କରିବା ଆବଶ୍ୟକ ।

– ଶିଶୁମାନଙ୍କୁ ଯଦି ବହୁ ଥର ବାତ ମାରେ ତା’ ହେଲେ ତା’ର ମସ୍ତିଷ୍କର ଅଭିବୃଦ୍ଧି ଏବଂ ବୁଦ୍ଧିର ବିକାଶରେ ବ୍ୟାଘାତ ଦେଖାଯାଇଥାଏ। ଏଣୁ ନିୟମିତ ଔଷଧ ସେବନ କରି ବାତରୋଗକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ବିବାହିତା ମହିଳାମାନଙ୍କୁ ଯଦି ବାତରୋଗ ଥାଏ ତେବେ ତାଙ୍କର ଗର୍ଭଧାରଣରେ ଏବଂ ଗର୍ଭସ୍ଥ ଶିଶୁ ଉପରେ ବାତ ରୋଗ ଔଷଧର ବହୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ମହିଳାମାନେ ଗର୍ଭଧାରଣ ପୂର୍ବରୁ ସ୍ନାୟୁରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ନିହାତି ଆବଶ୍ୟକ।

ତେବେ ଚଳିତ ବର୍ଷ ବିଶ୍ୱ ଅପସ୍ମାର ବା ଏପିଲେପ୍ସି ରୋଗ ସଚେତନତା ମାସର ମୂଳମନ୍ତ୍ର ଥିଲା – ଯାହାର ପରିବାରରେ ଫିଟ୍ସ ବା ଅପସ୍ମାର ରୋଗୀ ଅଛନ୍ତି ସେମାନଙ୍କ ପ୍ରତି ଆପଣ ଅଧିକ ଯତ୍ନବାନ୍ ହୁଅନ୍ତୁ, ସେମାନଙ୍କୁ ଭଲ ପାଆନ୍ତୁ ଏବଂ ସେମାନେ ପ୍ରତ୍ୟହ କିପରି ନିୟମିତ ଔଷଧ ସେବନ କରିପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ସ୍ନାୟୁରୋଗ ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ନିୟମିତ ଔଷଧ ସେବନ କରିବା ଦ୍ୱାରା ରୋଗୀ ଯେପରି ବାତରୋଗ ମୁକ୍ତ ଜୀବନଯାପନ କରିପାରିବ ସେ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ।

–ସ୍ନାୟୁରୋଗ ବିଶେଷଜ୍ଞ,
କିମ୍ସ ହସ୍ପିଟାଲ, ଭୁବନେଶ୍ୱର

# ଉପକାରୀ ଅଦା

ଅଦାରେ ଭରି ରହିଛି ପ୍ରଚୁର ପରିମାଣର ପୋଷାକ ତତ୍ତ୍ୱ ଯାହା କି ଶରୀରକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ...



- କାଶ ହେଉଥିଲେ ଅଦାରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ। ଏହା ଥଣ୍ଡା ମଧ୍ୟ ଦୂର କରିଥାଏ।
- ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।
- ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ଏହା ବେଶ୍ ଉପକାରୀ।
- ଭୋକ ନ ଲାଗିବା ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳେ। ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭–୮ ଦିନ ମଧ୍ୟରେ ଭୋକ ମଧ୍ୟ ଲାଗିବା ଆରମ୍ଭ ହୋଇଥାଏ।
- ଅଦାରସରେ ଜୁଆଣି, ସୈନ୍ଧବ ଲବଣ, ଲେମ୍ବୁରସ ମିଶାଇ ପ୍ରତିଦିନ ୨ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ବଦହଜମି, ଆମ୍ବିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟାରୁ ଉପଶମ ମିଳିଥାଏ।
- ଆଣ୍ଠୁ, ଗଣ୍ଠି ଯନ୍ତ୍ରଣା ହେଉଥିଲେ ଅଦାକୁ ଭଲ ଭାବେ ବାଟି ସେଥିରେ କର୍ପୂର ମିଶାଇ ଲଗାନ୍ତୁ ଅଳ୍ପ ସମୟ ମଧ୍ୟରେ ଆରାମ ମିଳିବ।
- ପାଟିରେ ଘା’ ବା ଛାଲ ହେଲେ ଖଣ୍ଡେ ଅଦାକୁ ଚୋବାଇ ଖାଇଲେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ।

# ଷ୍ଟାଇଲିଶ୍ କଲାର

ଆଜିକାଲି ପାର୍ଟି ଫଙ୍କ୍‌ସନ୍ ହେଉ ଅବା ଅଫିସ ପାଇଁ କଲାର ଥିବା ଡ୍ରେସ୍‌ର ଡିମାଣ୍ଡ ବେଶି । ତେବେ ଆପଣ ଜାଣନ୍ତି କି ଏହି ଫ୍ୟାଶନେବୁଲ୍ କଲାରର ବିଭିନ୍ନ ପ୍ରକାର ନାମ ରହିଛି...



କଲାର ଥିବା ଡ୍ରେସ୍ ପିନ୍ଧି ଫ୍ୟାଶନେବୁଲ ଲାଗିବା ସହ ଏଲିଗାଣ୍ଟ ଲୁକ୍ ମଧ୍ୟ ମିଳିଥାଏ। କଲାରର ଡ୍ରେସ୍ ପିନ୍ଧିବା ବେଳେ ବେକରେ କୌଣସି ଜୁଏଲେରି କିମ୍ବା ଆସେସରିଜ୍ କ୍ୟାରି କରିବାକୁ ପଡ଼ି ନ ଥାଏ। ତେବେ ଏହି କଲାର କେବଳ ଶାର୍ଟ ଫ୍ୟାଶନରେ ସୀମିତ ନାହିଁ ବରଂ କୁର୍ତ୍ତା, ବ୍ଲାଉଜ୍, ୱାନ୍‌ପିସ୍, ଟପ୍‌ରେ ମଧ୍ୟ ଏହା ବେଶ୍ ଆକର୍ଷଣୀୟ ଲାଗୁଛି।

– କ୍ଲାସିକ୍ କଲାର ଫର୍ମାଲ ଶାର୍ଟରେ ଦେଖାଯାଏ, ଯାହାକୁ ଆପଣ ଇଣ୍ଟରଭ୍ୟୁ କିମ୍ବା ଅଫିସ୍ ଡ୍ରେସ୍‌ରେ ଟ୍ରାଏ କରିପାରିବେ।



– ପଏଣ୍ଟ କଲାର ବହୁ ପୁରୁଣା ଷ୍ଟାଇଲ୍ ଭାବରେ ନିଆଯାଏ। ବେକରେ ଥିବା ଏହି କଲାର ପରସ୍ପରଠାରୁ ଦୂରତାରେ ଥାଆନ୍ତି। ଏହି କଲାର ଥିବା ଶାର୍ଟରେ ଟାଏକୁ ଭଲଭାବରେ ଫିଟ୍ କରି ମଧ୍ୟ ପିନ୍ଧିପାରିବେ।

– ପିଟର ପ୍ୟାନ୍ କଲାର ଦେଖିବାକୁ ପାଖୁଡ଼ା ପରି। ଏହି କଲାର ୧୯୦୦ ମସିହାର ଏକ ଉପନ୍ୟାସ କ୍ଲାଉଡାଇନ୍‌ରୁ ଆସିଥିଲା। ଉକ୍ତ ଉପନ୍ୟାସର ମୁଖ୍ୟ ଚରିତ୍ର କୋଲେଟ୍ ଏହି କଲାରର ପୋଷାକ ପିନ୍ଧିଥିଲେ, ଯାହାକୁ ସେତେବେଳେ କ୍ଲାଉଡାଇନ୍ କଲାର୍ କୁହାଯାଉଥିଲା। ଏହି କଲାରକୁ ଯୁବତୀମାନେ କ୍ୟାରି କରିବାକୁ ବେଶି ପସନ୍ଦ କରିଥାନ୍ତି। ଉକ୍ତ କଲାର ଯୁବତୀମାନଙ୍କ ପାଇଁ ଶାର୍ଟ, ୱାନ୍ ପିସ୍ କିମ୍ବା ଟପ୍‌ରେ ମଧ୍ୟ ଉପଲବ୍ଧ ହୋଇଥାଏ।

– ପୁରିଟାନ୍ କଲାର ଚାରିକୋଣିଆ ଭାବେ କାନ୍ଧ ଯାଏଁ ପଡ଼ିଥାଏ। ଏହା ଦେଖିବାକୁ ଯେପରି ଷ୍ଟାଇଲିଶ୍ ଏହାକୁ ପାର୍ଟି, ଫଙ୍କ୍‌ସନରେ ମଧ୍ୟ ପିନ୍ଧିପାରିବେ। ପୁରିଟାନ୍ କଲାର ଶାର୍ଟ ଏବଂ ବ୍ଲାଉଜ୍‌ରେ ଆକର୍ଷଣୀୟ ଲୁକ୍ ଦେଇଥାଏ।

ଖାଦ୍ୟରୁଚି

# ଚିକେନ୍ ଶାମି କବାବ୍

**ଆବଶ୍ୟକ ସାମଗ୍ରୀ:** ୧ କପ୍ ଚଣାଡାଲି, ୨ ଚାମଚ ତେଲ, ୧ ଚାମଚ ଲେଖାଏଁ ଜିରା ଏବଂ ଜୁଆଣି, ୨ ଚାମଚ ଲେଖାଏଁ ଧନିଆ ଏବଂ ଛୋଟ ଛୋଟ କଟାହୋଇଥିବା ରସୁଣ, ୨ ଖଣ୍ଡ ଡାଲଚିନି, ୭–୮ଟି ଲେଖାଏଁ ଲବଙ୍ଗ ଓ ଗୋଲମରିଚ, ୩ଟା ଶୁଖିଲା ଲଙ୍କା, ୧/୨ ଚାମଚ ଛୋଟ ଛୋଟ କଟାହୋଇଥିବା କଞ୍ଚାଲଙ୍କା, ୫୦୦ଗ୍ରାମ୍ ବୋନ୍‌ଲେସ୍ ଚିକେନ୍, ୧ କପ୍ ପାଣି, ୨ଟା କଞ୍ଚାଲଙ୍କା, ପତଳା କଟାହୋଇଥିବା ଅଦା ୧ ଚାମଚ, ଅଧାକପ୍ ଲେଖାଏଁ କଟା ଧନିଆପତ୍ର ଏବଂ ପୋଦିନା ପତ୍ର, ୨ଟି ଅଣ୍ଡା, ଲୁଣ ସ୍ୱାଦାନୁସାରେ।



**ପ୍ରସ୍ତୁତି ପ୍ରଣାଳୀ:** ଚଣାଡାଲିକୁ ୩୦ ମିନିଟ୍ ଭିଜାଇ ଦିଅନ୍ତୁ। ଏକ ପ୍ରେସରକୁକରରେ ତେଲ ଗରମ କରି ସେଥିରେ ଜିରା, ଲବଙ୍ଗ, ଗୋଲମରିଚ, ଡାଲଚିନି, ଧନିଆ, ଜୁଆଣି,ଶୁଖିଲା ଲଙ୍କା ଏବଂ କଟାହୋଇଥିବା କଞ୍ଚାଲଙ୍କା ପକାଇ ୧–୨ ମିନିଟ୍ ଭାଜି ଦିଅନ୍ତୁ। ସେଥିରେ ବତୁରାଯାଇଥିବା ଡାଲି ପକାଇ ଗୋଳାନ୍ତୁ। ଡାଲି ଅଳ୍ପ ଭାଜି ହୋଇଯିବା ପରେ ଚିକେନ୍, ଲୁଣ, ହଳଦୀ ଏବଂ ପାଣି ପକାଇ ଗୋଳନ୍ତୁ ଏବଂ ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ଚିକେନ୍ ସିଝି ପାଣି ମରିବା ପରେ ତାକୁ କାଢ଼ି ଥଣ୍ଡା କରନ୍ତୁ। ଥଣ୍ଡା ହେବା ପରେ ସବୁକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ପେଷ୍ଟରେ ଧନିଆପତ୍ର, ପୋଦିନାପତ୍ର, ଅଦା, ରସୁଣ, କଞ୍ଚାଲଙ୍କା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏଥିରେ କଞ୍ଚା ଅଣ୍ଡାକୁ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଉକ୍ତ ମିଶ୍ରଣକୁ ବରା ଭଳି ଆକାରରେ ପ୍ରସ୍ତୁତ କରନ୍ତୁ। ଏକ ତାୱା ଗରମ କରି ସେଥିରେ ତେଲ ପକାଇ ଗରମ କରନ୍ତୁ। ପ୍ରସ୍ତୁତ କରିଥିବା ବରାକୁ କଞ୍ଚା ଅଣ୍ଡାରେ ବୁଡ଼ାଇ ତାୱାରେ ଧୀରେ ଧୀରେ ଭାଜନ୍ତୁ। ଉଭୟ ପାର୍ଶ୍ୱ ଲାଲ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ଚିକେନ୍ ଶାମି କବାବ୍। ଏହାକୁ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ରୁହନ୍ତୁ ଟ୍ୟାନ୍ ଫ୍ରି



ଶୀତଦିନେ ଥଣ୍ଡା ପାଗରେ ଆରାମ ଲାଗିବା ପାଇଁ ଅଧିକ ସମୟ ସୂର୍ଯ୍ୟକିରଣରେ ରହିବାକୁ ଅନେକଙ୍କୁ ଭଲ ଲାଗେ। ହେଲେ ଏହାଦ୍ୱାରା ସନ୍‌ବର୍ନ ବା ଟ୍ୟାନିଂ ସମସ୍ୟା ଦେଖାଦିଏ। ଏହାକୁ ଦୂରକରିବା ଲାଗି କେତୋଟି ଘରୋଇ ଉପାୟ ଆପଣେଇ ପାରିବେ...

- ପ୍ରତିଦିନ ସାବୁନ୍ କିମ୍ବା ଲିକ୍ୱିଡ୍ ବଡିୱାଶ୍ ଲଗାଇ ଭଲ ଭାବେ ଗାଧେଇଲେ ପୁରୁଣା ଡେଡ୍ ସ୍କିନ୍ ବାହାରିଯିବା ଦ୍ୱାରା ବି କିଛି ମାତ୍ରାରେ ଟ୍ୟାନ୍ ସମସ୍ୟା ଦୂରହୋଇଯାଏ। ଏଥିପାଇଁ ଉଷୁମପାଣି ବ୍ୟବହାର କରିବା ଅଧିକ ଲାଭଦାୟକ।
- ଲେମ୍ବୁରସରେ ମହୁ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। କିଛି ସମୟ ରଖିବା ପରେ ଧୀରେ ଧୀରେ ପାଣିରେ ଧୋଇ ଦିଅନ୍ତୁ। ଏହା ଟ୍ୟାନ୍ ଦୂର କରିବାରେ ସାହାଯ୍ୟ କରିଥାଏ।
- ବେସନରେ ଲେମ୍ବୁରସ, ଦହି, ହଳଦୀ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ଟ୍ୟାନ୍ ସହଜରେ ଦୂର ହୋଇଥାଏ।
- କ୍ଷୀର ହଳଦୀ ପ୍ୟାକ୍ ଲଗାଇବା ବି ଟ୍ୟାନ୍ ସମସ୍ୟା ଦୂରକରିବା ଲାଗି ଲାଭଦାୟକ।
- ସାଣ୍ଡେଲ୍ ପାଉଡର, ଗୋଲାପଜଳ ଓ ଲେମ୍ବୁରସ ମିଶାଇ ପେଷ୍ଟ ପ୍ରସ୍ତୁତକରି ଟ୍ୟାନ୍ ହୋଇଥିବା ସ୍ଥାନରେ ୨୦ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ।
- କାକୁଡ଼ି ରସ ୧ ଚାମଚ, ଦହି ୧ ଚାମଚ, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁରସ ଏବଂ ୧ ଚାମଚ ସାଣ୍ଡେଲ୍ ପାଉଡର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହକୁ ୨–୩ ଥର ଏହି ପ୍ୟାକ୍ ଲଗାଇଲେ ଟ୍ୟାନ୍ ଦୂର ହୋଇଥାଏ।



# କୁଡୁସଙ୍କ ଗୋଲରେ ଘାନା ବିଜୟୀ

ଅଲ୍ ରାୟାନ, ୨୮।୧୧

ମହମ୍ମଦ କୁଡୁସଙ୍କ ଡବଲ ଗୋଲ ବଳରେ ଘାନା ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଜୁକେଶନ ସିଟି ଷ୍ଟାଡିୟମରେ ଏହି ଦଳ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରିଛି। ପୂର୍ବ ମ୍ୟାଚ୍‌ରେ ପର୍ତ୍ତୁଗାଲକୁ କଡ଼ା ଚ୍ୟାଲେଞ୍ଜ ଦେଇ ୨-୩ ଗୋଲରେ ହାରିଯାଇଥିବା ଘାନା ଏଠାରେ ବିଜୟ ଫଳରେ ୩ ପଏଣ୍ଟ ପାଇ ଗ୍ରୁପ୍ 'ଏଚ୍'ରୁ ନକ୍‌ଆଉଟକୁ ଉନ୍ନୀତ ଆଶା ଉଜ୍ଜୀବିତ ରଖିଛି। ମ୍ୟାଚ୍ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିବା ଘାନା ୨୪ତମ ମିନିଟରେ ମହମ୍ମଦ ସାଲିସୁଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ୩୪ତମ ମିନିଟ୍‌ରେ କୁଡୁସ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ କୋରିଆ ଉତ୍ସାହୀ ପ୍ରଦର୍ଶନ କରିଥିଲା। ୪ ମିନିଟ୍ ବ୍ୟବଧାନରେ ଚୋ ଗୁଇ-ସୁଙ୍ଗ୍ ୨ଟି ଯାକ ଗୋଲ ପରିଶୋଧ କରିଦେବାରୁ ମ୍ୟାଚ୍‌ରେ ରୋମାଞ୍ଚ ଆସିଥିଲା। ସେ ୫୮ ଓ ୬୧ତମ ମିନିଟରେ ୨ଟି ଗୋଲ ଦେଇ କୋରିଆ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ମାତ୍ର ଦଳର ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୬୮ତମ ମିନିଟ୍‌ରେ କୁଡୁସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରି ଘାନାକୁ ପୁଣି ବିଜୟ ପଥରେ ଅଗ୍ରସର କରାଇଥିଲେ। ଏହି ଗୋଲଟି ହିଁ ଶେଷରେ ଘାନାକୁ ୩ ପଏଣ୍ଟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।


ମହମ୍ମଦ କୁଡୁସ

### ଫିଫା ବିଶ୍ୱକପ (ଆଜିର ମ୍ୟାଚ)

**ଇକ୍ୱେଡର ବନାମ ସେନେଗାଲ**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ସମୟ: ରାତି ୮.୩୦

**ନେଦରଲାଣ୍ଡ୍ସ ବନାମ କାତାର**
ସ୍ଥାନ: ଅଲ ବାଏଟ ଷ୍ଟାଡିୟମ, ସମୟ: ରାତି ୮.୩୦

**ଇରାନ ବନାମ ଯୁକ୍ତରାଷ୍ଟ୍ର ଆମେରିକା**
ସ୍ଥାନ: ଅଲ ରାୟାନ୍ ଷ୍ଟାଡିୟମ, ସମୟ: ରାତି ୧୨.୩୦

**ୱେଲ୍ସ ବନାମ ଇଂଲଣ୍ଡ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ, ସମୟ: ରାତି ୧୨.୩୦

# ପଏଣ୍ଟ ଖାତା ଖୋଲିଲେ ସର୍ବିୟା, କାମେରୁନ୍

ଅଲ୍ ୱାକ୍ରା(କାତାର), ୨୮।୧୧

ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ପଏଣ୍ଟ ଖାତା ଖୋଲିଛନ୍ତି ସର୍ବିୟା ଓ କାମେରୁନ୍। ଅଲ୍ ଜାନୌବ ଷ୍ଟାଡିୟମରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ 'ଜି' ମ୍ୟାଚ୍‌ଟି ୩-୩ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ମିଳିଛି। ସଂଘର୍ଷପୂର୍ଣ୍ଣ ଭାବେ ଶେଷ ହୋଇଥିବା ମ୍ୟାଚ୍‌ରେ ପ୍ରଥମେ ଗୋଲ ଦେଇଥିଲେ କାମେରୁନର ଜନ୍-ଚାର୍ଲ୍ସ କାଷ୍ଟେଲେଟୋ। ସେ ୨୯ତମ ମିନିଟ୍‌ରେ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ମାତ୍ର କାଉଣ୍ଟର ଆକ୍ରମଣ କରି ସର୍ବିୟା ସଫଳ ରହିଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୧ ମିନିଟରେ ଷ୍ଟ୍ରାହିଞ୍ଜା ପାଭଲୋଭିଚ୍ ଏବଂ ୪୫+୩ ମିନିଟରେ ସର୍ଗେଜ ମିଲିନକୋଭିଚ-ସାଭିକ୍ ଗୋଲ ଦେଇ ସର୍ବିୟାକୁ ଅଗ୍ରଣୀ କରାଇଥିଲେ। କେବଳ ସେତିକି ନୁହେଁ, ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଆଲେକ୍‌ଜାଣ୍ଡର ମିଟ୍ରୋଭିଚ୍ ୫୩ତମ ମିନିଟରେ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ମାତ୍ର ପରେ କାମେରୁନ୍ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୬୩ତମ ମିନିଟ୍‌ରେ ଭିନ୍‌ସେଣ୍ଟ ଅବୁବାକର ଏବଂ ୬୬ତମ ମିନିଟ୍‌ରେ ଏରିକ ମାକ୍ସିମ ଚୌପୋ-ମୋଟିଂ ଗୋଲ ପରିଶୋଧ କରିଦେଇଥିଲେ। ମାତ୍ର ୩ ମିନିଟ୍ ମଧ୍ୟରେ ଏହି ୨ଟି ଗୋଲ ହୋଇଥିଲା। ଏହାପରେ ଉଭୟ ଦଳ ଅନେକଥର ସୁଯୋଗ ସୃଷ୍ଟି କରିଥିଲେ ଫିନିଶିଂ କରିପାରି ନ ଥିଲେ। କାମେରୁନ୍ ଏହାର ପ୍ରଥମ ମ୍ୟାଚ୍‌ରେ ସୁଇଜରଲାଣ୍ଡଠାରୁ ୦-୧ ଓ ସର୍ବିୟା ୦-୨ ଗୋଲରେ ବ୍ରାଜିଲଠାରୁ ହାରିଯାଇଥିଲା।

















































# ରାଜଧାନୀରେ ଗଙ୍ଗାଧରଙ୍କ ନାମରେ ହେବ ଭବନ

**ଭୁଲିଆ ସମାଜକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

- ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ କମିଟି ହୋଇ ନିଆଯିବ ନିଷ୍ପତ୍ତି
- ୨୦୨୪ରେ ଗଙ୍ଗାଧର ମେହେରଙ୍କ ଶତବାର୍ଷିକୀ ଭଲ ଭାବେ ଆୟୋଜନ ହେବ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ଜାତିର ଗର୍ବ ଓ ଗୌରବ। ତାଙ୍କର ଅନନ୍ୟ ସାରସ୍ୱତ ପ୍ରତିଭା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛି। ତାଙ୍କ କାଳଜୟୀ କୃତି କେବଳ ଓଡ଼ିଆ ନୁହେଁ, ଭାରତୀୟ ସାହିତ୍ୟ ଜଗତରେ ଅକ୍ଷୟ କୀର୍ତ୍ତିମାନ ସ୍ଥାପନ କରିଛି। ଏହି ମହାନ୍ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉପଯୁକ୍ତ ଭାବେ ଆୟୋଜନ କରିବା ନେଇ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜର ଏକ ପ୍ରତିନିଧି ଦଳ ସୋମବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ବୈଠକରେ କବିଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ ଏକ ଭବନ ନିର୍ମାଣ କରିବା ସହିତ ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ମାର୍ଚ୍ଚ ୨୦୨୪ରେ ଆୟୋଜନ କରାଯିବା ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନଙ୍କ ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୨୪ରେ ସ୍ୱଭାବ କବି ମେହେର ସମାଜ (ଭୁଲିଆ)କୁ ସଙ୍ଗଠିତ କରି ବରପାଲିଠାରେ ଏକ ମହାସଭା ଆୟୋଜନ କରିଥିଲେ। ଏହି ଭୁଲିଆ ସମାଜ ପରବର୍ତ୍ତୀ ସମୟରେ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜରେ ପରିଣତ ହୋଇଥିଲା। ତେଣୁ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲ ଛକ, ବ୍ରହ୍ମପୁର ଓ ସମ୍ବଲପୁରରେ ମଧ କବିଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏତଦ୍ ବ୍ୟତୀତ କବି ଗଙ୍ଗାଧର ମେହେରଙ୍କ ନାମରେ ୨୦୯୦ କୋଟି ଟଙ୍କାର ଗଙ୍ଗାଧର ମେହେର ଲିଫ୍ଟ କେନାଲ ସିଷ୍ଟମ ଜଳସେଚନ ଯୋଜନାର କାମ ଚାଲିଛି। ଏହା ୨୦୨୩ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ସମ୍ବଲପୁର ଗଙ୍ଗାଧର ମେହେର କଲେଜକୁ ୨୦୧୫ରୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଛି। ଶିକ୍ଷାର ପ୍ରସାର ନିମନ୍ତେ ୪୩୦ କୋଟି ଟଙ୍କାର ଓଡ଼ିଶା ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା କାର୍ଯ୍ୟକାରୀ କରାଯାଉଛି। କବି ମେହେରଙ୍କ ଅମ୍ଳାନ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଗତ ୨୦ ବର୍ଷ ମଧ୍ୟରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ପାଇଁ ପ୍ରତିନିଧି ଦଳ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# 'ଜଳବାୟୁ ପରିବର୍ତ୍ତନ ରୋକିବାରେ ବିଜ୍ଞାନ, ପ୍ରଯୁକ୍ତିର ଭୂମିକା ରହିଛି'

**ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ**

ସମ୍ବଲପୁର,୨୮।୧୧(ବ୍ୟୁରୋ)

ଓଡ଼ିଶା ବିଜ୍ଞାନ ଓ କଂଗ୍ରେସର ୨୩ତମ ଅଧିବେଶନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ରୋକିବାରେ ବିଜ୍ଞାନ ଓ ପ୍ରଯୁକ୍ତିର ଭୂମିକା ବିଷୟରେ ଦୁଇଦିନିଆ କର୍ମଶାଳା ହୋଇଥିଲା। ଓଡ଼ିଶା ପରିବେଶ ସମିତି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗର ମହାସଚିବ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନର ପୃଷ୍ଠଭୂମି, ପ୍ରଭାବ ଓ ତିକ୍ତତା ହ୍ରାସ ବିଷୟରେ ଆଲୋଚନା କରିଥିଲେ। ସମ୍ପ୍ରତି ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ଦେଖାଦେଇଛି। ପାଣିପାଗ ଜନିତ ପ୍ରକ୍ରିୟାରେ ଅନିୟମିତତା ଯୋଗୁ ବାତ୍ୟା, ବନ୍ୟା, ମରୁଡି, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟି ଧନଜୀବନ ହାନି ଘଟୁଛି। ତେଣୁ ବିଜ୍ଞାନ ଓ ପ୍ରଯୁକ୍ତି ନବପ୍ରବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ ନିମନ୍ତେ ଅଧିକ ପ୍ରୟୋଗ କରି ସମାଧାନ ପନ୍ଥା ନିରୂପଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କଲିକତା କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଉଭୟ ସ୍ଥଳଭାଗ ଓ ଜଳଭାଗସ୍ଥ ଜଳୀୟ ପରିସଂସ୍ଥାମାନ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷି ଓ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଖାଦ୍ୟ ନିରାପତ୍ତା ବ୍ୟାହତ ହେଉଛି ବୋଲି କହିଥିଲେ। ଓଡିଶା ପରିବେଶ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଜଳବାୟୁ ପରିବର୍ତ୍ତନ ଓ ଅନ୍ୟ ପରିବେଶୀୟ ସମସ୍ୟାର ସମାଧାନ ପନ୍ଥା ନିରୂପଣ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କଂଗ୍ରେସର ସ୍ଥାନୀୟ ଆବାହକ ଡ. ଅମରେଶ ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦିକା ଡ. ସ୍ମରଣିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ କାର୍ଯ୍ୟ ନିମନ୍ତେ ପାଇଁ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର, ପ୍ରଫେସର ଶଙ୍କରପ୍ରସାଦ ପତି, ପ୍ରଫେସର ହୃଷୀକେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅଧିବେଶନରେ ରାଜ୍ୟର ତଥା ଅନ୍ୟାନ୍ୟ ସ୍ଥାନରୁ ୫ଶହରୁ ଉର୍ଦ୍ଧ୍ୱ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଅଭିନନ୍ଦନ
ଦୈନିକ ଖବରକାଗଜ
'ଧରିତ୍ରୀ'ର ୪୯ତମ ସ୍ୱନକ୍ଷତ୍ର
ଅବସରରେ ସମସ୍ତ ଧରିତ୍ରୀ
ପରିବାରକୁ ଅନେକ ଅନେକ
ଶୁଭେଚ୍ଛା ଓ ଶୁଭ କାମନା।

ଭାଗୀରଥି ବେହେରା
ଅଧକ୍ଷ, ଗଞ୍ଜାମର କବିତା ଘର
ଲିଟେରାରି ଟ୍ରଷ୍ଟ, ଗଞ୍ଜାମ ତଥା
ଗୋଷ୍ଠୀ ଶିକ୍ଷାଧିକାରୀ, ଗଞ୍ଜାମ ବ୍ଲକ୍

ପରମପୂଜ୍ୟ ସ୍ୱାମୀ ରାମଦେବଜୀ ମହାରାଜଙ୍କ ଆଶୀର୍ବାଦରେ ପରିଚାଳିତ
ଜାରକା ପତଞ୍ଜଳୀ ଚିକିତ୍ସାଳୟ
ହରିଦ୍ୱାର ପତଞ୍ଜଳୀ ଯୋଗପୀଠର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଃଶୁଳ୍କ ପରାମର୍ଶ ନିଃଶୁଳ୍କ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷଣ। ଉଚିତ୍ ମୂଲ୍ୟରେ ଆଶ୍ରମ ଦ୍ୱାରା ତିଆରି ଔଷଧ ଓ ଖାଦ୍ୟ ସାମଗ୍ରୀ ଉପଲବ୍ଧ । ଯେଉଁ ଭାଇ ଓ ଭଉଣୀମାନେ ଏହି ସେବାର ଲାଭ ନେବାକୁ ଚାହାନ୍ତି ସେମାନେ ପତଞ୍ଜଳୀ ଆରୋଗ୍ୟ ସେବା କେନ୍ଦ୍ରକୁ ଆସି ଯୋଗାଯୋଗ ଓ ଆୟୁର୍ବେଦର ନିଃଶୁଳ୍କ ପରାମର୍ଶ ପ୍ରାପ୍ତ କରିପାରିବେ ।

Mob- 9437027310
ସଭାପତି
ଉତ୍କଳ ବିକାଶ ପରିଷଦ

କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ
ଯୋଗଗୁରୁ, ପତଞ୍ଜଳୀ ଯୋଗ ସମିତି,
ରୋଟାରିଆନ, ସମାଜସେବୀ
ପ୍ରଭାତୀ ବିଶ୍ୱାଳ
ପତଞ୍ଜଳୀ ଯୋଗ ଶିକ୍ଷୟିତ୍ରୀ
ଯୋଗାଯୋଗ: ଧର୍ମଶାଳା କଲେଜ ପାର୍ଶ୍ୱ କାର୍ଯ୍ୟାଳୟ
ଜାରକା, ଧର୍ମଶାଳା, ଯାଜପୁର



ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର
ଶୁଭ ଅବସରରେ
ଧର୍ମଶାଳାର ବିଧାୟକ ଶ୍ରୀଯୁକ୍ତ ପ୍ରଣବ
ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ କରି
ଜାରକା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ
କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।


ଶ୍ରୀ ସୁଦାମ ଚରଣ ବେହେରା
ସରପଞ୍ଚ
ଜାରକା ଗ୍ରାମପଞ୍ଚାୟତ
ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ
ସମିତି ସଭ୍ୟା
ଜାରକା ଗ୍ରାମପଞ୍ଚାୟତ

'ଧରିତ୍ରୀ' ର ୪୯ତମ ସ୍ୱନକ୍ଷତ୍ର ଶୁଭ ଅବସରରେ
ପ୍ରତ୍ୟେକ ରୋଜଗାରକ୍ଷମ ବ୍ୟକ୍ତି ନିଜ ଆୟର ସର୍ବନିମ୍ନ ୧%
(ଏକ ପ୍ରତିଶତ) ପୁସ୍ତକ ଓ ପତ୍ରିକା କ୍ରୟ କରିବା
ପାଇଁ ଅନୁରୋଧ।

ଶ୍ରୀ ପ୍ରଶାନ୍ତ କୁମାର ସାହୁ
ପ୍ରତିଷ୍ଠାତା- ପଲ୍ଲିଶ୍ରୀ, ଧର୍ମଶାଳା, ଯାଜପୁର

ସମ୍ବାଦ ଓ
ସାମ୍ବାଦିକତାରେ
ତିନିଗୋଟି
ଆଲୋଚନା
ପୁସ୍ତକ


ଡକ୍ଟର ପ୍ରିୟନାଥ ମହାପାତ୍ର
ପ୍ରକାଶକ-ବତୀଘର, ଚଣ୍ଡିଖୋଲ ଛକ, ଯାଜପୁର
ମୋ-୯୪୩୭୦୮୯୭୧୮



ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଶୁଭ ଅବସରରେ
ଧର୍ମଶାଳାର ସୁଦକ୍ଷ ବିଧାୟକ ଶ୍ରୀଯୁକ୍ତ ପ୍ରଣବ
ବଳବନ୍ତରାୟଙ୍କ ହାତରେ ହାତ ମିଳାଇ
ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ
କରିବା ପାଇଁ ନିବେଦନ।
ଧର୍ମଶାଳା ବିଜୁ ଜନତା ଦଳ,
ଯୁବ, ଛାତ୍ର, ମହିଳା ସଂଗଠନ


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉତ୍ସବ
ଶୁଭ ଅବସରରେ
ଧର୍ମଶାଳାବାସୀଙ୍କୁ ମୋର ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା।
ରାଜ୍ୟରେ ଏକ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ
ସରକାର ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ହାତମୁଠାକୁ
ଟାଣ କରିବା ପାଇଁ ବିନମ୍ର ନିବେଦନ।

ଶ୍ରୀମତୀ ସ୍ମୃତିରେଖା ପହି
ଧର୍ମଶାଳା ବିଜେପି ନେତ୍ରୀ

With Best Compliments From:
Sj. Rakesh Kumar Tripathy

INSPECTOR INCHARGE
DHARMASALA POLICE STATION
AMA POLICE
DHARMASALA, JAJPUR


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର
ଉତ୍ସବ ଶୁଭ ଅବସରରେ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ
ପଟ୍ଟନାୟକ ଓ ଧର୍ମଶାଳାର ବିଧାୟକ ଶ୍ରୀଯୁକ୍ତ
ପ୍ରଣବ କୁମାର ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱକୁ
ସୁଦୃଢ଼ କରି ଧର୍ମଶାଳାକୁ ପ୍ରଗତି ପଥରେ
ଆଗେଇ ନେବାପାଇଁ
ଦଳେ ଦଳେ ଯୋଗଦେବା।

ଶ୍ରୀଯୁକ୍ତ ଜଳଧର ମହାନ୍ତି
ଧର୍ମଶାଳା ବ୍ଲକ ବିଜେଡି ସଭାପତି

With Best Compliments From:
Sj. Srinibas Jena (Chagali)
ଉପଦେଷ୍ଟା
କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ

ବୃକ୍ଷ ହିଁ ଜୀବନ ।
ଗଛଟିଏ ଲଗାନ୍ତୁ ଏବଂ ପୁଅପରି ତା'ର ଯତ୍ନ ନିଅନ୍ତୁ।
Mob- 9437156188
BAJABATI, JARAKA, JAJPUR

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୨୯/୨୦୨୨ Dhenkanal, Tuesday, November 29/ 2022

# ଋତୁରାଜ ଗାଏକ୍ୱାଡ୍‌ଙ୍କ ବିଶ୍ୱ ରେକର୍ଡ

ଅହମ୍ମଦାବାଦ,୨୮।୧୧(ପି.ଟି.)

ବିଜୟ ହଜାରେ ଟ୍ରଫିରେ ଗୋଟିଏ ଓଭରରେ ୪୩ ରନ୍ ସଂଗ୍ରହ କରିବା ସହିତ ବିଶ୍ୱ ରେକର୍ଡ କରିଛନ୍ତି ମହାରାଷ୍ଟ୍ର ଅଧିନାୟକ ଋତୁରାଜ ଗାଏକ୍ୱାଡ୍। ସୋମବାର ଗୋଟିଏ ଓଭରରେ ୭ ଛକା ମାରିବା ସହିତ ଲିଷ୍ଟ ଏ ରେକର୍ଡ ନିଜ ନାମରେ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ର ୪୯ତମ ଓଭରରେ ସ୍ପିନର ଶିବା ସିଂଙ୍କୁ ସେ ୭ ଛକା ମାରିଥିଲେ। ଗୋଟିଏ ଓଭରରେ ୪୩ ରନ୍ ସଂଗ୍ରହ କରିବା ସହିତ ସେ ବ୍ରେଟ୍ ହାମ୍ପଟନ୍ ଓ ଜୋ କାର୍ଟରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ୨୦୧୮ ଫୋର୍ଡ ଟ୍ରଫିରେ ଉଭୟ ୱିଲେମ ଲୁଡିକଙ୍କ ଓଭରରେ ଏହି ରନ୍ କରିଥିଲେ। ବାମହାତୀ ସ୍ପିନର ଶିବା ନିଜ ଓଭରର ୫ମ ବଲରେ ଏକ ନୋ ବଲ୍ ମଧ୍ୟ ପକାଇଥିଲେ। ଓପନର ଭାବେ ବ୍ୟାଟିଂ ପାଇଁ ଆସିଥିବା ଗାଏକ୍ୱାଡ୍ ଇନିଂସ ଶେଷପର୍ଯ୍ୟନ୍ତ ବ୍ୟାଟିଂ କରିଥିବା ବେଳେ ୧୫୯ ବଲ ଖେଳି ୨୨୦ ରନ୍ କରିଥିଲେ। ଏହି ଇନିଂସରେ ୧୦ ଚୌକା ଓ ୧୬ ଛକା ସାମିଲ ଥିଲା। ଶିବାଙ୍କ ପ୍ରଥମ ବଲ୍ ଲୋ ଫୁଲଟସ୍ ରହିଥିବା ବେଳେ ଏହାକୁ ମିଡ୍ ଉଇକେଟ୍ ଉପରେ ଛକା ମାରିଥିଲେ ଗାଏକ୍ୱାଡ୍। ଦ୍ୱିତୀୟ ବଲକୁ ଷ୍ଟ୍ରେଟ୍ ଡ୍ରାଇଭ୍ ଛକା, ତୃତୀୟ ବଲ୍‌ଟି ଡିପ୍ ସ୍କୋୟାର ଲେଗ୍ ଉପରେ ଓ ୪ର୍ଥ ବଲ୍‌କୁ ଲଙ୍ଗ ଅଫ୍‌ରେ ଛକା ମାରିଥିଲେ ଗାଏକ୍ୱାଡ୍। ପଞ୍ଚମ ବଲଟି ନୋ ରହିଥିବା ବେଳେ ଏହା ମଧ୍ୟ ଲଙ୍ଗଅଫ୍‌ରେ ଛକା ମାରିଥିଲେ ଋତୁରାଜ। ଫ୍ରି ହିଟ୍‌କୁ ଲଙ୍ଗ ଅନ୍‌ରେ ଛକା ମାରିବା ସହିତ ଅନ୍ତିମ ବଲକୁ ମିଡ୍ ଉଇକେଟ୍ ଉପରେ ଛକାମାରି ରେକର୍ଡ କରିଥିଲେ ଋତୁରାଜ। ଏହାସହିତ ୬ ବଲରେ ୬ ଛକା ମାରି ଏକ୍ସକ୍ଲୁସିଭ୍ କ୍ଲବରେ ମଧ୍ୟ ସାମିଲ ହୋଇଛନ୍ତି। ସାର ଗ୍ୟାରିଫିଲ୍ଡ ସୋବର୍ସ, ରବି ଶାସ୍ତ୍ରୀ, ହରଶ୍ଚେଲ ଗିବ୍ସ, ଯୁବରାଜ ସିଂ, ରସ୍ ହ୍ୱିଟଲି, ହଜରତଉଲ୍ଲା ଜଜାଇ, ଲିଓ କାର୍ଟର, କିରନ ପୋଲାର୍ଡ ଏବଂ ଥିସାରା ପରେରା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି।



ଋତୁରାଜ ଗାଏକ୍ୱାଡଙ୍କ ୭ ଛକା।


ଓଡ଼ିଶା ଓମେନ୍ସ ଲିଗ୍‌ରେ ସୋମବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାଲେଣ୍ଟିନା, ମଧୁପ୍ରିୟା, ବ୍ରତତୀଙ୍କୁ ବ୍ରୋଞ୍ଜ୍

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

**ଦକ୍ଷିଣ ଏସୀୟ କରାଟେ**

ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭାଲେନା ଭାଲେଣ୍ଟିନା, ମଧୁପ୍ରିୟା ବାଇ ଓ ବ୍ରତତୀ ବିଶ୍ୱପ୍ରଭା ପତି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଭାଲେଣ୍ଟିନା ସିନିୟର ବ୍ୟକ୍ତିଗତ ମହିଳା କାଟା, ମଧୁପ୍ରିୟା କ୍ୟାଡେଟ୍ ବ୍ୟକ୍ତିଗତ ମହିଳା କାଟାର ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେଠାରେ ଶ୍ରୀଲଙ୍କା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ବ୍ରତତୀ କିନ୍ତୁ ସେମିଫାଇନାଲରେ ଶ୍ରୀଲଙ୍କା ପ୍ରତିଦ୍ୱନ୍ଦ୍ୱୀଙ୍କ ସମକକ୍ଷ ପଏଣ୍ଟ ପାଇଥିଲେ। ତେବେ ପ୍ରଥମ ପଏଣ୍ଟ ଭିତ୍ତିରେ ବ୍ରୋଞ୍ଜ ପଦକ ପାଇଥିଲେ। ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ଓ କୋଚ୍ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।






# ବଂଶିକା, ସିଦ୍ଧାର୍ଥଙ୍କୁ ଓଡ଼ିଶାର ନେତୃତ୍ୱ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

**ଏକ ଭାରତ ଶ୍ରେଷ୍ଠ ଭାରତ ଜାତୀୟ ରୋଲବଲ୍ ଚାମ୍ପିୟନଶିପ୍**

ରୋଲବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ପୁଣେଠାରେ ଏକ ଭାରତ ଶ୍ରେଷ୍ଠ ଭାରତ ଜାତୀୟ ରୋଲବଲ୍ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଉଭୟ ଦଳ ଅଂଶଗ୍ରହଣ କରିଛନ୍ତି। ବାଳିକାରେ ବଂଶିକା ଟିକ୍‌ମନି ଏବଂ ବାଳକରେ ସିଦ୍ଧାର୍ଥ ଦଳାଇ ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି। ଓଡ଼ିଶା ରୋଲବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ବାଳିକା ଦଳ:** ବଂଶିକା ଟିକ୍‌ମନି (ଅଧିନାୟିକା), ଆଦିତ୍ୟ ମଞ୍ଜରୀ ଦେବୀ, ପଲ୍ଲବୀ ସାହୁ, ଶ୍ରୀଜା ଶ୍ରୀ, ନାଦିରା ଶାହାବ। ଓଡ଼ିଶା ବାଳକ ଦଳ: ସିଦ୍ଧାର୍ଥ ଦଳାଇ (ଅଧିନାୟକ), ପ୍ରୀତିଶ୍ ଆର୍ଯ୍ୟନ ଜେନା, ଅଭିଜିତ ସ୍ୱାଇଁ, ସ୍ୱସ୍ତିକ ପ୍ରହରାଜ, ହିତାଂଶୁ ସାମନ୍ତରାୟ, ସନ୍ତୋଷ ସାହୁ।


ବଂଶିକା ଟିକ୍‌ମନି ଓ ସିଦ୍ଧାର୍ଥ ଦଳାଇ

## ସ୍ପୋର୍ଟ୍ସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭୁବନେଶ୍ୱର, ୨୮।୧୧ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ବିଜୟ ହାସଲ କରିଛି। ସ୍ପୋର୍ଟ୍ସ ଓଡ଼ିଶା ୩-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ସେହିପରି ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି।

# ଓଏଫ୍‌ସିର ମୁଖ୍ୟ ପାର୍ଟନର ଜିନ୍ଦଲ ପାନ୍ଥର୍ସ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ୍ ସୁପର ଲିଗ୍(ଆଇଏସ୍‌ଏଲ୍)ର ଓଡ଼ିଶା ଫ୍ରାଞ୍ଚାଇଜ ଓଡ଼ିଶା ଫୁଟ୍‌ବଲ୍ କ୍ଲବ୍(ଓଏଫ୍‌ସି)ର ମୁଖ୍ୟ ପାର୍ଟନର ରହିଛି ଜିନ୍ଦଲ ପାନ୍ଥର୍ସ। ସୋମବାର ଏନେଇ ଜିନ୍ଦଲ ପାନ୍ଥର୍ସ ଏବଂ ଓଏଫ୍‌ସି ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଆସନ୍ତା ସିଜନ୍‌ଗୁଡ଼ିକରେ ଜିନ୍ଦଲ ପାନ୍ଥର୍ସ ଓଏଫ୍‌ସିର ମୁଖ୍ୟ ପାର୍ଟନର ରହିବ। ଏକ ଖବରଦାତା ସମ୍ମିଳନୀରେ ଏହି ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଥିଲା। ପାନ୍ଥର୍ସ ପକ୍ଷରୁ ଜିନ୍ଦଲ ଷ୍ଟିଲ୍‌ର ମୁଖ୍ୟ ମାର୍କେଟିଙ୍ଗ୍ ଅଫିସର ସୁଶୀଲ କୁମାର ପ୍ରଧାନ ଏହି ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ଏହାସହିତ ଓଏଫ୍‌ସି ଓ ପାନ୍ଥର୍ସର ସହଯୋଗିତା ଫୁଟବଲ୍ କ୍ଲବକୁ ଗତି, ଶକ୍ତି ଓ ନମନୀୟତାର ଗୁଣ ପ୍ରଦାନ କରିବ। କ୍ରୀଡ଼ା ମାଧ୍ୟମରେ କମ୍ପାନୀ ସମାଜ ପ୍ରତି ଥିବା ନିଜ ଦାୟିତ୍ୱବୋଧ ପୂରଣ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଫୁଟ୍‌ବଲ, କ୍ରିକେଟ୍, ହକି, କବାଡ଼ି ଓ ଖୋ ଖୋ ପରି ଖେଳ ସହିତ ପାନ୍ଥର୍ସ ନିଜକୁ ସଂଶ୍ଳିଷ୍ଟ ରଖିଛି। କ୍ରୀଡ଼ା ସହ ଜଡ଼ିତ ରହି ଯୁବବର୍ଗଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି। ଉଭୟ ଓଏଫ୍‌ସି ଏବଂ ଜିନ୍ଦଲ ଓଡ଼ିଶାରେ ଫୁଟ୍‌ବଲକୁ ଆଗକୁ ନେବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି ଓଏଫ୍‌ସିର କ୍ଲବ ସଭାପତି ରାଜ୍ ଅଠୱାଲ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଦିଲ୍ଲୀ ଡାଇନାମୋ ରହିଥିବା ଏହି ଫୁଟ୍‌ବଲ କ୍ଲବଟି ୨୦୧୯ରେ ଓଡ଼ିଶା ସରକାରଙ୍କ ସହଯୋଗରେ ଓଏଫ୍‌ସି ନାମରେ ପୁନଃନାମିତ ହୋଇଥିଲା। ଓଡ଼ିଶାରେ ଫୁଟ୍‌ବଲ ବିପ୍ଳବ ଆଣିବା ଲକ୍ଷ୍ୟରେ ଏହା ୨୦୧୯ରେ ଆଇଏସ୍‌ଏଲ୍‌ରେ ଅଂଶଗ୍ରହଣ କରିଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ